RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ଜୁନ୍ ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**

**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ତୃତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଏ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 7, JUNE 2021, Issue No. III
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheenews.com

# ଏଇ ସଂଖ୍ୟାରେ...

| ଶୀର୍ଷକ | ଲେଖକ | ପୃଷ୍ଠା |
|---|---|---|
| **ପ୍ରବନ୍ଧ ବିଭାଗ** | | |
| ଶିଶୁ ନାଟକ : ଏକ ଆଲୋଚନା | - ନାଟ୍ୟକାର ଲିଙ୍ଗରାଜ ନାହାକ | ୦୭ |
| ଶ୍ରୀଜଗନ୍ନାଥ ସଂସ୍କୃତି ଓ ଉତ୍କଳ ଗୌରବ ମଧୁସୂଦନ | - ଅଧ୍ୟାପକ ପବିତ୍ର ମୋହନ ବାରିକ | ୧୨ |
| ବୃକ୍ଷ ଓ ପରିବେଶ | - ବି.ସତ୍ୟମ ଆଚାରୀ | ୧୬ |
| କର୍ମ-ଜ୍ଞାନ-ଭକ୍ତି ଓ ପରମାତ୍ମାଙ୍କ ସତ୍ତା | - ସୁଚିତ୍ରା ବେହେରା | ୧୭ |
| ଶ୍ରୀରାମଙ୍କ ଶୈଶବର ସାତୋଟି ସୂତ୍ର | - ଦୁଷ୍ମନ୍ତ ସାହ | ୧୯ |
| **ଗଳ୍ପ ବିଭାଗ** | | |
| ଅଧାଲେଖା ଚିଠି | - କୁଞ୍ଜ ବିହାରୀ ସାହ | ୨୦ |
| ପରିଚୟ | - ସୁନନ୍ଦା ମହାନ୍ତ | ୨୧ |
| ସମ୍ପର୍କର ରଙ୍ଗ | - କୃଷ୍ଣା ମିଶ | ୨୨ |
| ସପନ ରାଇଜେ ଭ୍ରମଣ | - ଶ୍ରୀ ଗୋବିନ୍ଦ ଚନ୍ଦ୍ର ଫାରଜ | ୨୪ |
| ଭାଗବଣ୍ଟା | - ଶ୍ରୀ ପ୍ରିୟରଞ୍ଜନ ସାହ | ୨୫ |
| ଦେବୀକୃପା | - ସତ୍ୟନାରାୟଣ ନନ୍ଦ | ୨୬ |
| ଟୋପାଏ ସିନ୍ଦୂର | - ପ୍ରଶାନ୍ତ କୁମାର ମହାପାତ୍ର | ୨୭ |
| ପ୍ରେତାତ୍ମା | - ସରୋଜ କୁମାର ଜେନା | ୨୮ |
| 'ମା'ର ଭୋକ' | - ଶ୍ରୀ ସତ୍ୟବ୍ରତ ସାହୁ | ୩୧ |
| ଅଜଣା ଝିଅ | - ପ୍ରତ୍ୟୁଷ ଦାସ | ୩୨ |
| ସ୍ୱପ୍ନ | - ସୁଜାତା ସାହୁ | ୩୩ |
| ଅନ୍ତର୍ଦାହ | - ଗାଳ୍ପିକ କେଶବ ଚନ୍ଦ୍ର ନାୟକ | ୩୫ |
| କରଜ | - ବନଲତା ସିଂହ | ୪୧ |
| **କବିତା ବିଭାଗ** | | |
| ଏବଂ ଏଇଠି | - ଆନନ୍ଦ କୁମାର ମାଇତି | ୪୩ |
| ପରିବେଶ | - ବାସନ୍ତି ଲତା ଜେନା | ୪୩ |
| ଯୋଗ | - ଶିଶୁ କବି ରୁଦ୍ରରୂପା ବ୍ରହ୍ମା | ୪୪ |
| କେଉଁଠି ଜାଳିବି ଦିହୁଡ଼ି | - ସଂଜୀବ କୁମାର ଦାଶ | ୪୪ |
| ବନ୍ଧୁତାର ପ୍ରତୀକ ତୁମେ | - ପ୍ରିୟଙ୍କା ପ୍ରିୟଦର୍ଶିନୀ ବାଉଳ | ୪୫ |
| ସରଗ ଆଖିରେ ଲୁହ ଜକେଇଲା | -ରତ୍ନାକର ରାଉତ | ୪୫ |
| ପ୍ରିୟା ତୁମେ ମୋର କେତେ ଦୂରେ | - କବୟତ୍ରୀ ମନୋରମା ମହାନ୍ତି | ୪୬ |
| କାନ୍ଦେ ଭୂମିମାତା | - ବନ୍ଦନା ମହାପାତ୍ର | ୪୬ |
| ସର୍ତ୍ତ | - ମନୀଷା ବିଶ୍ୱାଳ | ୪୭ |
| ଯୋଗ : ଏକ ଐଶ୍ୱରିକ ଚେତନା | - ପ୍ରଶାନ୍ତି ସ୍ୱାଇଁ | ୪୭ |

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ....................................................

ଠିକଣା ...................................... ପିନ୍‌କୋର୍ଡ଼ ......................

ମୋବାଇଲ୍ ନମ୍ବର ......................... ଇ-ମେଲ୍ ...........................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର...................................... ତାରିଖ...........................

ବ୍ୟାଙ୍କ୍.................................. ସ୍ଥାନ.....................................

ତାରିଖ.................................. ଦସ୍ତଖତ.....................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ଶିଶୁ ନାଟକ : ଏକ ଆଲୋଚନା

– ନାଟ୍ୟକାର ଲିଙ୍ଗରାଜ ନାହାକ

'ଶିଶୁ ନାଟକ' ଶିଶୁ କବିତା , ଶିଶୁ ଗଳ୍ପ ଓ ସର୍ବୋପରି ଶିଶୁ ସାହିତ୍ୟ ଏ ଭଳି ଶବ୍ଦ ଶୀର୍ଷକକୁ ନେଇ ଓଡ଼ିଆ ସାହିତ୍ୟରେ ଭିନ୍ନ ଭିନ୍ନ ମତ ସୃଷ୍ଟି ହୋଇଅଛି । ଶିଶୁଙ୍କ ପାଇଁ ଲେଖା ନା ଶିଶୁଙ୍କ ଦ୍ୱାରା ଲେଖା ଯାଇଥିବା ସାହିତ୍ୟ । ଏମିତି ଏକ ତର୍କ ମୂଳକ ଜିଜ୍ଞାସା ଶିଶୁର ସଂଜ୍ଞା ଖୋଜିଛି । ନଅ ବର୍ଷ ନା ଚଉଦ ବର୍ଷ ପିଲାଙ୍କୁ ଶିଶୁ କୁହାଯିବ । ଏ ସବୁର ବିତର୍କିତ ଶେଷରେ ସବୁଠୁ ଗ୍ରହଣୀୟ କଥାଟି ହେଉଛି ଶିଶୁମାନଙ୍କୁ ଉପଯୁକ୍ତ ସୁନାଗରିକ କରି ଗଢ଼ି ତୋଳିବାରେ ଯେଉଁ ସାହିତ୍ୟ ସାହାଯ୍ୟ କରେ ଓ ଶିଶୁଙ୍କ ରୁଚିଶୀଳ ହୁଏ, ତାହା ହିଁ ଶିଶୁ ସାହିତ୍ୟ । ତେଣୁ ଶିଶୁ ନାଟକ କହିଲେ ଶିଶୁମାନଙ୍କ ପାଇଁ ଲେଖା ଯାଉଥିବା ରୁଚିଶୀଳ ନାଟକ, ଏବେକୁ ସଫା ସଫା ଏହି ଅର୍ଥରେ ହିଁ ଗ୍ରହଣ କରାଯାଉଅଛି ।

ଶିଶୁ ସାହିତ୍ୟ ଏକ ପ୍ରଭାବଶାଳୀ ବିଭାଗ ହେଲା 'ଶିଶୁ ନାଟକ' । ପିଲାମାନଙ୍କ ପସନ୍ଦ କ୍ଷେତ୍ରରେ ଶିଶୁ ନାଟକର ସ୍ଥାନ ତୃତୀୟ । କାରଣ ନାଟକ ମଧ୍ୟରେ ଶିଶୁ କିଶୋରଗଣ ନିଜକୁ ଦେଖନ୍ତି ଓ ତା ମଧ୍ୟରେ ନିଜକୁ ପ୍ରକାଶ କରନ୍ତି । ସମାଜ ଜୀବନରେ ନାଟକର ପ୍ରଭାବ ଯେତେ କବିତା ଗଳ୍ପ ଉପନ୍ୟାସର ପ୍ରଭାବ ସେତେ ନୁହେଁ । ନାଟକ ମାଧ୍ୟମରେ ଦର୍ଶକଙ୍କୁ ଯେତେ ବେଶି ପ୍ରଭାବିତ କରିପାରିବ । ଗଳ୍ପ, ଉପନ୍ୟାସ, କବିତା ଦ୍ୱାରା ତାହା କରାଯାଇ ପାରିବ ନାହିଁ । ଉଚ୍ଚକୋଟିର ନାଟକ ଦେଖି ମଣିଷ ସତମାର୍ଗଗାମୀ ହୁଏ । ପୁଣି ନିମ୍ନସ୍ତରର ନାଟକ ତାକୁ କୁପଥଗାମୀ କରାଏ । ଶିଶୁ ନାଟକ କ୍ଷେତ୍ରରେ ମଧ୍ୟ ସମକଥା ପ୍ରଯୁଜ୍ୟ । ବରଂ ତତୋଧିକ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଶିଶୁ ଅବସ୍ଥା ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥା । ବାଲ୍ୟକାଳରେ ଯେଉଁ ଭଳି ଭାବରେ ଶୁଶୁ ଗଢ଼ି ଉଠେ । ସେହିଭଳି ଭାବରେ ତା'ର ଭଦ୍ର ବ୍ୟକ୍ତିତ୍ୱର ପରିପ୍ରକାଶ ଘଟେ । ତେଣୁ ଶିଶୁର ସର୍ବାଙ୍ଗୀନ ବିକାଶ ଲାଗି ଶିଶୁନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯେଉଁମାନେ ଏ ଯୁଗର ଶ୍ରେଷ୍ଠମାନବ ମହାତ୍ମାଗାନ୍ଧୀଙ୍କ ଜୀବନୀ ପାଠ କରିଥିବେ ସେମାନେ ଜାଣନ୍ତି ଗାନ୍ଧିଜୀ ତାଙ୍କର ବାଲ୍ୟାବସ୍ଥାରେ 'ହରିଶ୍ଚନ୍ଦ୍ର' ନାଟକ ଦେଖି କିପରି ଅନୁପ୍ରାଣିତ ଅର୍ଥାତ୍ ଶିଶୁମାନଙ୍କର ଏକ ଅଭାବବୋଧ କେବଳ ଶିଶୁ ନାଟକ ମାଧ୍ୟମରେ ହିଁ ଦୂର କରାଯାଇପାରିବ ।

ଶିଶୁ ନାଟକର କଥାବସ୍ତୁ –

ଶିଶୁ ଓ କିଶୋରମାନଙ୍କର ନାଟକର କଥାବସ୍ତୁ ସେମାନଙ୍କ ପାଇଁ ଉପଯୁକ୍ତ ହେବା ଆବଶ୍ୟକ । ଆଜିକାଲି ପିଲାମାନଙ୍କର ଚିନ୍ତାର ପରିସର କଳ୍ପନାର ବିସ୍ମିତ ଏବଂ ବୁଦ୍ଧିର ଗଭୀରତା ବହୁଗୁଣରେ ବଢ଼ି ଯାଇଛି । ସେଥିପାଇଁ ନାଟକ ପାଇଁ କଥାବସ୍ତୁ ନିର୍ଣ୍ଣୟ କଲାବେଳେ ସେହି ନାଟକ କେଉଁମାନଙ୍କ ପାଇଁ ଲେଖାଯାଉଛି ତାହା ଜାଣିବାକୁ ହେବ । ଶିଶୁ ଓ କିଶୋରମାନଙ୍କ ନାଟକର କଥାବସ୍ତୁ ସେମାନଙ୍କ ବୁଝିପାରିଲା ଭଳି ହେବା ଦରକାର । ଯଦି ନାଟକର କଥାବସ୍ତୁ ଅବୋଧ ହୁଏ । ଅଳ୍ପସମୟ ପରେ ପିଲାମାନେ ଆଉ ସେଥିରେ ମନଦେଇ ପାରନ୍ତି ନାହିଁ । ଯଦି ମତାନ୍ତର ନଥିବାରୁ ସେମାନେ ସେ ଭଳି ନାଟକ ଦେଖିବାକୁ ବାଧ୍ୟ ହୁଅନ୍ତି । ତେବେ ସେମାନେ ଅବିଳମ୍ୱେ ତାକୁ ଭୁଲିଯାଆନ୍ତି । ସେ ଭଳି ନାଟକ ସେମାନଙ୍କ ମନରେ କୌଣସି ପ୍ରଭାବ ପକାଇ ପାରେ ନାହିଁ । ଶିଶୁ ଓ କିଶୋରମାନଙ୍କ ଲାଗି କଥାବସ୍ତୁ ବାଛିଲା ବେଳେ ଆଉ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ମନେ ରଖିବାକୁ ପଡ଼ିବ । ସେ କାହାଣୀର ଏମିତି କିଛି ରହିବେନି ଯେଉଁଥିରୁ ପିଲାମାନେ କିଛି ମନ୍ଦକଥା କିଛି ଭୁଲ କଥା ଶିଖିବେ । ଆଉ ଗୋଟିଏ କଥା ମନେ ରଖିବାକୁ ହେବ । ପିଲାମାନେ ଅସମ୍ଭବ କୌଣସି କାହାଣୀ ପସନ୍ଦ କରନ୍ତି ନାହିଁ । ଆମର ଲୋକକଥା ଓ କିମ୍ୱଦନ୍ତୀ ମାନଙ୍କରେ ଅନେକ ସମୟରେ ଏମିତି କାହାଣୀ ବର୍ଣ୍ଣନା ହୋଇଥାଏ । ଯଦି ତାକୁ ନାଟକର କଥାବସ୍ତୁ ଭାବରେ ଗ୍ରହଣ କରିବାକୁ ହୁଏ । ତେବେ ତାକୁ ମଧ୍ୟ ସମ୍ଭବର ସୀମା ମଧ୍ୟକୁ ଆଣିବାକୁ ହେବ । ଭୂତ, ରାକ୍ଷସ ଏମାନଙ୍କ କଥା କହିଲେ ପିଲାମାନଙ୍କ ମନରେ ଭୟ ଆସେ । ପିଲାମାନଙ୍କ ଭୟ ଲାଗିଲା ଭଳି କୌଣସି କଥା ଆଦୌ ରହିବା ଉଚିତ ନୁହେଁ । ଠିକ୍ ସେମିତି କଥାବସ୍ତୁ ବାଛିଲା ବେଳେ ସେଥିରେ ଅଯୌକ୍ତିକ କିଛି ଯେମିତି ନଥାଏ । ଉଦାହରଣ ସ୍ୱରୂପ କୁହାଯାଇପାରେ ଭଲ କାମ କଲେ ସେଥିରୁ ଭଲ ଫଳ ମିଳେ । ଏକଥା ଯୁକ୍ତିଯୁକ୍ତ ଏବଂ ପିଲାଦିନୁ ଏଇ କଥା ପିଲାମାନେ ଶିଖିବା ଉଚିତ । ଯଦି କହାଣୀଟିରେ ପିଲାମାନଙ୍କ ପରିବେଶ ଓ ସେମାନଙ୍କ ଜୀବନ ସହିତ ସାମଞ୍ଜସ୍ୟ ରହିଥାଏ ତେବେ ସେଥିରେ ପିଲାମାନେ ଅଧିକ ପ୍ରଭାବିତ ହୋଇଥାନ୍ତି । ନାଟକର କଥାବସ୍ତୁ ଭାବରେ ଆଜିକାଲି ଦୁନିଆର ପିଲାମାନଙ୍କ ସମସ୍ୟା ଓ ତାର ସମାଧାନ ବିଷୟ ବି ଅବତାରଣା କରାଯାଇପାରେ । ନାଟକର କଥାବସ୍ତୁ ସହଜ, ସରଳ ହେବା ଭଳି ତା'ର ଭାଷା ମଧ୍ୟ ସେଇ ଭଳି ହେବା ଦରକାର । କଥାବସ୍ତୁ ବାଛିଲା ବେଳେ ଯଦି ସମ୍ଭବ ହୁଏ ସେଥିରେ ଗୀତ ବା ବାଦ୍ୟ ବ୍ୟବହାର କରିବାର ସୁଯୋଗ ଥିଲେ ପିଲାଙ୍କୁ ସେ ନାଟକ ବେଶି ଭଲ ଲାଗେ । ଗୀତର କଥା ମାଧ୍ୟମରେ ଶିଖିବା ଭଳି କିଛି କଥା ଯଦି ବାରମ୍ୱାର ଆବୃତ୍ତି କଲା ଭଳି ଥାଏ ତାହେଲେ ତାକୁ ଶିଖି ମନେ ରଖି ପିଲାମାନେ ନିଜେ ଗାଆନ୍ତି ।

ଶିଶୁ ନାଟକର ରଙ୍ଗମଞ୍ଚ –

ସାଧାରଣତଃ ବଡ଼ମାନଙ୍କର ନାଟକ ଅଭିନୟ ମଞ୍ଚ ତିଆରି ହୋଇଥାଏ । ଯେଉଁ ମଞ୍ଚ କି ୨୧"×୧୮" ଫୁଟ ବା ୧୫"×୧୦" ଫୁଟ ମାପରେ ଗଠନ କରାଯାଇଥାଏ । ତେଣୁ ଶିଶୁ ନାଟକ ଉପଯୋଗୀ ମଞ୍ଚର ମାପ ଏବଂ ଏଥିରେ ବ୍ୟବହାର ପାଇଁ ସାମଗ୍ରୀ ଇତ୍ୟାଦିକୁ ଯଦି ଅତି ସାଧାରଣ ଭାବେ ନିର୍ମାଣ କରାଯାଏ

ଏବଂ ସେଥିରେ ଅତ୍ୟଧିକ ପର୍ଦ୍ଦା, ସିନ, ସେଟିଂ ଇତ୍ୟାଦି ବ୍ୟବହାରକୁ ସରଳ କରାଯାଏ ତେବେ ମଞ୍ଚର ସ୍ୱତନ୍ତ୍ର ସାଜସଜ୍ଜା ବ୍ୟାହତ ନ ହେବାର ସମ୍ଭାବନା । ଏଥିପାଇଁ ସ୍ୱତନ୍ତ୍ର ସାଜସଜ୍ଜା ଶିଶୁନାଟକ ଭିତ୍ତିକ କରିବାକୁ ହେଲେ ମଞ୍ଚର ଗଠନ ପ୍ରଣାଳୀ ଏବଂ ମଞ୍ଚ ଉପକରଣ ତଥା ଶିଶୁଶିଳ୍ପିମାନଙ୍କର ଅଭିନୟ ପରାକାଷ୍ଠା ମଧ୍ୟରେ ଭାରସାମ୍ୟ ରହିବା ଦରକାର ।

ଶିଶୁ ଉପଯୋଗୀ ରଙ୍ଗମଞ୍ଚର ଏପରି ସାଜସଜ୍ଜା ହେବା ଉଚିତ । ଯେପରିକି ଶିଶୁ ଶିଳ୍ପୀମାନେ ରଙ୍ଗମଞ୍ଚକୁ କ୍ରୀଡ଼ାଙ୍ଗନା ବୋଲି ଅନଭବ କରିବେ । ଶିଶୁନାଟକ ଅଭିନୟର ସମୟ ମାତ୍ର ଏକ ଘଣ୍ଟା । ସେଥିରେ ଯଦି ବାରମ୍ବାର ସାମନା ସ୍କ୍ରିନ୍ ନିକ୍ଷେପ ହୁଏ, ତେବେ ଦର୍ଶକବୃନ୍ଦଙ୍କ ମନରେ ବିରକ୍ତି ସୃଷ୍ଟି ହେବା ସମ୍ଭାବନା । ତେଣୁ ମଞ୍ଚର ସରଳୀକରଣକୁ ଦୃଷ୍ଟିରେ ରଖି ନିର୍ଦ୍ଦେଶକ ବୃନ୍ଦ ନିର୍ଦ୍ଦେଶନା ଓ ନାଟ୍ୟକାରମାନେ ନାଟକ ରଚନା ଦିଗରେ ବିହିତ ପଦକ୍ଷେପ ନେବା ଉଚିତ୍ ।

ଶିଶୁ ନାଟକର ସୀମା ଓ ଅବଧି -

ଶିଶୁ ନାଟକ ଶିଶୁମାନଙ୍କୁ ଆନନ୍ଦ ଉତ୍ସାହ ପ୍ରେରଣା ଦେବା ସଙ୍ଗେ ସଙ୍ଗେ ଏକ ଶିକ୍ଷଣୀୟ ବାର୍ତ୍ତା ଦେବାକୁ ଉଦ୍ଦିଷ୍ଟ । ସେଥିପାଇଁ ଶିଶୁନାଟକ ରଚନା କଲାବେଳେ ନାଟ୍ୟକାର ଚରିତ୍ର ସୃଷ୍ଟି ଓ ନାଟକର ବିଷୟବସ୍ତୁ ପ୍ରତି ବିଶେଷ ଧ୍ୟାନ ଦେଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ନାଟକଟି କେଉଁ ବୟସ ସୀମାର ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ । ତିନି ବର୍ଷରୁ ପାଞ୍ଚବର୍ଷ ଅଥବା ପାଞ୍ଚବର୍ଷରୁ ଆଠବର୍ଷ ଅଥବା ଆଠ ବର୍ଷରୁ ବାରବର୍ଷ, ବାରବର୍ଷରୁ ଉର୍ଦ୍ଧ୍ୱ କିଶୋର ଦର୍ଶକମାନଙ୍କ ପାଇଁ ତିନିବର୍ଷରୁ ପାଞ୍ଚବର୍ଷର ଶିଶୁଟିଏ ତା ଚାରିପାଖରେ ଦେଖୁଥିବା ପୋଷା ଜୀବଜନ୍ତୁ, ଫୁଲ, ଫଳ, କଣ୍ଢେଇ, ଖେଳନାକୁ ଭଲପାଏ । ବେଳେବେଳେ ତାକୁ ସେ ମଣିଷ ପରି ମନେ କରି ସେମାନଙ୍କ ସହିତ କଥାବାର୍ତ୍ତା କରେ । ସେମାନଙ୍କୁ ଅନେକ ପ୍ରଚାରି ସେମାନଙ୍କ ଠାରୁ ଉତ୍ତର ଆଶା କରେ । ଉତ୍ତର ନ ପାଇଲେ ସେ ନିଜେ ନିଜେ ତାର ଉତ୍ତର ଦେଇଥାଏ । ତେଣୁ ତିନିବର୍ଷରୁ ପାଞ୍ଚବର୍ଷର ଶିଶୁମାନଙ୍କ ପାଇଁ ନାଟକର ଚରିତ୍ରଗୁଡ଼ିକ, ପଶୁପକ୍ଷୀ ଫଳଫୁଲ, କଣ୍ଢେଇ, ପରୀ ମଧ୍ୟରେ ସୀମାବଦ୍ଧ ହେବା ଆବଶ୍ୟକ । ଶିଶୁର ମନ ସବୁବେଳେ ଅଥୟ ଓ ଚଞ୍ଚଳ । ତେଣୁ ଏ ବୟସର ଶିଶୁମାନଙ୍କ ପାଇଁ ନାଟକର ଅବଧି ପନ୍ଦର ମିନିଟରୁ ଅଧଘଣ୍ଟା ମଧ୍ୟରେ ସୀମାବଦ୍ଧ ହେବା ଆବଶ୍ୟକ ଚରିତ୍ରଗୁଡ଼ିକର ସଂଖ୍ୟା ଦଶଜଣ ଭିତରେ ରହିବା ଭଲ ।

ପାଞ୍ଚବର୍ଷରୁ ଆଠବର୍ଷର ଶିଶୁମାନେ ଧୀରେଧୀରେ ସେମାନଙ୍କର ମାନସିକ ବିକାଶ ସହିତ ତାଙ୍କ ଚାରିପାଖର ଚରିତ୍ରମାନଙ୍କ ସହିତ ସଂପର୍କ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି । ତେଣୁ ପାରିବାରିକ ବିଷୟବସ୍ତୁ ଓ ଚରିତ୍ର ମାଧ୍ୟମରେ ଶିଶୁମାନଙ୍କୁ କିଛି କିଛି ଶିକ୍ଷଣୀୟ ବସ୍ତୁଦେବା ଆବଶ୍ୟକ । ଏହାର ଚରିତ୍ର ସଂଖ୍ୟା ୧୦ ମଧ୍ୟରେ ସୀମିତ ଓ ଏ ବୟସ ଶିଶୁମାନଙ୍କର ନାଟକର ଅବଧି ତିରିଶ ମିନିଟରୁ ପଇଁତାଳିଶ ମିନିଟ ମଧ୍ୟରେ ସୀମାବଦ୍ଧ ହେଲେ ଭଲ । କାରଣ ନାଟକର ବିଷୟବସ୍ତୁ ଅଧିକ ସମୟ ଦେଲେ ଶିଶୁମାନେ ଏହାକୁ ଉପଭୋଗ ନ କରି ଅନ୍ୟମନସ୍କ ହୋଇ ଥାନ୍ତି ।

ଆଠବର୍ଷରୁ ବାରବର୍ଷର ଶିଶୁମାନଙ୍କୁ କ୍ରମେ ପୌରାଣିକ ଚରିତ୍ର, ଐତିହାସିକ, ସାମାଜିକ ଚରିତ୍ର ସହିତ ନାଟକ ମାଧ୍ୟମରେ ପରିଚିତ କରାଯିବା ଆବଶ୍ୟକ । ସାମାଜିକ ନାଟକରେ ଏପରି ସରଳ ଓ ସୁସ୍ପଷ୍ଟ ବାର୍ତ୍ତାଟିଏ ଦେବାକୁ ପଡ଼ିବ ଯହିଁରେ ନାଟକର ମୁଖ୍ୟ ଭୂମିକାରେ ଅଂଶ ଗ୍ରହଣ କରୁଥିବା ଚରିତ୍ରଟି ଶିଶୁମାନଙ୍କ ମନରେ ଗଭୀର ରେଖାପାତ କରି ସାରା ଜୀବନ ପ୍ରଭାବିତ କରିପାରିବ । ଠିକ୍ ଯେପରି ହରିଶ୍ଚନ୍ଦ୍ର ଓ ଶ୍ରବଣକୁମାର ଚରିତ୍ର ଦୁଇଟି ଦେଖି ମହାତ୍ମାଗାନ୍ଧୀ ଆବାଲ୍ୟରୁ ପ୍ରଭାବିତ ହୋଇଥିଲେ । ଏହାର ଚରିତ୍ରର ସୀମା କୌଣସି ମତେ ଦଶରୁ ଅଧିକ ହେବା ଉଚିତ ନୁହେଁ । ଏ ନାଟକ ଗୁଡ଼ିକ ଏକ ଘଣ୍ଟ ମଧ୍ୟରେ ସୀମାବଦ୍ଧ ହେଲେ ଭଲ ।

ବାରବର୍ଷରୁ ଉର୍ଦ୍ଧ୍ୱ କିଶୋରମାନଙ୍କ କ୍ଷେତ୍ରରେ ଆମେ ବିଶେଷ ସତର୍କତାର ସହ ନାଟକ ସୃଷ୍ଟି କରିବା ଆବଶ୍ୟକ । କାରଣ ଏହି ସମୟରେ କିଶୋର ଯୌବନାବସ୍ଥାରେ ପଦାର୍ପଣ କରିବାକୁ ପ୍ରସ୍ତୁତ ହେଉଥାଏ । ସେ ଉନ୍ମାଦପୂର୍ଣ୍ଣ ବିଷୟବସ୍ତୁକୁ ବିଶେଷ ଭାବରେ ଆଦିର ନିଏ ଆମେ ଯଦି ବାଜିରାଉତ, ରାଣାପ୍ରତାପ, ବାଘାଯତିନ, ବିବେକାନନ୍ଦ, ଝାନସୀରାଣୀ ପ୍ରଭୃତିଙ୍କ ଚରିତ୍ର ସେମାନଙ୍କ ନିକଟରେ ଉପସ୍ଥାପିତ କରୁ ସେ ଗୁଡ଼ିକ ଚରିତ୍ର ଗଠନ ସତ୍ତାକୁ ଦେଶପ୍ରେମରେ ଉଦବୁଦ୍ଧ କରିପାରିବ । ତାଙ୍କ ପାଇଁ ସାମାଜିକ ନାଟକରେ ଏପରି ସବୁ ଚରିତ୍ର ସୃଷ୍ଟି କରିପାରିବ । ତାଙ୍କ ପାଇଁ ସାମାଜିକ ନାଟକରେ ଏପରି ସବୁ ଚରିତ୍ର ସୃଷ୍ଟି କରିବାକୁ ପଡ଼ିବ । ଯଦ୍ୱାରା ଏକ ନିଷ୍କଳଙ୍କ ସମାଜ ଗଠନ ପାଇଁ ସେମାନେ ନିଜକୁ ପ୍ରସ୍ତୁତ କରିପାରିବେ । ଏ ନାଟକଗୁଡ଼ିକର ଚରିତ୍ରର ସୀମା ସାତୋଟିରୁ ଆଠଟି ମଧ୍ୟରେ ରହିବା ଦରକାର ଓ ଅବଧି ଏକ ଘଣ୍ଟାରୁ ଦେଢ଼ଘଣ୍ଟା ମଧ୍ୟରେ ସୀମିତ ହେବା ଆବଶ୍ୟକ ।

ଶିଶୁ ନାଟକର ସଂଳାପ -

ଶିଶୁ ସଂଳାପ ଶିଶୁନାଟକରପ୍ରାଣ । ନାଟକର ଭାବ ବିନିମୟର ଏକ ବଳିଷ୍ଠ ମାଧ୍ୟମ ସଂଳାପ । ରଚନା କଲାବେଳେ ଶିଶୁମାନେ ନିଜ ନିଜ ଭିତରେ ଯେପରି କଥାବାର୍ତ୍ତା କରନ୍ତି ସେପରି ସଂଳାପ ଶିଶୁନାଟକରେ ହେବା ଉଚିତ । ଏହି ସଂଳାପ କେତେବେଳେ ମଣିଷ କେତେବେଳେ ଜୀବଜନ୍ତୁ ଅଥବା କେତେବେଳେ ଆଲୋକ ସଂପାତ ଦ୍ୱାରା ପ୍ରକାଶିତ ହୋଇଥାଏ । ପୁନଶ୍ଚ ସଂଳାପ ଦୁଇଗୋଟି ସ୍ତରରେ ପ୍ରକାଶ ପାଇଥାଏ । ଗୋଟିଏ ଗଦ୍ୟ ଏବଂ ଅନ୍ୟଟି ପଦ୍ୟ ବା ସଙ୍ଗୀତ ମାଧ୍ୟମରେ ।

ଗଦ୍ୟଧର୍ମୀ ନାଟକ ବା ଗଦ୍ୟ ସଂଳାପ ବିଶିଷ୍ଟ ନାଟକକୁ ପିଲା ବାସ୍ତବତା ମଧ୍ୟରେ ଗ୍ରହଣ କରିଥାଏ । ସେ ଦୈନନ୍ଦିନ ଜୀବନରେ ଯେଉଁ ସବୁ ଚରିତ୍ରଙ୍କ ଘଟଣା ଦେଖେ ବା ଶୁଣେ ଏକ ନିର୍ଦ୍ଦିଷ୍ଟ ପରିବେଶରେ ସେହିପରି କଥା ଶୁଣିଲାବେଳେ ତା ମନରେ ଏକ ସ୍ୱାଭାବିକ ପରିବେଶ ସୃଷ୍ଟି ହୋଇଥାଏ । ତେଣୁ ତାହାକୁ ଗ୍ରହଣ କରିବାକୁ ସହଜ ହୋଇଥାଏ । ତାହାର ଭାବ ପ୍ରକାଶ ଓ ଭାବର ଆବେଗ ପ୍ରକାଶ କରିବାକୁ ତାକୁ ସୁବିଧା ହୋଇଥାଏ ।

ପଦଧର୍ମୀ ସଂଳାପ ବା ସଙ୍ଗୀତଧର୍ମୀ ସଂଳାପ ଅବଶ୍ୟ ପିଲାଙ୍କୁ ଅଧିକ ଆକର୍ଷିତ କରିଥାଏ । କାରଣ ସଙ୍ଗୀତଧର୍ମୀ ସଂଳାପରେ କେବଳ

ଭାବ ଓ ଭାଷା ନଥାଏ ଅଧିକନ୍ତୁ ସ୍ୱରର ଆରୋହ ଅବରୋହରେ ଏକ ଛନ୍ଦ ରହିଥାଏ । ସ୍ୱରର ପ୍ରଭାବ ସହିତ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ରର ଧ୍ୱନୀ ଏହି ସ୍ୱରକୁ ଅଧିକ ପରିପୁଷ୍ଟ କରିଥାଏ । ପରିଣାମରେ ପିଲାଙ୍କ ମନକୁ ଏହା ଅଧିକ ଆନ୍ଦୋଳିତ କରିଥାଏ । ପୁନଶ୍ଚ ଗଦ୍ୟ ସଂଳାପ ଉଚ୍ଚାରଣରେ ଆଙ୍ଗିକ ଅଭିନୟ ଯେଉଁ ପରିମାଣରେ ରୂପ ପାଇଥାଏ । ସଙ୍ଗୀତ ସଂଳାପରେ ସେ ଆଙ୍ଗିକ ଅଭିନୟ ଅଧିକ କଳାତ୍ମକ ହୋଇଥାଏ ।

ବିଜ୍ଞାନଧର୍ମୀ ଶିଶୁନାଟକ -

ବିଶେଷ କରି ବିଜ୍ଞାନ ସଂପର୍କୀୟ କାହାଣୀ ଶିଶୁ ଦର୍ଶକ ଓ ଶ୍ରୋତାଙ୍କୁ ଆକୃଷ୍ଟ କରିଥାଏ । ସେଥିପାଇଁ ଏଇମାନଙ୍କ ମଧ୍ୟରେ ଗ୍ରହଗ୍ରହାନ୍ତର କାହାଣୀ ବା ଅଜ୍ଞାତ ଅଞ୍ଚଳକୁ ଦୁଃସାହସିକ ଅଭିଯାନର କାହାଣୀ ଖୁବ୍ ଶିଶୁପ୍ରିୟ । ବୈଜ୍ଞାନିକ ତଥ୍ୟ ସହିତ ପୌରାଣିକ ତଥ୍ୟ କିମ୍ବା କାଳ୍ପନିକ ତଥ୍ୟର ଭାବଧାରାର ସମ୍ମିଶ୍ରଣ କରି ସଠିକ୍ ଭାବରେ ନାଟକଟି ଲେଖା ହେବା ଦରକାର । ରଚନା ଶୈଳୀ ଏପରି ହେବା ଦରକାର ଯାହାକୁ ଶିଶୁମାନେ ଚାହିଁଲେ ପ୍ରଦର୍ଶନ କରିପାରିବେ ।

ଆଜିକାଲିର ବିଜ୍ଞାନ ଯୁଗରେ ବେତାର, ଦୂରଦର୍ଶନ,ଚଳଚିତ୍ରମାନଙ୍କରେ ଶିଶୁ ଆଜି ରୋବର୍ଟ, ଗ୍ରହଗ୍ରହାନ୍ତର ଯାତ୍ରା, ବିଭିନ୍ନ ଗ୍ରହରେ ଅଧିବାସୀଙ୍କ ସଂପର୍କରେ ଦେଖିବା ଶୁଣିବାରେ ଅଭ୍ୟସ୍ତ । ସେ ଦୃଷ୍ଟିରୁ ଏହି ଚରିତ୍ରଗୁଡ଼ିକ ନାଟକର ବାଦଦେଲେ ଚଳିବ ନାହିଁ । କାରଣ କୁହାଯାଇଛି ଏକବିଂଶ ଶତାବ୍ଦୀ ହେବ ବିଜ୍ଞାନ ଚମତକାରିତାର ଏକ ପ୍ରଭାବଶାଳୀ ଶତାବ୍ଦୀ । ସେଥିପାଇଁ ପ୍ରତ୍ୟେକ ଦେଶରେ ଆଜି ପ୍ରସ୍ତୁତି ଚାଲିଛି କିପରି ମଣିଷ ଆଗାମୀ ଶତାବ୍ଦୀରେ ଅଧିକ ବୈଜ୍ଞାନିକ ବିଦ୍ୟାର ପ୍ରୟୋଗ କରିପାରିବ । ନାଟ୍ୟକାରମାନଙ୍କୁ ବିଜ୍ଞାନର ଗଭୀର ତତ୍ତ୍ୱକୁ ଶିଶୁମାନଙ୍କ ନିକଟରେ କିପରି ନାଟକୀୟ ବିଷୟବସ୍ତୁ ପ୍ରସ୍ତୁତ କରି ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରିପାରିବ ତା'ର ପ୍ରଚେଷ୍ଟା ଶିଶୁ ନୃତ୍ୟ ମାଧ୍ୟମରେ ଚାଲିଛି ।

ଶିଶୁ ନୃତ୍ୟନାଟିକା -

ଶିଶୁ ମନୋଭାବ ନେଇ ଶିଶୁ ନୃତ୍ୟନାଟିକା ରଚନା କରିବା ଆବଶ୍ୟକ । ସହଜ ଭାଷା ଓ ପ୍ରକାଶ ଭଙ୍ଗୀ ହିଁ ଶିଶୁଙ୍କୁ ଆକର୍ଷଣ କରିବାର କ୍ଷମତା ରଖେ । ଶିଶୁର ପରିବେଶକୁ ଆଖି ଆଗରେ ରଖି ଶିଶୁ ମନୋରଞ୍ଜନ । ଶିଶୁ ଶିକ୍ଷା ଉପଯୋଗୀ ବୈଜ୍ଞାନିକ ଧାରଣାଯୁକ୍ତ ବିଷୟବସ୍ତୁକୁ ନେଇ ଶିଶୁ ନାଟିକା ଲେଖିବା ଉଚିତ୍ । ଶିଶୁର ଆଗ୍ରହ ତଥା ସମୟୋପଯୋଗୀ ଭାବଧାରା ଉଭୟ ପରିବେଷିତ ହୋଇପାରିଲେ ହିଁ ଶିଶୁ ନୃତ୍ୟନାଟିକା ସଫଳ ହୋଇପାରିବ । ଉଦାହରଣ ସ୍ୱରୂପ ରାମ ପ୍ରସାଦ ମହାନ୍ତିଙ୍କ 'ବାବୁଲାଲ ସପନ', ଦୀୟା ବିହାରୀ ମହାନ୍ତିଙ୍କ 'ଚାନ୍ଦ ଦେଶେ କିଏ ସେ ଯିବ', ଆସରେ ଆସ ଆସ, ଗୋବର୍ଦ୍ଧନ ପଟ୍ଟନାୟକଙ୍କ 'ସର୍କସ', 'ଗୁଡ଼ିଗୁଡ଼ି', ବେଲୁନବାଲା, କଳିହୁଡ଼ି ପିତେଇ ବୁଢ଼ୀ, ଭିଟାମିନର ବଜାର, ଅମ୍ଳଜାନରେ ଜଳ, ପ୍ରଜାପତିର ଜୀବନଚକ୍ର ଇତ୍ୟାଦି ବୈଜ୍ଞାନିକ ଜ୍ଞାନଯୁକ୍ତ ଶିଶୁନାଟିକା ରଚିତ ହୋଇ ବିଭିନ୍ନ ମଞ୍ଚ ଓ ଦୂରଦର୍ଶନରେ ରୂପାୟିତ ହୋଇପାରିଛି । ସେହିପରି କୃଷ୍ଣ ଚରଣ ପଟ୍ଟନାୟକଙ୍କ ବାଘ ମାମୁଁ ନୃତ୍ୟନାଟିକା ଲୋକକଥା ଆଧାରରେ ରଚିତ ଏକ ସଫଳକୃତ ।

ଶିଶୁ ଗୀତିନାଟ୍ୟ -

ଶିଶୁନାଟକ ଅପେକ୍ଷା ଶିଶୁ ଗୀତିନାଟ୍ୟ ଅଧିକ ମନୋରଞ୍ଜନଧର୍ମୀ ହୋଇଥିବାରୁ ଶିଶୁମାନଙ୍କୁ ଅଭିନୟ ପାଇଁ ଅଧିକ ଆକର୍ଷିତ କରିଥାଏ । ଗୀତନାଟ୍ୟ ଏଭଳି ଏକ ସାହିତ୍ୟ ଯାହାକୁ ଶିଶୁମାନେ ସହଜରେ ଗ୍ରହଣ କରିପାରନ୍ତି । ତେଣୁ ଶିଶୁଗୀତିନାଟ୍ୟଗୁଡ଼ିକ ଏଭଳି ସ୍ୱାଦ ଓ ଶୈଳୀରେ ରଚନା ହେବା ଉଚିତ ଯାହାକି ଚପଳମତି ଶିଶୁ ପ୍ରାଣକୁ ସହଜରେ ସ୍ପର୍ଶ କରିପାରୁଥିବା ପୌରାଣିକ ଯୁଗର ମହାନଶିଶୁ ଚରିତ୍ରଗୁଡ଼ିକ ମଧ୍ୟରେ ଧ୍ରୁବ, ପ୍ରହ୍ଲାଦ, ଏକଲବ୍ୟ, ଉପମନ୍ୟୁ, ଅଭିମନ୍ୟୁ, ନାଗାର୍ଜୁନ, ବହ୍ମବାହାନ, ମାର୍କେଣ୍ଡେୟ, ଲବକୁଶ ପ୍ରଭୃତିର ନାମ ଉଲ୍ଲେଖ୍ୟଯୋଗ୍ୟ । ଏସବୁ ଚରିତ୍ର ମାନଙ୍କର ଏତେ ମହନୀୟତା ରହିଛି ଯେ ପ୍ରତ୍ୟେକ ଚରିତ୍ର ହିଁ ଆଜିକାଲିର ଶିଶୁମାନଙ୍କ ପାଇଁ ଆଦର୍ଶର ପ୍ରତୀକ ଭାବେ ପ୍ରତୀୟମାନ ହୁଏ । ଏମାନଙ୍କ ବ୍ୟତୀତ ଧର୍ମପଦ ବାଜିରାଉତ ଭଳି ଚରିତ୍ରମାନଙ୍କୁ ନେଇ ସଫଳ ଗୀତିନାଟ୍ୟ ରଚନା କରାଯାଇପାରେ । ସହଜ ଓ ବୋଧଗମ୍ୟ ସଂଳାପ ସହିତ ଶ୍ରୁତିମଧୁର ଗୀତ ସହଯୋଗ କରି ଶିଶୁ ଗୀତିନାଟ୍ୟ ରଚନା କଲେ । ତାହା ଶିଶୁ ସମାଜକୁ ବହୁଳଭାବେ ପ୍ରଭାବିତ କରିବ ।

ବେତାର ଶିଶୁନାଟକ -

ବେତାର ଏକ ଶକ୍ତିଶାଳୀ ମାଧ୍ୟମ । ବେତାର ନାଟକ ମୁଖ୍ୟତଃ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ । ସେହିପରି ବେତାର ଶିଶୁ ନାଟକ ଶିଶୁମାନଙ୍କୁ ଅଧିକ ମନୋରଞ୍ଜନ କରିଥାଏ । କାରଣ ବେତାରର ଶବ୍ଦଧ୍ୱନୀର ବ୍ୟବହାର ଯୋଗୁଁ ଶିଶୁମନକୁ ଅଧିକ ସହଜରେ ରଂଜନ କଲା ଭଳି କାର୍ଯ୍ୟକ୍ରମ ପରିବେଶର ସହଜସାଧ୍ୟ । ସ୍ୱରର ସଂଚାର ଓ ଶବ୍ଦ ସଂଚାର କାନପାଖରେ ପହଞ୍ଚି ସରଳ ଶିଶୁର ସ୍ୱାଭାବିକ କଳ୍ପନାକୁ ବିସ୍ତୃତ କରାଏ । ବେତାର ଶିଶୁନାଟକ ପ୍ରସ୍ତୁତ ବେଳେ ଦୁଇ ତିନୋଟି ଘଟଣାରୁ ଅଧିକ ଦୃଶ୍ୟ ଗ୍ରହଣ ଯୋଗ୍ୟ ନୁହେଁ । କାରଣ ବେତାର ପ୍ରଚାରର ସମୟ ସୀମାକୁ ସବୁବେଳେ ଆଖି ଆଗରେ ରଖିବାକୁ ପଡ଼ିବ । ଦୃଶ୍ୟ ପରିବର୍ତ୍ତନ ବେଳେ ଶିଶୁ ମନଲାଖି ସଙ୍କେତ ବା ସଙ୍ଗୀତ ଧ୍ୱନି ପ୍ରୟୋଗ କରିବାକୁ ହେବ । ସବୁକାଳରେ ସବୁ ଯୁଗରେ କଅଁଳା ବାଛୁରୀ, ଚଢ଼େଇ, କୁକୁରଛୁଆ, ଝିଙ୍କାରୀ, କୋଇଲି ଆଦି ପଶୁପକ୍ଷୀର ସ୍ୱର ଶିଶୁମାନଙ୍କର ଅତି ଆଦରଣୀୟ । ତେଣୁ ସକାଳ, ସଂନ୍ଧ୍ୟା, ଦ୍ୱିପହର, ରାତ୍ର ଇତ୍ୟାଦିର ଦୃଶ୍ୟପଟ ଅବତାରଣା କରିବା ବେଳେ ଏହି ପଶୁପକ୍ଷୀର ସ୍ୱର ସଙ୍ଗୀତ ମାଧ୍ୟମରେ ସଂଯୋଜନା କଲେ ନାଟକଟି ମନଛୁଆଁ ହୋଇପାରିବ । ତା ଛଡ଼ା ବେତାର ନାଟକ ହେଉଛି ଅନ୍ଧମାନଙ୍କର ସିନେମା ଦେଖ । ଆଖିର ଏଠାରେ କୌଣସି କାମ ନାହିଁ । କେବଳ କାନ ଓ କଳ୍ପନା । ଗୋଟିଏ ଶିଶୁ ଯେତିକି ସମୟ ବସି ରେଡ଼ିଓ ଶୁଣିପାରିବ କିମ୍ବା ଗୋଟିଏ ଚିନ୍ତାର ସୁଅରେ ଯେତିକି ସମୟ ବୁଡି ରହିପାରିବ, ତାକୁ ଦୃଷ୍ଟିରେ ରଖି ବେତାର ଶିଶୁନାଟକ ପ୍ରସ୍ତୁତ କରିବାକୁ ହୋଇଥାଏ ।

ଶିଶୁନାଟକର ଇତିହାସ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ମିଳିଥାଏ । ଏହାର ଆରମ୍ଭ କେବେ ହେଲା ତାହା ମଧ୍ୟ ସ୍ପଷ୍ଟ କରି କହିହୁଏନାହିଁ । ପୂର୍ବକାଳରେ ରାମଲୀଳା, କୃଷ୍ଣଲୀଳା, ଘୋଡ଼ାନାଚ, ଦାସକାଠିଆ, ପାଲା ପିଲାବଡ଼ ସମସ୍ତଙ୍କର ମନୋରଞ୍ଜନ କରୁଥିଲା ।

ଓଡ଼ିଶାର ସୁପରିଚିତ ଗୀତିନାଟ୍ୟରେ ଜଗନ୍ନାଥ ପାଣି ୧୮୫୦ ରୁ ୧୮୮୦ ମସିହା ମଧ୍ୟରେ ରଚନା କରିଥିବା ଗୀତାଭିନୟ ମଧ୍ୟରୁ ଶିଶୁମାନଙ୍କୁ ପାଇଁ ଉଦ୍ଦିଷ୍ଟ ଥିବା ଗୀତାଭିନୟ ଗୁଡ଼ିକର ସଂଖ୍ୟା ଥିଲା ଖୁବ୍ ଅଳ୍ପ । ସେଗୁଡ଼ିକ ହେଲା ଧ୍ରୁବଚରିତ୍ର, ପ୍ରହ୍ଲାଦଚରିତ୍ର, ବବ୍ରୁବାହାନ ଯୁଦ୍ଧଂ ପ୍ରଭୃତିର ନାମ ଉଲ୍ଲେଖ୍ୟଯୋଗ୍ୟ । କିନ୍ତୁ ସଂଳାପ ଶୂନ୍ୟ ଗୀତାଭିନୟ ଗୁଡ଼ିକ ପରିବେଷଣ ପାଇଁ ମଞ୍ଚୋପଯୋଗୀ ନହେଲେ ହିଁ ପରବର୍ତ୍ତୀ କାଳରେ ନାଟ୍ୟକାରମାନେ କବିଙ୍କ ରଚନାରେ ସଂଳାପ ଯୋଗକରି ସଫଳ ଗୀତିନାଟ୍ୟରେ ରୂପାନ୍ତରିତ କରିଥିବା ଜଣାଯାଏ । ଲୋକକବି ଜଗନ୍ନାଥ ପାଣି ଗୀତାଭିନୟର ସ୍ରଷ୍ଟା ବୋଲି କହିଲେ କିଛି ଭୁଲ ହେବ ନାହିଁ । କିନ୍ତୁ ପରବର୍ତ୍ତୀ କାଳରେ ଅର୍ଥାତ୍ ୧୮୮୨ ମସିହାରେ ଜନ୍ମ ଲାଭ କରିଥିବା ବୈଷ୍ଣବ ପାଣିଙ୍କ ରଚିତ ଶତାଧିକ ଗୀତିନାଟ୍ୟ ମଧ୍ୟରୁ ଶିଶୁ ଗୀତିନାଟ୍ୟ ଭାବେ ଯେଉଁଗୁଡ଼ିକ ନାମିତ କରାଯାଉଥିଲା । ସେ ଗୁଡ଼ିକ ହେଲା ପ୍ରହ୍ଲାଦ ଚରିତ୍ର, ଧ୍ରୁବଚରିତ, ଅଭିମନ୍ୟୁବଧ ଇତ୍ୟାଦି । ଏହା ଓଡ଼ିଶାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବହୁଳ ଭାବେ ପରିବେଷିତ ହୋଇଛି । ଏଥିରେ ସନ୍ଦେହ ନାହିଁ । ତେବେ ଏଗୁଡ଼ିକ ଶିଶୁମାନଙ୍କ ଦ୍ୱାରା ସଫଳତାର ସହ ମଞ୍ଚସ୍ଥ ହେଲେ ବି ଏଗୁଡ଼ିକ ଶିଶୁ ଗୀତିନାଟ୍ୟ ବୋଲି କୁହାଯାଇନପାରେ ।

ଶିଶୁ ଉପଯୋଗୀ ଗୀତିନାଟ୍ୟର ସୃଷ୍ଟି ଓ ତାର ପରିପ୍ରକାଶ ପାଇଁ ଭୁବନେଶ୍ୱର ସ୍ଥିତ ସୃଜନୀ ସାଂସ୍କୃତିକ ଅନୁଷ୍ଠାନ ୧୯୯୨ ମସିହାରୁ ନିରବିଚ୍ଛିନ୍ନ ଭାବେ ରାଜ୍ୟସ୍ତରୀୟ ଶିଶୁ ଗୀତିନାଟ୍ୟ ପ୍ରତିଯୋଗିତା କରିଆସୁଛି । ତେବେ ଏହାଫଳରେ ନୂତନ ଗୀତିନାଟ୍ୟକାର ଶିଶୁ କଳାକାର ସୃଷ୍ଟି ହୋଇଥିଲେ । ସଫଳ ଶିଶୁ ନାଟ୍ୟକାର ଓ ଶିଶୁ ଗୀତିନାଟ୍ୟକାର ଭାବେ ଗୋପାଳ ଛୋଟରାୟ ସମଗ୍ର ରାଜ୍ୟରେ ସୁପରିଚିତ । ତାଙ୍କ ବ୍ୟତୀତ କୃଷ୍ଣ ଚରଣ ପଟ୍ଟନାୟକ, ନଦିଆ ବିହାରୀ ମହାନ୍ତି, ଶରତ ଚନ୍ଦ୍ର ମୂଳିଆ, ନିତ୍ୟାନନ୍ଦ ତ୍ରିପାଠୀ, ଇଂ ଶରତ ଚନ୍ଦ୍ର ମହାପାତ୍ର, ଗୌରଚନ୍ଦ୍ର ସମାନ୍ତରାୟ, ଧୀରେନ୍ଦ୍ର କୁମାର ପ୍ରହରାଜ, ରଘୁନାଥ ରାଉତ, ଆନନ୍ଦ ଚନ୍ଦ୍ର ପହୀ, ମୃଦୁଳା ଭଟ୍ଟାଚାର୍ଯ୍ୟ ପ୍ରମୁଖ ନାମ ଉଲ୍ଲେଖଯୋଗ୍ୟ । ଏହି ଲେଖକମାନଙ୍କ ବହୁ ଶିଶୁନାଟକ ଓ ଗୀତିନାଟ୍ୟ ମଧ୍ୟରୁ ସତୀନନ୍ଦନ ଲବକୁଶ, ଭକ୍ତ ସାଲବେଗ, ଅମୃତ ସନ୍ତାନ, ବରପୁତ୍ର, ବୀର ଶିଶୁ ନାଗାର୍ଜୁନ ପ୍ରଭୃତି ଗୀତିନାଟ୍ୟ ବହୁ ମଞ୍ଚସ୍ଥ ଓ ପ୍ରଶସିଂତ । ଶିଶୁ ଉପଯୋଗୀ ନାଟକଗୁଡ଼ିକ ମଧ୍ୟରେ ବାଟକବାଟ, ପିତାପୁତ୍ର, ଆଶୀର୍ବାଦ, ପ୍ରତିଶ୍ରୁତି, କାହାପାଇଁ କିଏ, ଜନ୍ମଭୂମି, ବରପୁତ୍ର ପ୍ରଭୃତି ନାଟକ ଉଲ୍ଲେଖଯୋଗ୍ୟ ।

କଟକ ଠାରେ ବେତାର କେନ୍ଦ୍ର ୧୯୪୮ ମସିହାରେ ପ୍ରତିଷ୍ଠିତ ହେଲା । ଏହି ଅବସରରେ ଶିଶୁ ନାଟକ ଜୀବେଦୟା, କରିମଭାଇ, ବାବୁ ହେଲେ ବାବୁ, କୁହୁକବାଡ଼ି ପରି ବହୁ ଶିଶୁନାଟକ ପ୍ରଚାରିତ ହେଲା । ପୁରୀରେ ଓଡ଼ିଶା ସଙ୍ଗୀତ ପରିଷଦ ଆନୁକୂଲ୍ୟରେ ୧୯୫୭ମସିହାରେ ଶିଶୁନାଟକ ପ୍ରତିଯୋଗିତା ଓ ପୁରସ୍କାର ପାଇବା ବିଧି ଆରମ୍ଭ ହେଲା । ସେଥିପାଇଁ ଆନନ୍ଦଶଙ୍କରଙ୍କ ବୁଲୁଓସ୍ତାଦ, ମଣିକାଞ୍ଚନ, ବୈକୁଣ୍ଠ ମହାନ୍ତିଙ୍କ ଅଜବ ଦେଶ, ପ୍ରାଣବନ୍ଧୁ କରଙ୍କ ପେଟୁ, ମହାପାତ୍ର ନୀଳମଣି ସାହୁଙ୍କ ବିହଙ୍ଗ ବିକଳ୍ପ, ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ଜନ୍ମଭୂମି, ଅମୃତ ସନ୍ତାନ, ଶୁଭେନ୍ଦୁ ମୋହନ ଶ୍ରୀଚନ୍ଦନ ସିଂହଙ୍କ ବନ୍ଦନ, ଉଦୟନାଥ ମିଶ୍ରଙ୍କ ଓଲଟପାଲଟ, ମନହୀରା, ନଦୀୟା ବିହାରୀ ମହାନ୍ତିଙ୍କ ବେଲୁନବାଲା, ଠେକୁଆ ମହାରାଜା ଆଦି ଆତ୍ମ ପ୍ରକାଶ କଲା । ସେହିପରି କୁଳମଣି ଦାସଙ୍କ କଣ୍ଢେଇ ବାହାଘର, ଜଗନ୍ନାଥ ମହାନ୍ତିଙ୍କ ପିଲାଙ୍କ ଏକାଙ୍କିକା, ସୁଧାକର ଦାସଙ୍କ ଧ୍ରୁବ, ସଙ୍ଗୀତ ନାଟିକା, ଭାଗବତ ପ୍ରସାଦ ଲେଙ୍କାଙ୍କ ବନଦେବୀ କାନ୍ଦେ, ପଞ୍ଚାନନ ପାତ୍ରଙ୍କ ହରିଭାଇ, ନଚିକେତା ଲବକୁଶ, ଗୀତାପଣ୍ଡା ଅକ୍ଷୟ କୁମାର ଘୋଷଙ୍କ ବାଜିରାଉତ, ବୀରବାଳକ, ଭୁବନେଶ୍ୱର ମହାପାତ୍ରଙ୍କ ମୁଁ ବଡ଼ ହେବି, ସାଉଁଟା ଫୁଲ ପ୍ରଭୃତି ଶିଶୁନାଟକ ଗୁଡ଼ିକ ସୃଷ୍ଟି ହେବା ପ୍ରଣିଧାନ୍ୟ ଯୋଗ୍ୟ ୧୯୯୦-୯୧ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ପ୍ରତିଯୋଗିତା ଭିତ୍ତିକ ଶିଶୁନାଟକ ଉତ୍ସବ ଆରମ୍ଭ ହେଲା । ଏହି ପରିପ୍ରେକ୍ଷିରେ ଶିଶୁନାଟ୍ୟକାର କେତେକଣ ସୃଷ୍ଟି ହୋଇଛନ୍ତି । ସେମାନଙ୍କର ନାଟ୍ୟସ୍ୱର ଯେ ନିଶ୍ଚିତ ଭାବେ ଶିଶୁଙ୍କ ମନ ଓ ହୃଦୟକୁ ଆନ୍ଦୋଳିତ କରିଛି ଏହା ନିଃସନ୍ଦେହ । ଏହି ସ୍ରଷ୍ଟାମାନଙ୍କ ମଧ୍ୟରେ କୃଷ୍ଣଚରଣ ପଟ୍ଟନାୟକଙ୍କ ଯମ ପୁରରେ ଦିନେ, ଗଧ ଭାଇନା, ତନ୍ମୟା ଦାସ ଗୋସ୍ୱାମୀଙ୍କ ଢ଼େଲାପଥର, ତାଳପତର, ଧୀରେନ ପ୍ରହରାଜଙ୍କ ସଜଫୁଲର ବାସ୍ନା, ନରଦେବତା, ହେମେନ୍ଦ୍ର ମହାପାତ୍ରଙ୍କ ପାନେ ପାଇଲେ ଯମ ଦେବତା-ଆଇ ଏମ୍ ସରି, ଗୋଦାବରୀଶ ମହାପାତ୍ରଙ୍କ ଥୁଣ୍ଟା ତାଳଗଛ, ପ୍ରଦୀପ କୁମାର ଭୌମିକଙ୍କ ଜଗଦୀଶ ରକ୍ଷ, ଲିଙ୍ଗରାଜ ନାହାକଙ୍କ ଦ୍ୱିତୀୟ ସ୍ୱର୍ଗ, ଗୋପନକଥା, କଣ୍ଢେଇ ଖେଳ, ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କ କୁସୁମ କଢ଼ି, ଭିକାରୀଚରଣ ପ୍ରଧାନଙ୍କ ପରିବର୍ତ୍ତନ, ଦିବାସ୍ୱପ୍ନ, ବସନ୍ତ ମଲ୍ଲିକଙ୍କ ସୁନା ଚଢ଼େଇ ପ୍ରଭୃତି ଓଡ଼ିଆ ଶିଶୁନାଟକର ପ୍ରାଣ ସଂଚାର କରିପାରିଚି । ରାମପ୍ରସାଦ ମହାନ୍ତିଙ୍କ ଟୋକେଇ ନାମ ଶିଶୁ ଏକାଙ୍କିକା, ଯାହାକୁ କି ଓଡ଼ିଆ ଶିଶୁ ସାହିତ୍ୟର ଶ୍ରେଷ୍ଠ ଏକାଙ୍କିକାର ମାନ୍ୟତା ପ୍ରଦାନ କରାଯାଏ । ସେହିପରି ନଦୀୟା ବିହାରୀ ମହାନ୍ତିଙ୍କ ଶିଶୁନାଟକ, ଠେକୁଆ ମହରାଜା, କରିମଭାଇ, ଜୀବେଦୟା ପ୍ରଭୃତି ବେଶ ଲୋକପ୍ରିୟ ହୋଇପାରିଛି ।

ଶିଶୁ ନାଟକର ବିବର୍ତ୍ତନ ଧାରା ପ୍ରତି ଏକ ସମ୍ବେଦନଶୀଳ ସ୍ମୃତିସୂଚୀ ପ୍ରତିସ୍ଥାପନ କରିବା ଅବସରରେ ଯେଉଁ ଶିଶୁନାଟ୍ୟ ସ୍ରଷ୍ଟାମାନେ ଓଡ଼ିଶାର ଗର୍ବ ଓ ଗୌରବକୁ ଅକ୍ଷୁର୍ଣ୍ଣ ରଖିଛନ୍ତି ସେମାନେ ହେଲେ ରାମଚନ୍ଦ୍ର ରଥ, ନାରାୟଣ ମହାପାତ୍ର, ବିଚିତ୍ରାନନ୍ଦ ସାହୁ, କିଶୋର ଚନ୍ଦ୍ର ସାହୁ, ଅଜୟ କୁମାର ପାଢ଼ି, ନିତ୍ୟାନନ୍ଦ ତ୍ରିପାଠୀ, ଦାଶରଥୀ ସାହୁ, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ଜୟକୃଷ୍ଣ ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି, ନବ କିଶୋର ପଣ୍ଡା, ମନୋଜ କୁମାର ଦଳବେହେରା, ହୃଷିକେଶ ଶତପଥୀ, ବଟରାଜ ବେଦ ଗୋସ୍ୱାମୀଙ୍କ ନାମ ଉଲ୍ଲେଖଯୋଗ୍ୟ ।

ପରିଶେଷରେ ଏତିକି କହିବି ଯେ ଆଜିର ଯିଏ ଶିଶୁ କଳାକାର ସେ କାଲି ଜଣେ କିଶୋର କଳାକାରରେ ପରିଣତ ହୋଇ

ସାଧନା ପଥରେ ବ୍ରତୀ ହୋଇ ଭବିଷ୍ୟତରେ ଜଣେ ତରୁଣ କଳାକାର ରୂପେ ପ୍ରତିଭାତ ହୋଇଥାଏ । ସେହି ଶିଶୁ କଳାକାରଙ୍କୁ ଯଦି ଉପଯୁକ୍ତ ପରିବେଶ ପ୍ରୋତ୍ସାହନ ତଥା ଆନ୍ତରିକ ଶିକ୍ଷା ଓ ସାଧନାର ପରିପୂର୍ଣ୍ଣ ଖୋରାକ ଏଇ ସମାଜ ଯୋଗାଇ ଦିଏ ତେବେ ସେ ଅତି ଶୀଘ୍ର ଏକ ତରୁଣ କଳାକାରରୁ ପ୍ରବୀଣ କଳାକାର ରୂପେ ସମାଜରେ ପ୍ରତିଷ୍ଠିତ ହୋଇ ସମାଜକୁ ତାର ପ୍ରଚଣ୍ଡ ପ୍ରତିଭା ଦ୍ୱାରା ପ୍ରଭାବିତ କରିପାରିବ ଏବଂ ସେହି ଶିଶୁମାନେ ହେଉଛନ୍ତି ସମାଜର ଏକ ମୁଖ୍ୟଅଙ୍ଗ ।

ସଂପାଦକ, ନାଟକ ଏକାଡେମୀ
ବିଷ୍ଣୁପ୍ରିୟା ନିବାସ, ବ୍ୟାଙ୍କ କଲୋନୀ,
୭ମ ଲେନ୍, ରେଡ଼ିଓ ଷ୍ଟେସନ ରୋଡ଼, ବ୍ରହ୍ମପୁର ।



# ଶ୍ରୀଜଗନ୍ନାଥ ସଂସ୍କୃତି ଓ ଉତ୍କଳ ଗୌରବ ମଧୁସୂଦନ

- ଅଧ୍ୟାପକ ପବିତ୍ର ମୋହନ ବାରିକ

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତିଥିବା ଅତୁଳନୀୟ ଅବଦାନକୁ କୃତଜ୍ଞ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ସଂଶ୍ଳିଷ୍ଟ କରିଛନ୍ତି । ଓଡ଼ିଶା ଓ ଶ୍ରୀଜଗନ୍ନାଥକୁ ଭଲ ପାଉଥିବା କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ଏ ଜାତି କେବେ ଭୁଲିପାରିବ ନାହିଁ । ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀଜଗନ୍ନାଥ ଧର୍ମକୁ ମଧୁବାବୁ ଓଡ଼ିଆଜାତିର ସମ୍ମାନ ଓ ସ୍ୱାଭିମାନର ପ୍ରତୀକ ରୂପେ ଗ୍ରହଣ କରିଛନ୍ତି । ଓଡ଼ିଆ ଜାତୀୟତାର ବିକାଶ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନ ନିମନ୍ତେ ଓ ପରମ୍ପରାକୁ ଜନସାଧାରଣଙ୍କ ଭାବାବେଗ ସହିତ ଜଡ଼ିତ କରିଥିଲେ । ଏହାର ଯଥେଷ୍ଟ ନିର୍ଭରଯୋଗ୍ୟ କେବଳ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଜନ୍ମଦାତା ଥିଲେ ତାହା ନୁହେଁ ସେ ଥିଲେ ଯଥାର୍ଥରେ ଓଡ଼ିଆ ଜାତିର ମନ୍ତ୍ରଦାତା । କେତେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ ଓକିଲ ଭାବରେ ବହୁ ଗୁରୁତ୍ୱପୂର୍ଣ୍ଣ ସଫଳତା ଅର୍ଜନ କରିଥିଲେ । ତାହା ଆଜି କାଳଜୟୀ ମକଦ୍ଦମା, କେନ୍ଦୁଝର ରାଜାଙ୍କ ମକଦ୍ଦମା ମଧ୍ୟରେ ସର୍ବାଧିକ ରୋମାଞ୍ଚକର ତଥା ହୃଦୟସ୍ପର୍ଶୀ ଥିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମନ୍ଦିରର ପରିଚାଳନାଗତ ମକଦ୍ଦମା । ଏହି ମକଦ୍ଦମା ଥିଲା ଶ୍ରୀଜଗନ୍ନାଥ ସଂସ୍କୃତି, ଓଡ଼ିଆ ଜାତି ଓ ମଧୁବାବୁଙ୍କର ପ୍ରତିଷ୍ଠା ଓ ମର୍ଯ୍ୟାଦାର ପ୍ରଶ୍ନ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଥିଲା ଓଡ଼ିଶାର ଧାର୍ମିକ ଓ ରାଜନୈତିକ ଇତିହାସର ଏକ ଘଡ଼ିସନ୍ଧି ମୁହୂର୍ତ୍ତ ।

ତତକାଳୀନ ସମୟରେ ଘଟଣାପ୍ରବାହକ୍ରମେ ଗଜପତି ମହାରାଜାଙ୍କର ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିର ପ୍ରତି ଥିବା ପାରମ୍ପରିକ ବଂଶଗତ ନୀତିକାନ୍ତି ତଥା ଐତିହାସିକ ଅଧିକାରରୁ ବଞ୍ଚିତ କରିବାର ପାଇଁ ଇଂରେଜ କର୍ତ୍ତୃପକ୍ଷ ଏକ ହୀନ ଉଦ୍ୟମ ଆରମ୍ଭ କରିଥିଲା । ଏହା ଥିଲା ହିନ୍ଦୁ ସମାଜ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଅସହ୍ୟ ଅପମାନ ଓ ପରିହାସ । ପୁରୀର ତତକାଳୀନ କଲେକ୍ଟର ମିଷ୍ଟର ସାହାଭାସ୍ ୧୫.୧୦.୧୮୮୬ ମସିହାରେ କଟକଜିଲ୍ଲା ଜଜ୍ ମିଷ୍ଟର ଜାର୍ଗନଙ୍କ ମୋଟରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ଗଜପତିଙ୍କ ହସ୍ତରୁ ଉଚ୍ଛେଦକରି ଏକ କମିଟି ଉପରେ ନ୍ୟସ୍ତ କରିବା ପାଇଁ ଏକ ମକଦ୍ଦମା ଦାଏର କରି ଶ୍ରୀମନ୍ଦିରର କିଛି ଅଂଶ ଯଉମୁଦ କରିଥିଲେ । ପୁରୀର ଗଜପତି ରାଜା ସେ ସମୟରେ ନାବାଳକ ଥିବାରୁ ରାଣୀ ସୂର୍ଯ୍ୟମଣି ପାଟମାହାଦେଇ ଓଡ଼ିଆ ପ୍ରାଣ ମଧୁବାବୁଙ୍କ ସହିତ ବିଚାର ବିମର୍ଷ କରି ଇଂରେଜ ସରକାରଙ୍କର ଅଭିସନ୍ଧିମୂଳକ ଓ ଅବିବେକି ନିଷ୍ପତ୍ତି ବିରୁଦ୍ଧରେ କଲିକତା ହାଇକୋର୍ଟରେ ଅପିଲ କଲେ । ରାଣୀ ସୂର୍ଯ୍ୟମଣି ପାଟ ମହାଦେଇଙ୍କର ଅଦମ୍ୟ ସାହସ ଓ ଅସୀମ ସଂଘର୍ଷ ଏବଂ ମଧୁବାବୁଙ୍କର ନିଷ୍ଠାପର ଉଦ୍ୟମ ଓ ସଫଳ ନେତୃତ୍ୱ ଦ୍ୱାରା ଏ ଜାତି ପରବର୍ତ୍ତୀ ସମୟରେ ତାର ଅସଂପୂର୍ଣ୍ଣ ବ୍ୟାଖ୍ୟା ସୂର୍ଯ୍ୟମଣି ପାଟମହାଦେଇ ୧୮୧୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ ଐତିହ ବିମଣ୍ଡିତ ସୋନପୁର ଗଡ଼ଜାତ ରାଜ୍ୟରେ । ତାଙ୍କ ପିତା ଥିଲେ ସୋନପୁରର ଚୌହାନ ରାଜବଂଶର ରାଜା ଦୈତାରୀ ସିଂହ ଦେଓ । ରାଣୀ ସୂର୍ଯ୍ୟମଣି ପାଟମହାଦେଇ ବାଲ୍ୟ ଓ ଯୁବାବସ୍ଥାରେ ଅତୀବ ବୁଦ୍ଧିମତୀ ଓ ସୁନ୍ଦରୀ ଥିଲେ । ଅଶ୍ୱଚାଳନା ଅସ୍ତ୍ରଚାଳନା ଶିକାର କରିବାରେ ସେ ଥିଲେ ସିଦ୍ଧହସ୍ତା । ସୋନପୁର ରାଜପରିବାର ପୁରୀ ଯିବା ବାଟରେ ରାତ୍ରରେ ରହିଥିବା ଏକ ଶିବିର ନିକଟରେ ସୂର୍ଯ୍ୟମଣି ପାଟବହାଦେଇ ଖଣ୍ଡାରେ ଏକ ବିଶାଳ କୁମ୍ଭୀରକୁ ହତ୍ୟା କରିଥିଲେ । ସୂର୍ଯ୍ୟମଣି ପାଟ ମହାଦେଇଙ୍କର ଏହି ଦୁଃସାହସିକ କାର୍ଯ୍ୟ ପୁରୀ ଗଜପତି ମହାରାଜା ରାମଚନ୍ଦ୍ର ଦେବ ତୃତୀୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେ ଏଥିରେ ପ୍ରୀତ ହୋଇ ତାଙ୍କ ପୁତ୍ର ବୀର କିଶୋର ଦେବ ବିବାହ କାର୍ଯ୍ୟ ସଂପନ୍ନ କଲେ ୧୮୩୦ ମସିହାରେ । ଏହି ସମୟରେ ସୂର୍ଯ୍ୟମଣି ପାଟମହାଦେଇଙ୍କର ବୟସ ଥିଲା ମାତ୍ର ୧୨ ବର୍ଷ ।

୧୮୫୪ ମସହିାରେ ଗଜପତି ତୃତୀୟ ରାମଚନ୍ଦ୍ର ଦେବ ସ୍ବର୍ଗାରୋହଣ କଲେ । ବୀର କିଶୋର ଦେବ ଦ୍ୱିତୀୟ ଗଜପତି ପଦରେ ଅଭିଷିକ୍ତ ହେବା ସହିତ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ଭାବରେ ଦାୟିତ୍ୱ ଗ୍ରହଣ କଲେ । କିନ୍ତୁ ଦୀର୍ଘ ଦିନ ଅସୁସ୍ଥତା ରହିବା ଦ୍ୱାରା ସମସ୍ତ ଚେଷ୍ଟା ସତ୍ତ୍ୱେ ଗଜପତି ବୀର କିଶୋର ଦେବ ଦ୍ୱିତୀୟ ୧୨.୧୨.୧୮୫୯ ମସିହାରେ ଇହଲୀଳା ସମ୍ବରଣକଲେ । ଏହା ପୂର୍ବରୁ ସେ ବଡ଼ ଖେମୁଣ୍ଡି ରାଜ ବଂଶର ପ୍ରଥମ ସନ୍ତାନଙ୍କୁ ପୋଷ୍ୟପୁତ୍ର ନାବାଳକ ରାଜକୁମାରଙ୍କ ବୟସ ମାତ୍ର ୪ ବର୍ଷ । କଟକ ସିଭିଲ କୋର୍ଟ ଧାରା ଅନୁଯାୟୀ ରାଣୀ ସୂର୍ଯ୍ୟମଣି ପାଟମହାଦେଇଙ୍କୁ ନାବାଳକ ରାଜପୁତ୍ରଙ୍କ ଅଭିଭାବକ ଓ ଶ୍ରୀମନ୍ଦିର ତତ୍ତ୍ୱବଧାରକ ଭାବରେ ଆଇନ୍ ଗତ ବ୍ୟବସ୍ଥାର ଅଧିକାର ପ୍ରଦାନ କଲେ । ରାଣୀ ସୂର୍ଯ୍ୟମଣି ପାଟମହାଦେଇ ତାଙ୍କ ଦକ୍ଷତା ଓ ପ୍ରତିଭାର ପରିଚୟ ଦେଇ ଅନେକ ସଂସ୍କାର ପରିଚାଳନାରେ ମୁଖ୍ୟ ଅବ୍ୟବସ୍ଥା ଭାବେ ସେ ସେବାୟତମାନଙ୍କର ବିଶୃଙ୍ଖଳା, ରୀତିନୀତିର ବିଭ୍ରାଟ ଓ ଅନ୍ୟାନ୍ୟ ଅସୁବିଧାରେ ବହୁ ପରିବର୍ତ୍ତନ ଆଣିଥିଲେ । ୧୮୫୭ ମସିହାର ଐତିହାସିକ ପ୍ରଥମ ସ୍ୱାଧୀନତା ସଂଗ୍ରାମ, ୧୮୬୬ ମସିହାର ଦୁଃଖଦ ନଅଙ୍କ ଦୁର୍ଭିକ୍ଷ ଭଳି ସମ୍ବେଦନଶୀଳ ଘଟଣାପ୍ରବାହର ସମ୍ମୁଖୀନ ହୋଇଥିଲେ ରାଣୀ ସୂର୍ଯ୍ୟମଣି ପାଟମହାଦେଇ । ନଅଙ୍କ ଦୁର୍ଭିକ୍ଷ ସମୟରେ ରାଣୀ ରନ୍ଧା ମହାପ୍ରସାଦ ଭୋକିଲାମାନଙ୍କୁ ପ୍ରଦାନ କରି ଇଂରେଜ ପ୍ରଶାସନର ପ୍ରଶଂସାର ପାତ୍ର ହୋଇପାରିଥିଲେ । ରାଣୀଙ୍କ ଉଦ୍ୟମରେ ବଡ଼ ଦାଣ୍ଡରେ ଅବସ୍ଥିତ ଶୀନଅର ସ୍ଥାପନା କରାଯାଇଥିଲା ଯାହା ବର୍ତ୍ତମାନ ଅଛି । ରାଣୀ ତାଙ୍କ ଯୋଗ୍ୟତାର ପ୍ରକୃତ ପରିଚୟ ଦେଇ ବିରଳ ଉଦାହରଣ ସୃଷ୍ଟି କରିଥିଲେ ।

ତାଙ୍କ ପୋଷ୍ୟ ନାବାଳକ ପୁତ୍ର ୧୮୭୫ ମସିହାରେ ସାବାଳକ ହୋଇ ଦିବ୍ୟସିଂହ ଦେବ ତୃତୀୟ ନାମରେ ଅଭିଷେକ

ହେଲେ ଓ ଶ୍ରୀମନ୍ଦିର ତ୍ତ୍ୱାବଧାରକ ରୂପେ ଦାୟିତ୍ୱ ଗ୍ରହଣ କଲେ । ଦିବ୍ୟସିଂହ ଦେବ ତୃତୀୟ ଖଡ଼ିଆଳ ରାଜଜେମା ନୀଳାଦ୍ରୀ ପାଟମହାଦେଇଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେଲେ ଓ ତାଙ୍କର ଏକ ପୁତ୍ର ସନ୍ତାନର ନାମ ଥିଲା ଜଗନ୍ନାଥ ଜେନାମଣି । ଯେ ପରବର୍ତ୍ତୀ ସମୟରେ ତୃତୀୟ ମୁକୁନ୍ଦଦେବ ନାମରେ ସିଂହାସନରେ ଅଭିଷେକ ହୋଇଥିଲେ । ଦିବ୍ୟସିଂହଦେବ ତୃତୀୟ ରାଣୀଙ୍କଠାରୁ ଦାୟିତ୍ୱ ଗ୍ରହଣ କଲେ କିନ୍ତୁ ତାଙ୍କ କାର୍ଯ୍ୟପଦ୍ଧତି ସନ୍ତୋଷଜନକ ନଥିଲା । ସେବାୟତ, ପୂଜକ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ତାଙ୍କ କାର୍ଯ୍ୟଶୈଳୀକୁ ପସନ୍ଦ କରିନଥିଲେ । ଶ୍ରୀମନ୍ଦିର ତତ୍ତ୍ୱାବଧାରକ ଭାବେ ତାଙ୍କର କାର୍ଯ୍ୟକଳାପରେ ଅନେକ ଅଶାନ୍ତି ଓ ଅସନ୍ତୋଷ ଦେଖା ଦେଇଥିଲା । ୧୮୭୮ ମସିହାରେ ଶିବଦାସ ନାମକ ଜୈନିକ ସାଧୁଙ୍କ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ସେ ଆଣ୍ଡାମାନ ଦ୍ୱୀପର ସେଲୁଲାର ଜେଲରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେଲେ । ଏହି ଦୁଃଖଦ ପରିସ୍ଥିତିରେ ରାଣୀ ସୂର୍ଯ୍ୟମଣି ପାଟମହାଦେଇ କେବେ ଧୈର୍ଯ୍ୟଚ୍ୟୁତ ନହୋଇ ରାଜକୀୟ ପଦମର୍ଯ୍ୟାଦାକୁ ନିଷ୍ଠାର ସହିତ ବଜାଇ ରଖିଥିଲେ । ଦିବ୍ୟସିଂହଦେବ ତୃତୀୟଙ୍କ ନାବାଳକ ପୁତ୍ର ଜଗନ୍ନାଥ ଜେନାମଣିଙ୍କ ଅଭିଭାବକ ଭାବେ ରାଣୀ ସୂର୍ଯ୍ୟମଣି ପାଟମହାଦେଇ ଏ ସମ୍ବନ୍ଧରେ ରାଣୀ କଟକଜିଲ୍ଲା ଜଜଙ୍କ ନିକଟକୁ ଏକ ଦରଖାସ୍ତ ପ୍ରେରଣ କରିଥିଲେ ଏବଂ ଏହା କୋର୍ଟ ଦ୍ୱାରା ମଧ୍ୟ ଅନୁମୋଦନ ହୋଇଥିଲା ।

ଏହି ସମୟରେ ରାଣୀ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ବିଶେଷକରି ୧୮୭୯ ମସିହା ରଥଯାତ୍ରା ସମୟରେ ରୀତି ନୀତିରେ ବିଭ୍ରାଟ ଦୂର ଦୂରାନ୍ତରୁ ଆସିଥିବା ଯାତ୍ରୀଙ୍କୁ ମହାପ୍ରସାଦ ମିଳିବାରେ ବିଳମ୍ବ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ବ୍ୟତିକ୍ରମ ଦେଖାଦେଇଥିଲା । ଏହି ପରିସ୍ଥିତିର ସୁଯୋଗ ନେଇ ଏବଂ ଦୂର ଅଭିସନ୍ଧ ରଖି ଅବିବେକି ଇଂରେଜ ସରକାର ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେବା ପାଇଁ ସ୍ଥିର କଲେ । ଇଂରେଜ ସରକାରଙ୍କର ମୂଳ ଉଦ୍ଦେଶ୍ୟ ଥିଲା ରାଜା ଶ୍ରୀମନ୍ଦିର ତତ୍ତ୍ୱାବଧାରକ ଭାବେ ବିପୁଳ ଅର୍ଥର ଅଧିକାରୀ ଅଟନ୍ତି ତେଣୁ ରାଜାଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ଚେଷ୍ଟା କଲେ । ଇଂରେଜ ସରକାର ପୁରୀ ମନ୍ଦିର ଆକ୍ଟ ୧୮୮୦ ଅନୁମୋଦନ କଲେ । ଏହି ଆଇନ ଅନୁଯାୟୀ ଶ୍ରୀମନ୍ଦିର ପାଇଁ ଏକ ପରିଚାଳନା କମିଟି ଗଠନ କରାଯିବ ଏବଂ ମୁଖ୍ୟ ପରିଚାଳକଙ୍କୁ ଇଂରେଜ ସରକାର ନିଯୁକ୍ତି ଦେବେ । ପୁରୀ ଗଜପତି ମହାରାଜା ବଂଶପରମ୍ପରା ଅନୁଯାୟୀ କମିଟିର ମୁଖ୍ୟ ରହିବେ କିନ୍ତୁ ତାଙ୍କ ହସ୍ତରେ ପୂର୍ବଭଳି ସେଭଳି କୌଣସି କ୍ଷମତା ଓ ଅଧିକାର ନଥିଲା । ଶ୍ରୀମନ୍ଦିର ପରିଚାଳନା ପାଇଁ ଇଂରେଜମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ନୂତନ ଆଇନକୁ ସବୁ ସ୍ତରରୁ ସମାଲୋଚନା ଶୁଣିବାକୁ ପଡ଼ିଥିଲା । ମହନ୍ତ, ସେବାୟତ, ସାଧୁ ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ସମାଲୋଚନା କଲେ ଇଂରେଜ ସରକାରଙ୍କର ଏହି ଅବିବେକୀ ପଦକ୍ଷେପକୁ । ସାଧାରଣ ଜନତା ଅନୁଭବ କଲେ ହିନ୍ଦୁସମାଜ ଓ ଗଜପତି ମହାରାଜାଙ୍କର ମର୍ଯ୍ୟାଦା ଓ ସମ୍ମାନ ନଷ୍ଟ କରିବା ପାଇଁ ହୃଦୟହୀନ ଇଂରେଜ କର୍ତ୍ତୃପକ୍ଷଙ୍କର ଏକ ବୃଥା ପ୍ରୟାସ । ରାଣୀ ସୂର୍ଯ୍ୟମଣି ପାଟମହାଦେଇ ଇଂରେଜ ସରକାରଙ୍କର ନିଷ୍ପତ୍ତି ବିରୁଦ୍ଧରେ ଉଚ୍ଚନ୍ୟାୟାଳୟରେ ଆବେଦନ ପାଇଁ ପ୍ରସ୍ତୁତି ଆରମ୍ଭ କଲେ । ସେ ଦାବି ଉପସ୍ଥାପନା କଲେ ଆଣ୍ଡାମାନରେ କଳାପାଣି ଦଣ୍ଡ ଭୋଗୁଥିବା ଦିବ୍ୟସିଂହଦେବ ତୃତୀୟଙ୍କ ନାବାଳକ ପୁତ୍ର ଜଗନ୍ନାଥ ଜେନାମଣିଙ୍କର ସେ ଅଭିଭାବକ । ଏଥିମଧ୍ୟରେ କଟକ ଜିଲ୍ଲା ଜଜ ଶ୍ରୀ ମନ୍ଦିର ପରିଚାଳନା ପାଇଁ ରିସିଭର ନିଯୁକ୍ତି କଲେ । ହିନ୍ଦୁସମାଜର ଐତିହ ଓ ସାଂସ୍କୃତିକ ମହତ୍ୱର ପୁନଃ ପ୍ରତିଷ୍ଠା ନିମନ୍ତେ ରାଣୀ ସୂର୍ଯ୍ୟମଣି ପାଟମହାଦେଇଙ୍କ ନିର୍ଦ୍ଦେଶରେ ଚିରନମସ୍ୟ ମଧୁବାବୁ କଲିକତା ଉଚ୍ଚ ନ୍ୟାୟଳୟରେ ମକଦ୍ଦମା ଦାଏର କଲେ । ଦୃଢ଼ ସଂକଳ୍ପର ସହିତ ମଧୁବାବୁ ନିଜେ ଏକ ଅରଜ ପ୍ରସ୍ତୁତ କରି ନିଜ ଖର୍ଚ୍ଚରେ ତିନିଜଣ ବାରିଷ୍ଟରଙ୍କୁ ନିୟୋଜିତ କରିଥିଲେ। ତତକାଳିନ ସମୟର କଲିକତାର ସୁପ୍ରସିଦ୍ଧ ଆଇନଜୀବି ଗୁରୁଦାସ ବାନର୍ଜୀ ଇଭାନସ ଏବଂ ଉନରାଫଙ୍କ ସହିତ ମଧୁବାବୁ ମକଦ୍ଦମା ସଂପର୍କରେ ବିସ୍ତୃତ ଆଲୋଚନା କଲେ ।

ଗଜପତି ମହାରାଜାଙ୍କ ଅଧିକାରକୁ ସାବ୍ୟସ୍ତ କରିବା ନିମନ୍ତେ ମଧୁବାବୁ ମାଦଳା ପାଞ୍ଜି, କିମ୍ବଦନ୍ତି, ଲୋକକଥା, ପୁରାଣ ଓ ଐତିହାସିକ ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ ଥିବା ଅକାଟ୍ୟ ତଥ୍ୟ ଉପସ୍ଥାପନା କରିଥିଲେ । ମଧୁବାବୁ ନିର୍ଭରଯୋଗ୍ୟ ପ୍ରମାଣ ସତ୍ୟ ସିଦ୍ଧତଥ୍ୟ, ଐତିହାସିକ ଦସ୍ତାବିଜ, ଉପସ୍ଥାପନ କରିଥିଲେ । ଏହି ମକଦ୍ଦମା ଶୁଣାଣି ପାଇଁ ଏକ ଡିଭିଜନ ବେଞ୍ଚ ପ୍ରତିଷ୍ଠା ହୋଇଥିଲା । ରାଣୀଙ୍କ ଦ୍ୱାରା ନିଯୁକ୍ତ ଓକିଲମାନଙ୍କର ଯୁକ୍ତି ଶୁଣିବା ପାଇଁ ତିନିଦିନ ଧାର୍ଯ୍ୟ ହୋଇଥିଲା ମାତ୍ର ଓକିଲମାନେ ତିନି ଘଣ୍ଟାରେ ଦୃଢ଼ ଯୁକ୍ତି, ତଥ୍ୟ ପ୍ରମାଣ ଉପସ୍ଥାପନ କରି ବିଚାରପତି ସମେତ ଉପସ୍ଥିତ ସମସ୍ତ ଦର୍ଶକମାନେ ଆଶ୍ଚର୍ଯ୍ୟାନୀତ ହୋଇଯାଇଥିଲେ । ଏହି ମକଦ୍ଦମାର ବିଚାର ଶୁଣିବା ପାଇଁ ଦୂର ଦୂରାନ୍ତରୁ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ବିଚାରପତି ରାଣୀଙ୍କ ଓକିଲମାନଙ୍କର ବିସ୍ତୃତ ଉପସ୍ଥାପନା ଓ ତଥ୍ୟ ସଂଗତ ଯୁକ୍ତି ଶୁଣି ଅତ୍ୟନ୍ତ ପ୍ରୀତ ହୋଇଥିଲେ । ଏହା କଟକର ଜଣେ ଜଣେ ଯୁବ ଓକିଲ ମଧୁବାବୁଙ୍କର କଠୋର ସାଧନା, ନିଷ୍ଠାପର ଉଦ୍ୟମ ଓ ନିସ୍ୱାର୍ଥପର ଶ୍ରମ ଥିଲା ଶୁଣି ମାନ୍ୟବର ବିଚାରପତି ତାଙ୍କୁ ଏକ ସନ୍ଧ୍ୟା ବୈଠକକୁ ନିମନ୍ତ୍ରଣ କରିଥିଲେ । ସେଠାରେ ସେ ମଧୁବାବୁଙ୍କୁ ଅନ୍ୟ ବିଚାରପତି ଓ କଲିକାର ଅନ୍ୟାନ୍ୟ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ସହ ପରିଚୟ କରାଇଥିଲେ । ତତକ୍ଷଣାତ ବଙ୍ଗପ୍ରଦେଶରେ ତତକାଳୀନ ଲେଫ୍‌ନାଣ୍ଟ ଗଭର୍ଣ୍ଣର ସାର ଷ୍ଟୁଆର୍ଟ ବେଲି ମଧୁବାବୁଙ୍କୁ ରାଜଭବନକୁ ନିମନ୍ତ୍ରଣ କରି ଶ୍ରୀମନ୍ଦିର ପରଚାଳନା ପ୍ରସଙ୍ଗରେ ପୁରୀରାଜା ଓ ଇଂରେଜ ସରକାରଙ୍କ ମଧ୍ୟରେ ଏକ ବୁଝାମଣା ପାଇଁ ପ୍ରସ୍ତାବ ଦେଇଥିଲେ । ୧୮୮୮ ମସିହାରେ ପୁରୀ ରାଜ ଓ ଇଂରେଜ ସରକାରଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ମନ୍ଦିର ପରିଚାଳନାକୁ ନେଇ ସ୍ୱାକ୍ଷରିତ ହୋଇଥିଲା । ଏହା ଥିଲା ଓଡ଼ିଆ ଜାତି ଶ୍ରୀଜଗନ୍ନାଥ ସଂସ୍କୃତି ଓ ହିନ୍ଦୁ ସମାଜର ଏକ ଐତିହାସିକ ବିଜୟ । ଏହି ସଫଳତା ଥିଲା ମଧୁବାବୁଙ୍କର ଆପ୍ରାଣ ଉଦ୍ୟମ ଓ ରାଣୀ ସୂର୍ଯ୍ୟମଣି ପାଟମହାଦେଇଙ୍କର ନିରବଚ୍ଛିନ୍ନ ସଂଗ୍ରାମ । ୧୮୮୭ ମସିହା ଅପ୍ରେଲ ୫ ତାରିଖରେ

କ୍ଷେସମ୍ୟାନରେ ରାଣୀ ସୂର୍ଯ୍ୟମଣି ପାଟମହାଦେଈ ନ୍ୟାର୍ଯ୍ୟ ଓ ଯୁକ୍ତି ସଂଗତ ଅଧିକାରକୁ ନେଇ ଭାବ ଗର୍ଭକ ସନ୍ଦର୍ଭ ପ୍ରଥମ ଘଟଣାବହୁଳ ଜୀବନରେ ୧୮୫୭ ମସିହାର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ, ୧୮୭୮ ମସିହାରେ ପୁତ୍ର ଗଜପତି ଦିବ୍ୟସିଂହ ଦେବ ତୃତୀୟଙ୍କ କଳାପାଣି ଦଣ୍ଡ ଓ ଶ୍ରୀମନ୍ଦିର ପରିଚାଳନାକୁ ନେଇ ଇଂରେଜ ସରକାରଙ୍କ ସହ ଆଇନଗତ ଲଢ଼େଇକୁ ନେଇ ଇଂରେଜ ସରକାରଙ୍କ ସହ ଆଇନଗତ ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରି ୨୪ ନଭେମ୍ବର ୧୯୨୬ ପର୍ଯ୍ୟନ୍ତ ଏକ ଦୀର୍ଘ ଜୀବନରେ ରାଣୀ ସୂର୍ଯ୍ୟମଣି ପାଟମହାଦେଈ ରାଜନୀତି, ଧର୍ମ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ସମର୍ପିତା । ସୂର୍ଯ୍ୟମଣି ପାଟ ମହାଦେଈଙ୍କର ଜୀବନବ୍ୟାପି ସଂଗ୍ରାମ, ସଂଘର୍ଷ ଓ ତ୍ୟାଗମୟ ଜୀବନର ପଟ୍ଟାନ୍ତର ନାହିଁ ।

ଶ୍ରୀଜଗନ୍ନାଥ ସଂସ୍କୃତି ମଧ୍ୟରେ ଓଡ଼ିଆ ଜାତିର ଏକତ୍ରିକରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ଦେଖିଥିଲେ ମଧୁବାବୁ । ସେ ଭଲଭାବରେ ଅନୁଭବ କରିଥିଲେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆ ଜାତିର ପରିଚୟ ଓ ସ୍ୱାଭିମାନର ପ୍ରତୀକ ତେଣୁ ମଧୁବାବୁ ଏହା ମାଧ୍ୟମରେ ଓଡ଼ିଆ ଜାତିର ପ୍ରାଣରେ ଏକ ଆନ୍ଦୋଳନ ସୃଷ୍ଟି ପାଇଁ ପ୍ରୟାସ କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ନନ୍ଦିଘୋଷ ରଥରେ ବିଜେକରି ବଡ଼ ଦେଉଳରୁ ବାହାରି ମାଉସୀ ମା ମନ୍ଦିରକୁ ଆଷାଢ଼ ଶୁକ୍ଳ ଦ୍ୱିତୀୟ ତିଥିରେ ବିଜେ କରନ୍ତି । ନନ୍ଦିଘୋଷ ରଥଭକ୍ତି, ପ୍ରୀତି, ମୁକ୍ତି, ଶାନ୍ତି ଓ ପ୍ରଗତିର ପ୍ରତୀକ । ନନ୍ଦିଘୋଷ ରଥ ମାଧ୍ୟମରେ ଓଡ଼ିଆ ଜାତିର ଏକାତର ମନ୍ତ୍ର ଉଚ୍ଚାରିତ କରିଥିଲେ ମଧୁବାବୁ । ତେଣୁ ଅତି ଲୋକପ୍ରିୟ ସ୍ୱରଚିତ କବିତା ପଂକ୍ତିର ଉଲ୍ଲେଖ କରିଛନ୍ତି –

ଜାତ ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ
ଟାଣେ କିରେ ଗାଡ଼ି ଦାନରୁ ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ।

ନନ୍ଦିଘୋଷ ଏକ ସାଂକେତିକ ପବିତ୍ର ଚିହ୍ନ ଯାହା ମଧୁବାବୁ ତାଙ୍କ କବିତାରେ ପ୍ରୟୋଗ କରି ଓଡ଼ିଆମାନଙ୍କ ମନରେ ଜାତୀୟ ଚେତନା ସୃଷ୍ଟି ପାଇଁ ଉଦ୍ୟମ କରିଥିଲେ । ଉତ୍କଳ ଜନନୀର ମହିମା ମଣ୍ଡନ କରିବାକୁ ଯାଇ ଉତ୍କଳର ବୀର ସନ୍ତାନମାନଙ୍କୁ ପ୍ରଗତିର ନନ୍ଦିଘୋଷ ରଥକୁ ଅଗ୍ରସର କରିବା ନିମନ୍ତେ ଆହ୍ୱାନ କରିଥିଲେ । ତାଙ୍କର ବିଶ୍ୱାସ ଥିଲା ନନ୍ଦିଘୋଷ ଶବ୍ଦ ଓଡିଆମାନଙ୍କ ମନରେ ଶିହରଣ ସୃଷ୍ଟି କରି ଜାତି ପ୍ରୀତି ଭାବ ଉଦ୍ରେକ କରିବ । ପୁନଶ୍ଚ ତାଙ୍କ କବିତାରେ ବର୍ଣ୍ଣନା କରିଛନ୍ତି –

ଏହି ନିର ସେବି ବୀର ମୋ ସନ୍ତାନେ
ବୀର ପ୍ରସବୀନି କ୍ଷୀର ଏହି ନର
ଊିଡ଼ରେ ଆଳସ୍ୟ ବଢ଼ାଅ ସାହସ
ଜାତି ନନ୍ଦିଘୋଷ କର ଅଗ୍ରସର ।

ମଧୁବାବୁ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ଓଡ଼ିଆ ଜାତୀୟତାର ପ୍ରତୀକ ରୂପେ ଗ୍ରହଣ କରିଛନ୍ତି । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ଓ ଓଡ଼ିଆଜାତିୟତାର ବିକାଶ ଏହା ଥିଲା ମଧୁବାବୁଙ୍କର ସ୍ୱପ୍ନ । ତାଙ୍କ କାଳଜୟୀ କବିତାରେ ଅନେକ ସ୍ଥାନରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ସ୍ଥାନ ଦେଇଛନ୍ତି । ଶ୍ରୀକ୍ଷେତ୍ର ଶଙ୍ଖକ୍ଷେତ୍ର ଶ୍ରୀଜଗନ୍ନାଥ ଧାମର ଅନ୍ୟନାମ ନୀଳାଚଳ ଧାମ । ନୀଳାଚଳ ଶବ୍ଦକୁ ମଧୁବାବୁ ନିଜ କବିତାରେ ସ୍ଥାନ ଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଥିବା ତାଙ୍କର ଶ୍ରଦ୍ଧା ଭାବକୁ ପ୍ରକାଶ କରିଛନ୍ତି –

ଭୁବନେଶ୍ୱର ପାଦଚିହ୍ନପରେ
ଲେଖା ଅଛି ରାଜାରାଣୀ
ନୀଳାଚଳ ଧାମେ ପୂଜା ହେଉଅଛି
ହିନ୍ଦୁଜାତି ମଥାମଣି ।

ଶ୍ରୀ ନୀଳାଚଳଧାମ ହିନ୍ଦୁ ସମାଜର ମୁକ୍ତିତୀର୍ଥ । ଏହା ପ୍ରେମ, ଭାବ, ଭକ୍ତି, ମୁକ୍ତି ଓ ଶାନ୍ତିର କ୍ଷେତ୍ର । ସିଦ୍ଧି, ସାଧନା, ସଂହତି, ସଦ୍‌ଭାବନା ଓ ସମନ୍ୱୟର ପବିତ୍ରଭୂମି ନୀଳାଚଳଧାମ । ଧାମର ମହତ୍ତ୍ୱକୁ ନିଜ କବିତାରେ ସ୍ଥାନ ଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଉତ୍କଳ ଜନନୀର ବୀର ପୁତ୍ରମାନଙ୍କର ଯଶଗାନ କରିଛନ୍ତି । ମଧୁବାବୁଙ୍କ କବିତାରେ ସ୍ୱରଚିତ ଅଛି –

ବାକ୍ୟବୀରଙ୍କର ରାବ ଶୁଭୁଅଛି
କର୍ମବୀର ଗଲେ କାହିଁ
ଏକପୁତ୍ରମୋର ନୀଳାଚଳ ଧାମେ
ଉଡ଼ାଇଲା ମୋର ଧ୍ୱଜା
ସମସ୍ତ ଭାଇକୁ କୋଳରେ ବସାଇ
ଭେଦ ନାହିଁ ରାଜା ପ୍ରଜା ।

ଜାତିର ଭେଦ ପ୍ରଗତି ନିମନ୍ତେ ସମସ୍ତ ଓଡ଼ିଆ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଶରଣାପନ୍ନ ହେବାକୁ ଆହ୍ୱାନ କରିଛନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁ ଅତୀତ ଓ ବର୍ତ୍ତମାନର ରାଜନୀତିର କେନ୍ଦ୍ରବିନ୍ଦୁ । ଧାର୍ମିକ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଏବଂ ସାମାଜିକ ବ୍ୟବସ୍ଥା ଚଳଣି ମାର୍ଗଦର୍ଶକ । ଜାତୀୟ ଦେବତା ଶ୍ରୀଜଗନ୍ନାଥ ଜାତିର ଏକତା, ମମତା ପ୍ରତିଷ୍ଠା ଦିଗରେ ସହାୟକ ହେବେ ଏଥିରେ ଦୃଢ଼ ବିଶ୍ୱାସ ରଖିଥିଲେ ମଧୁବାବୁ ।

ଶ୍ରୀଜଗନ୍ନାଥ ସଂସ୍କୃତି ମାଧ୍ୟମରେ ଜାତୀୟ ଚେତନା ଓ ଭାବନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ମଧୁବାବୁ ଉଦ୍ୟମ କରିଥିଲେ । ଯଦିଓ ସେ ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତ ଥିଲେ ତଥାପି ଶ୍ରୀଜଗନ୍ନାଥଙ୍କ ପ୍ରତି ମଧୁବାବୁଙ୍କର ଥିଲା ଗଭୀର ବିଶ୍ୱାସ ଏବଂ ଏହି ବିଶ୍ୱାସକୁ ପ୍ରତିଫଳିତ କରିଥିଲେ ଜାତୀୟତାବାଦରେ । ତେଣୁ ମଧୁବାବୁଙ୍କ ଭାଷାରେ–

କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ
ଡାକ ତ୍ରାହି ଜଗନ୍ନାଥ
ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ
ଜାତିର ଉନ୍ନତିପଥ ।

ମଧୁବାବୁଙ୍କର ଦୃଢ଼ ଆସ୍ଥା ଓ ଗଭୀର ବିଶ୍ୱାସ ଥିଲା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଐଶ୍ୱରୀୟ ଶକ୍ତି ଓ ସାମର୍ଥ୍ୟ ଉପରେ । ଉତ୍କଳ ଜନନୀ ତା'ର ପୂର୍ବଗୌରବ ଓ ସୌରଭ ଫେରିପାଇବ ଓଡ଼ିଆ ଜାତୀୟତା ବୃଦ୍ଧି ପାଇବ, ପ୍ରଗତି ପଥରେ ଓଡ଼ିଶା ଅଗ୍ରସର ହେବ ଏଥିପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଆର୍ଶୀବାଦର ଆବଶ୍ୟକତା ରହିଛି । ତେଣୁ ମଧୁବାବୁ ତାଙ୍କ କବିତାରେ ଉଲ୍ଲେଖ କରିଛନ୍ତି –

ସୁଦର୍ଶନ ଚକ୍ର ଗରଜି ଉଠିବ
ବଳିଆର ବାହୁତଳେ
ମା'ର ଶ୍ରୀଅଙ୍ଗ ପୂର୍ବବତ ହେବ
ଶତ୍ରୁ ପଳାଇବ ଡରେ ।

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ମଧୁବାବୁଙ୍କର ଅତୁଳନୀୟ ଅବଦାନକୁ ଏ ଜାତି ଶ୍ରଦ୍ଧା ଓ ସମ୍ମାନର ସହ ମନେ ରଖିଛି । ଶ୍ରୀଜଗନ୍ନାଥ ସଂସ୍କୃତି ଯେହେତୁ ଓଡ଼ିଆ ଜାତୀୟତାଜଡ଼ିତ ତେଣୁ ମଧୁବାବୁଙ୍କର ଏଥି ପ୍ରତି ଥିଲା ଆସ୍ଥା ଓ ଆଗ୍ରହ ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା ।



# ବୃକ୍ଷ ଓ ପରିବେଶ

– ବି.ସତ୍ୟମ ଆଚାରୀ

ଆଜିର ଯୁଗରେ ମଣିଷ ନିଜର ଆବଶ୍ୟକତାକୁ ପୂରଣ କରିବାପାଇଁ ଯେଉଁ ପରିବେଶକୁ ଧ୍ୱଂସ କରିବାରେ ଲାଗିଛି ଆଉ ଅଳ୍ପ କେତେ ବର୍ଷ ପରେ ପୃଥିବୀରେ ଘୋର ସଂକଟ ଦେଖାଦେବ । ଏହି ପରିବେଶକୁ ଦୃଷ୍ଟିରଖି ଦୁଇ ବନ୍ଧୁ କଥା ହେଉଛନ୍ତି । ସେଇ ଦୁଇ ବନ୍ଧୁ ହେଲେ ବୃକ୍ଷ ଓ ପକ୍ଷୀ ।

ଏକ ବୃକ୍ଷ ଉପରେ ଅନତି ଦୂରରୁ ପକ୍ଷୀଟିଏ ଆସି ବସିଲା । ପକ୍ଷୀକୁ ବୃକ୍ଷ ପଚାରିଲା, କ'ଣ ପକ୍ଷୀ ଭାଇ ମନ ଭଲ ନାହିଁ କି ? ପକ୍ଷୀଟି କହିଲା ମନ ଭଲ ଥିଲେ କ'ଣ ହେବ, ଜୀବନରେ ବଞ୍ଚିବା ପାଇଁ ବହୁତ ସମସ୍ୟା ଆସି ପହଞ୍ଚିଲାଣି । ବୃକ୍ଷ ପୁଣି ପଚାରିଲା କ'ଣ ସମସ୍ୟା ? ହେ ଗଛ ଭାଇ ଶୁଣ, ଏଇଠୁ ବହୁତ ଦୂରରେ ଏକ ଗାଁ ଅଛି । ତା' ନିକଟରେ ଛୋଟିଆ ଜଙ୍ଗଲଟି ଅଛି । ହେଲେସେ ଗାଁର ଲୋକମାନେ ସେହି ଜଙ୍ଗଲରେ ଥିବା ଯେତେ ବଡ଼ ବଡ଼ ଗଛ ସବୁ କାଟି ଘରକୁ ନେଇ ଗଲେଣି । ସେଠାରେ ତୁମରି ପରି ଏକ ବିରାଟ ବୃକ୍ଷରାଜ ଥିଲେ । ଆମର ପକ୍ଷୀ ସମାଜର ଯେତେ ସବୁ ପକ୍ଷୀ ସେହି ବୃକ୍ଷର ଡାଳରେ ବସା ବାନ୍ଧି ରହିଥିଲେ । ମୁଁ କହୁଥିଲି କି ତୁମରି ଡାଳରେ ବସା ବାନ୍ଧିବୁ । ଟିକିଏ ଆଶ୍ରୟ ଦେଲେ ଆମ ପକ୍ଷୀ ସମାଜ ବଞ୍ଚିଯିବୁ । ପକ୍ଷୀ ମୁହଁରୁ ଏକଥା ଶୁଣି ବୃକ୍ଷରାଜ ସମ୍ମତି ପ୍ରକାଶ କଲେ । କିଛି ଦିନ ପରେ ସେହି ପକ୍ଷୀ ତାହାର ସାଙ୍ଗ ପକ୍ଷୀ ମାନଙ୍କୁ ନେଇ ଆସି ସେହି ବିରାଟ ବୃକ୍ଷ ଡାଳରେ ବସା ବାନ୍ଧିଲେ ।

ସେହି ବୃକ୍ଷଦେଇ ଏକ ଅଣଓସାରିଆ ପାଦଚଲା ରସ୍ତାଟିଏ ଯାଇଛି । ସେହିବାଟେ ଟେଉଁ ପଥିକମାନେ ଆସୁଛନ୍ତି ବୃକ୍ଷର ଛାୟାତଳେ କିଛି ସମୟ ବିଶ୍ରାମ ନେଇ ପୁଣି ଯେ ଯାହାର ରାସ୍ତାରେ ଚାଲିଯାଆନ୍ତି । ହେଲେ ଦିନକର ଘଟଣା ଦୁଇଜଣ ଲୋକ ସେହି ବୃକ୍ଷତଳେ ଠିଆ ହୋଇ କଥା ହେଉଥିଲେ । ସେମାନେ ଯାହା ବି କଥା ହେଉଥିଲେ । ବୃକ୍ଷ ଉପରେ ଥିବା ସେ ପକ୍ଷୀଟି ସବୁ ଶୁଣୁଥିଲା । ଜଣେ ବ୍ୟକ୍ତି ଅନ୍ୟ ଜଣକୁ କହୁଥିଲା ଆରେ ସେହି ବୃକ୍ଷ ସବୁଠାରୁ ପୁରୁଣା । ଯଦି ଏହାକୁ କାଟି ପଟା କରିଦିଆ ଯାଏ ତା ହେଲେ ବିକ୍ରି କଲେ ବହୁତ ଟଙ୍କା ମିଳିବ । ତା କଥା ଶୁଣି ଆର ଲୋକଟି କହିଲା, ଭାଇ ଏହି ଗଛଟା ଆଜି କାଲିର ନୁହେଁ ଅନେକ ବର୍ଷରୁ ରହିଛି । ଏତେ ବଡ଼ ଗଛଟା କାଟିବା ଠିକ୍ ହେବ ନାହିଁ କିନ୍ତୁ ପ୍ରଥମ ବ୍ୟକ୍ତି କହିଲା ଆରେ ଏଇ ଗୋଟିଏ ଗଛ ନୁହେଁ, ଏହି ଜଙ୍ଗଲରେ ଏପରି ବହୁଗଛ ଅଛି ଏସବୁକୁ କାଟି ଏହାକୁ ନେଇ ସହରରେ ବିକ୍ରି କଲେ ଧନୀ ଶ୍ରେଣୀର ବ୍ୟକ୍ତିମାନେ ଏହାକୁ କ୍ରୟକରି ସେମାନଙ୍କ ଘର ତିଆରିରେ ବ୍ୟବହାର କରିବେ ଓ ଆମର ଅଜସ୍ର ଅର୍ଥ ଉପାର୍ଜନ ହେବ ।

ଏ ସମସ୍ତ ବିଷୟ ପକ୍ଷୀ ମୁହଁରୁ ବୃକ୍ଷରାଜ ଶୁଣି ତାଙ୍କ ମନ ବିବ୍ରତ ହେଲା । ବୃକ୍ଷରାଜ ନିକଟସ୍ଥ ବୃକ୍ଷ ସମାଜଙ୍କ ନିକଟରେ ଏ ଦୁଃସମ୍ବାଦ ପହଞ୍ଚାଇଲା । ନିକଟରେ ଯେଉଁ ସବୁ ବୃକ୍ଷ ଥିଲେ ସେ ସମସ୍ତେ ପରସ୍ପର ମଧ୍ୟରେ କଥା ହେଲେ । ଏ ମଣିଷ ଗୁଡ଼ାକ କେତେ ନିର୍ଦ୍ଦୟ । ଆମ ବଂଶକୁ ନିପାଦ କଲେ ଭବିଷ୍ୟତରେ ମଣିଷ ବଂଶ ମଧ୍ୟ ନିପାତ ହେବ । ଏମାନଙ୍କ କଥା ଶୁଣି ବୃକ୍ଷରାଜ କହିଲେ, ଆମ ଜାତି ଏହି ମଣିଷମାନଙ୍କ ପାଇଁ କେତେ ଉପକାର ନ କରିଛି । ମଣିଷର ଜନ୍ମଠୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ସମୟରେ ଆମେ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଶିଶୁଟି ଜନ୍ମ ହେଲେ ଏନ୍ତୁଡ଼ି ନିଆଁରୁ ଆରମ୍ଭ ହୁଏ ଆମର କର୍ତ୍ତବ୍ୟ । ତା' ପରେ ଶିଶୁଟି ଚାଲି ନ ପାରିଲେ ତିନି ଚକିଆ ଛୋଟ ଶଗଡ଼ ଭରା ନେଇ ଚାଲେ । ଘରର ଉପକରଣ ସାମଗ୍ରୀ ଯଥା – ଆଲମାରୀ, ଖଟ, ପେଡ଼ି, କବାଟ, ଦ୍ୱାରବନ୍ଧ, ଚଉକି ଏବଂ ଚାଷ କାମରେ ଲଙ୍ଗଳ, ଈଶ, ଜୁଆଳି, ମଈ ଇତ୍ୟାଦି ଗଢ଼ିଥାଏ । ଦୈନନ୍ଦିନ ଜୀବନରେ ଖାଦ୍ୟ ରୋଷେଇ କରିବା ପାଇଁ ଆମକୁ ଖଣ୍ଡ ଖଣ୍ଡ କରି ଚୁଲିରେ ଜାଳି ଦିଆଯାଉଛି । ଆମେ ପ୍ରକୃତିର ସନ୍ତୁଳନକୁ ରକ୍ଷା କରିବାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛୁ । ଯେପରିକି ଅଙ୍ଗାରକାମ୍ଳକୁ ଗ୍ରହଣକରି ଅମ୍ଳଜାନ ପ୍ରଦାନ କରିବା, ବର୍ଷାର ଜଳଚକ୍ରରେ ସାହାଯ୍ୟ କରିବା ତଥା ବର୍ଷାରେ ହେଲେ ନଈ ନାଳରେ ଜଳ ପ୍ରବାହିତ ହେବା ଦ୍ୱାରା ରୋଗ ନିବାରଣ ତଥା କ୍ଷୁଧା ନିବାରଣ କରିବା ସହ ବିଭିନ୍ନ ଔଷଧୀୟ କାର୍ଯ୍ୟରେ ଲାଗି ଆସୁଛେ । ପରିଣତି ବୟସ ଆସିଲେ ଆମକୁ ବଙ୍କୁଲି ବାଡ଼ି କରି ଚାଲିବା ପାଇଁ ସାହାଯ୍ୟ ନେଉଛି । ଛ'ଖଣ୍ଡ କାଠରେ କୁକେଇ ତିଆରି କରି ଶ୍ମଶାନ ପର୍ଯ୍ୟନ୍ତ ବୋହି ନିଅନ୍ତି । ସେତିକିରେ ମଧ୍ୟ ଆମ ସେବା ସରିନି । ଶେଷରେ ଜୁଇ ନିଆରେ ମଣିଷ ଓ ବୃକ୍ଷର ସମ୍ପର୍କର ପରିସମାପ୍ତି ଘଟେ ।

ହେ ମନୁଷ୍ୟ ଥରୁଟିଏ ବିଚାର କର । ତୁମେ ଆମ୍ଭକୁ କ'ଣ ଦେଇଛ ? ତୁମେ କେବଳ ଆମ ପ୍ରକୃତିକୁ ଏତିକି ମାତ୍ର ଦାନ କରିଛ, ଯଥା କଂକ୍ରିଟ ଜଙ୍ଗଲ, କଳକାରଖାନା ଦ୍ୱାରା ପ୍ରଦୂଷିତ ବାଷ୍ପ ଓ ଦୂଷିତ ଜଳ ନିର୍ଗମନ । ଏହା ଦ୍ୱାରା ପ୍ରକୃତିରାଣୀ ଧ୍ୱଂସ ହେବାରେ ଲାଗିଛି । ଏ ମଣିଷ ଗୁଡ଼ାକ କେତେ ସ୍ୱାର୍ଥପର । ଶେଷରେ ବୃକ୍ଷମାନେ ନିବେଦନ କରି କହିଲେ –

ହେ ଅଜ୍ଞାନ ମଣିଷ
ନଷ୍ଟ ନକର ପରିବେଶ
କର ହେ ବୃକ୍ଷରୋପଣ
ସୁସ୍ଥ ରଖ ଜୀବନ ।

ବ୍ରହ୍ମପୁର ।

# କର୍ମ-ଜ୍ଞାନ-ଭକ୍ତି ଓ ପରମାତ୍ମାଙ୍କ ସତ୍ତା

- ସୁଚିତ୍ରା ବେହେରା

ହିନ୍ଦୁଧର୍ମର ସର୍ବଶ୍ରେଷ୍ଠ ଧର୍ମ ଓ ପବିତ୍ର ଗ୍ରନ୍ଥ ହେଉଛି ଶ୍ରୀମଦ୍ ଭଗବତ୍ ଗୀତା । ସମସ୍ତ ତତ୍ତ୍ୱ ଜ୍ଞାନରେ ପରିପୂର୍ଣ୍ଣ । ଏହି ଧର୍ମ ଗ୍ରନ୍ଥରେ ବର୍ଣ୍ଣିତ ତିନୋଟି ଷଟକ କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗ । ଅର୍ଥାତ୍ ଆତ୍ମା ସଂଗେ ପରମାତ୍ମାଙ୍କ ସଂଯୋଗ ତାହା ପୁଣି ନିରନ୍ତର । ଯାହା ଠାରେ ଏଭଳି ଆଚରଣ ପ୍ରକାଶ ପାଏ ସେ ହୁଏ ପରମଭକ୍ତ । କର୍ମ ଜ୍ଞାନ ଓ ଭକ୍ତି କ୍ଷେତ୍ରରେ ପ୍ରତ୍ୟେକ ମୁହୂର୍ତ୍ତରେ ପରମାତ୍ମାଙ୍କ ସହ ସଂଯୋଗ ବା ପରମାତ୍ମାଙ୍କ ସତ୍ତାକୁ ଉପଲବ୍ଧି କରିବା ହିଁ ଯଥାର୍ଥ ଅଟେ । କର୍ମ ଜ୍ଞାନ ଓ ଭକ୍ତି ଏହି ତିନୋଟି ଯାକର ମହତ୍ତ୍ୱ ବହୁତ ଅଧିକା । କାରଣ କର୍ମ ବିହୀନ ଜୀବନର ମୂଲ୍ୟବୋଧ କିଛି ନଥାଏ । ଭକ୍ତି ବିନା ଜୀବନର ସାର୍ଥକା କିଛି ନଥାଏ । ଜ୍ଞାନ ହେଉଛି ମାର୍ଗଦର୍ଶକ । ଭଗବାନଙ୍କୁ ଜାଣିବା ପାଇଁ ସଂସାର କର୍ମ ଓ ସୃଷ୍ଟିର ନିୟମକୁ ବୁଝିବା ପାଇଁ ଆତ୍ମଜ୍ଞାନର ଆବଶ୍ୟକତା ରହିଛି । ତେଣୁ ଜ୍ଞାନ ବିନା ଜୀବନରେ ମାର୍ଗଦର୍ଶନ ହୋଇନଥାଏ । ମାନବ ଯାହା କର୍ମକରେ ସେଥିପାଇଁ ଜ୍ଞାନ ହିଁ ତାକୁ ସମସ୍ତ ପରାମର୍ଶ ଦେଇଥାଏ । କେଉଁ କର୍ମ ବିହିତ କର୍ମ ଆଉ କେଉଁଟା ଅବିହିତ କର୍ମ ତା'ର ସୂଚନା ଜ୍ଞାନରୁ ହିଁ ମିଳେ । ଜ୍ଞାନୋଦୟ ହୋଇପାରେ ସେ ଅବିହିତ କର୍ମଠାରୁ ଊର୍ଦ୍ଧ୍ୱକୁ ଚାଲିଯାଏ । ସତ୍ ମାର୍ଗର ସନ୍ଧାନ ପ୍ରାପ୍ତ ହୋଇଥାଏ । ସେ ସମସ୍ତ ବହିତ କର୍ମରେ ନିଜକୁ ନିୟୋଜିତ କରିଦିଏ । ପରମାତ୍ମା ଈଶ୍ୱରଙ୍କୁ ଭକ୍ତି କରିବାର ମାର୍ଗ ମଧ ଏହି ଜ୍ଞାନରୁ ହିଁ ମିଳିଥାଏ । ମାର୍ଗଦର୍ଶନ ହେଲା ପରେ ଈଶ୍ୱରଙ୍କ ସତ୍ତାକୁ ବୁଝିବାରେ ସାମର୍ଥ୍ୟ ଆସିଯାଏ ନିଜ ଭିତରେ । ପ୍ରତ୍ୟେକ କ୍ଷୁଦ୍ର କଣିକା ମଧରେ ବୃହତ୍ତର ସନ୍ଧାନର ପ୍ରାପ୍ତି ହୁଏ । କର୍ମ ଜ୍ଞାନ ଓ ଭକ୍ତିର ସମ୍ମିଶ୍ରଣରେ ଈଶ୍ୱରଙ୍କ ସତ୍ତାକୁ ଉପଲବ୍ଧି କରିବା ସହଜ ହୋଇଥାଏ । ପରମାତ୍ମା ଈଶ୍ୱରଙ୍କ ଅଦୃଶ୍ୟ ଶକ୍ତିରେ ପରିଚାଳିତ ବିଶ୍ୱବ୍ରହ୍ମାଣ୍ଡର ସତ୍ତାକୁ ଅନୁଭବ କରିହୁଏ ।

ଏହା ସତ୍ୟ ଯେ ପ୍ରତ୍ୟେକ ଆତ୍ମା ଭିତରେ ପରମାତ୍ମାଙ୍କ ଅବସ୍ଥାନ । ମାତ୍ର ପରମାତ୍ମା ଈଶ୍ୱର ନିୟତିର ଅଧୀନ କରିଛନ୍ତି ସମସ୍ତ ପ୍ରବୃତ୍ତିକୁ । ମଣିଷ ଏକାକୀ ଜନ୍ମ ଲାଭ କରି ଏକାକୀ ମଧ୍ୟ ମୃତ୍ୟୁଲାଭ କରେ । ତେଣୁ ଏ ଅଲୀକ ସଂସାରରେ କୌଣସି ବସ୍ତୁ ନୁହେଁ । ଆତ୍ମା ହିଁ ଏକମାତ୍ର ସତ୍ୟ । ପରମାତ୍ମା ହେଉଛନ୍ତି ମହା ସତ୍ୟ । ସବୁ ମାୟାର ଅଧୀନ ହୋଇ ମାନବ ଏ ସଂସାରରେ ଘୂରିବୁଲେ । ହେଲେ କିଛି ବି ସାଙ୍ଗରେ ନେଇ ଯାଏନାହିଁ । କର୍ମ ହିଁ ଏଇ ସଂସାରରେ ତାର ପରିଚୟ ହୋଇଥାଏ । ଇନ୍ଦ୍ରିୟାସକ୍ତ ହୋଇ ସଂସାର କର୍ମରୁ ଊର୍ଦ୍ଧ୍ୱକୁ ନଯିବା ପାଇଁ ପରମାତ୍ମା ଈଶ୍ୱର ମାନବକୁ ଯେଉଁ ଆତ୍ମଜ୍ଞାନ ପ୍ରଦାନ କରିଛନ୍ତି ତାହାକୁ ନିଜ ଚେତନା ମଧ୍ୟରୁ ଅନୁଭବ କରିବାକୁ ହୁଏ । କାରଣ ମନୁଷ୍ୟ ଯାହା କର୍ମ କରେ ତାହା ତାର ଚେତନା ଦ୍ୱାରା ନିର୍ଦ୍ଦେଶିତ ହୋଇଥାଏ ।

ପୁଣ୍ୟ କର୍ମ ପାଇଁ ପ୍ରଥମେ ଆତ୍ମଶୁଦ୍ଧି ଓ ଆତ୍ମଜ୍ଞାନର ଆବଶ୍ୟକ ହୋଇଥାଏ । ଆତ୍ମଶୁଦ୍ଧି ନହେଲେ କର୍ମ ଶୁଦ୍ଧି ହୁଏନାହିଁ । କର୍ମ ଶୁଦ୍ଧି ନହେବା ଯାଏ ମାନବ ଜନ୍ମର ସାର୍ଥକତା ମିଳେନାହିଁ । ଈଶ୍ୱର ପ୍ରାପ୍ତି ମଧ୍ୟ ସମ୍ଭବ ହୁଏନାହିଁ । ଏହି ହେତୁ ଚେତନାରେ ଶୁଦ୍ଧତା ଆସିବା ଦ୍ୱାରା ମାନବ ପୁଣ୍ୟ କର୍ମ କରିବାକୁ ମାର୍ଗଦର୍ଶୀ ହୋଇଥାଏ । ପ୍ରକୃତ ବାସ୍ତବ ସତ୍ୟକୁ ଉପଲବ୍ଧି କରିପାରେ । ତେଣୁ ମନୁଷ୍ୟର ସମ୍ବଳ ହେଉଛି କେବଳ ତା'ର କର୍ମ । ଏହି କର୍ମବାଦ ସମ୍ପର୍କରେ ଭାଗବତରେ କୁହାଯାଇଛି –

ଏ ଜୀବ ନିଜ କର୍ମଫଳ
ଭୁଞ୍ଜଇ ରହି ଏ ସୟଳ
କର୍ମର ମତେ ସୁଖ ଦୁଃଖ
ଜନ୍ମ ମରଣ ହାୟେ ଦେଖ ।
କର୍ମଟି ସୁଖ ଦୁଃଖ ଦାତା
ବିଶ୍ୱ ସଂସାରେ ବଳବନ୍ତା ।

ଯେଉଁ କର୍ମ ବର୍ତ୍ତମାନରେ ହାତରେ ନିହିତ ଥାଏ ତାହା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ଯିଏ ସାଂଗରେ ରହି କର୍ମ କରେ ସେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଚୁକ୍ତି ହୋଇଥାଏ । ଉପସ୍ଥିତି ସମୟ ହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ ହୋଇଥାଏ । ତେଣୁ ଏସବୁ ବ୍ୟର୍ଥ କରିବା ସର୍ବଦା ଅନୁଚିତ । କର୍ମ ଅନୁଯାୟୀ କର୍ମଫଳ ପ୍ରାପ୍ତି ହୋଇଥାଏ । ଉଚିତ୍ କର୍ମ ପାଇଁ ସୁଫଳ ଏବଂ ଅନୁଚିତ କର୍ମ ପାଇଁ କୁଳ ମିଳିବା ବିଧିର ବିଧାନ ଅଟେ । ଏହି ହେତୁ ଆତ୍ମଜ୍ଞାନ ଓ ଆତ୍ମଶୁଦ୍ଧି ହିଁ ଉଚିତ୍ କର୍ମ କରିବାକୁ ଦିଗଦର୍ଶନ ଦେଇଥାଏ ।

ଆତ୍ମଶୁଦ୍ଧି ଅର୍ଥାତ୍ ଚେତନାରେ ଶୁଦ୍ଧତା ଆଣିବା ପାଇଁ ଆତ୍ମଜ୍ଞାନ ଜରୁରୀ ହୋଇଥାଏ । ଆତ୍ମାର ଅନୁଶୀଳନ କରିବା ଅର୍ଥ ଚେତନା ମଧ୍ୟରୁ ସମସ୍ତ ବଦଗୁଣକୁ ପରିତ୍ୟାଗ କରିବା । ଇନ୍ଦ୍ରିୟକୁ ଦମନ କରି ନିୟତ କର୍ମ କଲେ ବିବେକ ତଥା ସତଜ୍ଞାନର ଉଦ୍ରେକ ହୋଇଥାଏ । ଆତ୍ମା କୌଣସି ବସ୍ତୁ କି ପଦାର୍ଥ ନୁହେଁ ଯାହାକୁ ପରିଷ୍କୃତ ବା ଶୁଦ୍ଧ କରିବା ପାଇଁ କୌଣସି କୌଶଳ କିମ୍ବା ପଦ୍ଧତିର ଆବଶ୍ୟକତା ରହିଅଛି । ଆତ୍ମା ବା ବ୍ରହ୍ମ ହେଉଛି ଏକ ଚେତନା । ଏକ ସଜୀବନ କ୍ରିୟା । ଯାହାର କ୍ଷୟ ନାହିଁ କି ଅନ୍ତ ନାହିଁ । ଯାହାକୁ ଦେଖିହୁଏ ନାହିଁ । ମାତ୍ର ଅନୁଭବ କରିହୁଏ । ଶରୀର ଧାରଣ କରି କର୍ମ କରୁଥିବା ପ୍ରତ୍ୟେକ ଜୀବ ମଧ୍ୟରେ ଏହି ଆତ୍ମା ବିଦ୍ୟମାନ । କର୍ମ ଶେଷପରେ ଶରୀରରେ ମୃତ୍ୟୁ ହୁଏ । ହେଲେ ଆତ୍ମାର ମୃତ୍ୟୁ ଘଟେ ନାହିଁ । ଆତ୍ମା ସର୍ବଦା ଜୀବନ୍ତ । ପରାମାତ୍ମା ଭଗବାନଙ୍କ ନିର୍ଦ୍ଦେଶରେ ମୃତ୍ୟୁ ପରେ ଶରୀରଠାରୁ ଆତ୍ମା ପୃଥକ ହୁଏ । ଭିନ୍ନ ଏକ ଜନ୍ମ ହୁଏ । ତେଣୁ ଆତ୍ମା ହେଉଛି ଅବିନାଶୀ, ଅମର ଓ ଅକ୍ଷୟ । ଆତ୍ମାବିହୀନ ଶରୀର ମୃତୁ ଶରୀର ଅଟେ ।

ଆତ୍ମଶୁଦ୍ଧି ପାଇଁ ଚେତନାରୁ କୁଟୀଳତା ପରିତ୍ୟାଗ କରି ସରଳ ହେବା ଆବଶ୍ୟକ । ସରଳ ଓ ସମ୍ବେଦନଶୀଳହେବା ଦ୍ୱାରା ମନରେ ସହାନୁଭୂତି ଆସେ । ଦୟା, ପ୍ରେମ ଓ କ୍ଷମା ଭାବନା ଜାଗ୍ରତ ହୁଏ । ବ୍ୟକ୍ତିର ବାହ୍ୟ ଓ ଆଭ୍ୟନ୍ତରୀଣ ରୂପ କର୍ମ ଓ ବଚନରେ ସମତା ଆସିଥାଏ । ସରଳତା ଜଗତକୁ ଯୋଡ଼ିଥାଏ । ସମ୍ପର୍କକୁ ଦୃଢ଼ ସୂତ୍ରରେ ବାନ୍ଧିଥାଏ । ମାତ୍ର କୁଟୀଳତା ସବୁଥିରେ ବିଚ୍ଛିନ୍ନତା ଆନୟନ କରିଥାଏ । ବ୍ୟକ୍ତିତ୍ୱକୁ ନଷ୍ଟ କରିଥାଏ । ପ୍ରତ୍ୟେକ କର୍ମରେ ଅସ୍ୱଚ୍ଛତା ଭରିଥାଏ । କୁ ମାର୍ଗରେ ଯାଇ ଅକର୍ମ କରିବାକୁ ପ୍ରବର୍ତ୍ତାଇଥାଏ । ସରଳତା ପରମାତ୍ମା ଈଶ୍ୱରଙ୍କ ପ୍ରିୟ ହୋଇଥାଏ । ଆଚରଣ ଓ ଉଚ୍ଚାରଣରେ ସରଳ ହେବା ହିଁ ପରମାତ୍ମାଙ୍କର ନିର୍ଦ୍ଦେଶ ଅଟେ । ଗୋସ୍ୱାମୀ ତୁଳସୀ ଦାସ କୃତ ଶ୍ରୀରାମଚରିତ ମାନସରେ ବର୍ଣ୍ଣିତ ହୋଇଛି–

ନିର୍ମଳ ମନ ଜନ ସୋ ମୋହି ପାବା ।
ମୋହି କପଟ ଛଳଛିଦ୍ର ନ ଭାବା ।

ଭକ୍ତି ମଧ୍ୟ ଏକ ପ୍ରକାର କର୍ମ ଅଟେ । ଈଶ୍ୱରଙ୍କ ପ୍ରତି ଗୁରୁଙ୍କ ପ୍ରତି ଗୁରୁଜନଙ୍କ ପ୍ରତି ଭକ୍ତି କରିବା ମାନବ କର୍ମର ଅନ୍ତର୍ଭୁକ୍ତ । ସେବା, ତ୍ୟାଗ, ସମର୍ପଣ, ସମ୍ପ୍ରୀତି ଏହି ସବୁ କର୍ମ ଭକ୍ତି ଭାବରେ ହିଁ ଆସେ । ଭକ୍ତିଯୋଗ ସମ୍ପର୍କରେ ଭାଗବତରେ ଉପଯୁକ୍ତ ଜ୍ଞାନ ପ୍ରଦାନ କରାଯାଇ ଅଛି । ଭକ୍ତି ଭିନ୍ନ ଭଗବାନ ପ୍ରାପ୍ତି ନାହିଁ । ତେଣୁ କୁହାଯାଇଛି–

କର୍ମ ମୋହର ନିଜ ନିଜ ଗୁରୁ
ଉଦ୍ଧବ କେତେ ତୁ ପଚାରୁ ।

କର୍ତ୍ତବ୍ୟ ପ୍ରତି ବିମୁଖ ହୋଇ ପଳାୟନ କରିବାରେ ଭକ୍ତି ତଥାନ୍ତା ବରଂ କର୍ତ୍ତବ୍ୟ ପାଳନ ପୂର୍ବକ ଈଶ୍ୱରଙ୍କୁ ସ୍ମରଣ କରି ସତ୍ୟ ମାର୍ଗରେ ଚାଲିବା ହିଁ ବାସ୍ତବ ଭକ୍ତି ଅଟେ । ଏହିହେତୁ କର୍ତ୍ତବ୍ୟ ପ୍ରତି ବିମୁଖ ନହୋଇ ମନର ବିକାର ଗୁଡ଼ିକୁ ତ୍ୟାଗ କରିବାର ପ୍ରୟୋଜନୀୟତା ବାଞ୍ଛନୀୟ ହୋଇଥାଏ । ଭକ୍ତି ମଧ୍ୟ ଉତ୍କଳୀୟ ମୁଖ୍ୟ ବିଶେଷତ୍ୱ । ଏହି ଭକ୍ତିକୁ ନେଇ ଭାଗବତରେ ଅଛି –

ନିରତେ ଥିବ ସାଧୁ ସଂଗେ
ନିର୍ମଳ ଭକ୍ତି ଯୋଗ ମାର୍ଗେ ।

ଜଗତ କର୍ତ୍ତା ଶ୍ରୀଜଜଗନ୍ନାଥ ହେଉଛନ୍ତି ମହାଶୂନ୍ୟ । ସେ ମଧ୍ୟ ହେଉଛନ୍ତି ପୂର୍ଣ୍ଣ । ସେ ସାକାର ପୁଣି ନିରାକାର । ସେ ନିତ୍ୟ ପୁଣି ଅନିତ୍ୟ । ସେ ହିଁ ଅସୀମ । ସେ ହିଁ ସସୀମ । ସେ ଶିବ ପୁଣି ଶିବ । ସେ ରାମ ପୁଣି ଲୀଳା ରୂପରେ ଅର୍ଦ୍ଧାନାରୀଶରୀରର ଓ ନାରୀ ଉଭୟ ରୂପର ସମନ୍ୱୟ ତାଙ୍କ ଭିତରେ । ଶ୍ରୀକୃଷ୍ଣ ହେଉଛନ୍ତି ପୁରୁଷ । ରାଧା ହେଉଛନ୍ତି ନାରୀ ବା ପ୍ରକୃତି । ପ୍ରକୃତି ଓ ପୁରୁଷଙ୍କ ମିଳନରେ ଏ ସୃଷ୍ଟି ସଚଳାପୁରୁଷ ଓ ପ୍ରକୃତି ପରସ୍ପର ପରିପୂରକ । ପୃଥିବୀର ସର୍ବ ସୁନ୍ଦରତମ ରୂପ ମଧ୍ୟରେ ଶିବ ଓ ଶକ୍ତିଙ୍କ ସମ୍ମିଳିତ ରୂପ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଅର୍ଦ୍ଧାଂଗ ଶିବ ପାର୍ବତୀ ହେଉଛନ୍ତି ଶକ୍ତିମୟ ରୂପ । ପାର୍ବତୀ ଶ୍ରଦ୍ଧା ଓ ଶିବ ବିଶ୍ୱାସର ପ୍ରତୀକ । ବିଷ୍ଣୁ ପୁରାଣରେ ଉଲ୍ଲେଖ ଅଛି ସୃଷ୍ଟିର ଆରମ୍ଭରେ ରୁଦ୍ର ଅଧା ଶରୀରକୁ ପୁରୁଷ ଓ ଅଧା ଶରୀରକୁ ନାରୀ ଭାବରେ ପ୍ରକଟିତ କରି ଦର୍ଶନ ଦେଇଥିଲେ । ଏହା ଦେଖି ବ୍ରହ୍ମା ସନ୍ତୁଷ୍ଟ ହୋଇଥିଲେ । ଅର୍ଦ୍ଧନାରୀ ନର ବପୁଃ ପ୍ରଚଣ୍ଡୋତି ଶରୀରବାନ୍ । ବୃହଦାରଣ୍ୟକ ଉପନିଷଦରେ ମଧ୍ୟ ଏହି ଭାବ ବ୍ୟକ୍ତ କରାଯାଇଅଛି ଯେ ସର୍ବପ୍ରଥମେ ସବୁ କେବଳ ଆତ୍ମା ହିଁ ଥିଲା । ତାହା ପୁରୁଷ ସଦୃଶ୍ୟ ଥିଲା । ଏହି ଏକା ଏକା ଭାବ ଭଲ ନ ଲାଗିବାରୁ ପୁରୁଷ ଓ ପ୍ରକୃତିର ମିଳନରୁ ଦୁଇଭାଗ ହେଲା । ଏକ ଭାଗ ନାରୀ ଓ ଅନ୍ୟଭାଗ ପୁରୁଷ ହେଲା ।

ଆତ୍ମା ହେଉଛି ସମସ୍ତ ଶକ୍ତିର ସର୍ବୋଚ୍ଚ, ସର୍ବ ମହାନ୍ ଓ ସ୍ୱୟଂ ସମ୍ପୂର୍ଣ୍ଣ ନିଦର୍ଶନ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶୂନ୍ୟ ଆକାରରେ ସବୁକିଛି ଲୀନ ହେଲା ଭଳି ଆତ୍ମା ବା ବ୍ରହ୍ମରେ ହିଁ ସବୁ ଲୀନ ହୋଇଥାଏ । ତେଣୁ ଯଥାର୍ଥରେ କୁହାଯାଇଛି –

ଆତ୍ମା କୁଶଳେ ସର୍ବ ସିଦ୍ଧି
ତରଇ ସଂସାର ବାରିଧି ।

ଭାରତୀୟ ସଂସ୍କୃତି ଆତ୍ମାକୁ ବ୍ୟାପକ ଅର୍ଥରେ ଗ୍ରହଣ କରେ । ପୁରୁଷ ଓ ପ୍ରକୃତି ସମନ୍ୱିତ ରୂପ ଭଳି ଆତ୍ମା ଓ ଶରୀର ଏକତ୍ର ଜଡ଼ିତ । ଶରୀର ଠାରୁ ଆତ୍ମା ପୃଥକ ହେଲେ ତାହା ଜଡ଼ ପାଲଟିଯାଏ । ଉପନିଷଦରେ ଅଛି ଯେ ଆତ୍ମାରେ ସ୍ତ୍ରୀ ଓ ପୁରୁଷର ପ୍ରଭେଦ ନାହିଁ । ଏହା ବ୍ୟତୀତ ଭାରତୀୟ ସଂସ୍କୃତି ଅନୁଯାୟୀ କେବଳ ନରନାରୀ ନୁହେଁ, ପଶୁପକ୍ଷୀ, ବୃକ୍ଷଲତା ସମସ୍ତଙ୍କଠାରେ ଆତ୍ମା ବିଦ୍ୟମାନ । ଶ୍ରୀମଦ୍ଭାଗବତ ଗୀତାରେ ମଧ୍ୟ ଅଛି ଯେ ଯେଉଁ ବ୍ୟକ୍ତି ଏହି ସମତାର ତତ୍ତ୍ୱ ଅନୁଭବ କରେ ସେ ହିଁ ପଣ୍ଡିତ । ଏହି ହେତୁ ସମସ୍ତ କର୍ମ ଓ ବୈଭବରେ ଉଭୟଙ୍କର ସମ ଅଧିକାର ରହିଅଛି । ପରମାତ୍ମା ଭଗବାନ ଯେଉଁଠି ପ୍ରକୃତି ବିନା ଅସମ୍ପୂର୍ଣ୍ଣ ତା ସହିତ ଏ ସୃଷ୍ଟି ଅସମ୍ଭବ ତେବେ ଆତ୍ମା ଭିତରେ ପରମାତ୍ମାଙ୍କ ସତ୍ତା ରହିବା ମଧ୍ୟ ସତ୍ୟ ଅଟେ । ଏହି ସତ୍ତାକୁ ଉପଲବ୍ଧ କଲାପରେ ପରମାନନ୍ଦ ପ୍ରାପ୍ତି ହୋଇଥାଏ । ଜୀବନର ସାର୍ଥକତା ଆସିଥାଏ ।

ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର –୧୮ ।

# ଶ୍ରୀରାମଙ୍କ ଶୈଶବର ସାତୋଟି ସୂତ୍ର

- ଦୁଷ୍ମନ୍ତ ସାହୁ

ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହେବା ପୂର୍ବରୁ କେବଳ ମାତ୍ର ବ୍ରହ୍ମ ବିଦ୍ୟମାନ ଥିଲେ ସେଥିପାଇଁ କୁହାଯାଏ ଏକ ବ୍ରହ୍ମ ଦ୍ୱିତୀୟେ ନାସ୍ତି । ବ୍ରହ୍ମ (ଜ୍ୟୋତି ନିରଞ୍ଜନ) ତପ କରୁଥିବା ସମୟରେ ଜ୍ୟୋତି ନିରଞ୍ଜନ ଏକୋଇଶି ବ୍ରହ୍ମାଣ୍ଡରେ ଅବସ୍ଥାନ କରୁଥିବା ଆମ୍ଭେ ସମସ୍ତ ଆତ୍ମା ଏହାର ସାଧନା ପ୍ରତି ହୋଇଗଲୁ ତଥା ଅନ୍ତର ସହ ଭଲ ପାଇବାକୁ ଲାଗିଲୁ ଏବଂ ନିଜ ସୁଖଦାୟୀ ପ୍ରଭୁ ସତ୍ୟ ପୁରୁଷଙ୍କ ପ୍ରତି ବିମୁଖ ହୋଇଗଲୁ । ଯେଉଁ କାରଣରୁ ପତିବ୍ରତା ପଦରୁ ଦୂର ହୋଇଗଲୁ । ପୂର୍ଣ୍ଣବ୍ରହ୍ମ ଯେ କି ସୃଷ୍ଟି ରଚନାର ସତ୍ୟପୁରୁଷ । ସତ ଲୋକର ସ୍ୱାମୀ । ଅଗମ୍ୟ ପୁରୁଷ ଅକୁହା ଲୋକର ସ୍ୱାମୀ ସେହି ଏକ ପୂର୍ଣ୍ଣ ବ୍ରହ୍ମ ଅଟନ୍ତି । ଯେ କି ବାସ୍ତବରେ ଅବିନାଶୀ । ପ୍ରଭୁ ଅଟନ୍ତି ଏବଂ ସେ ଭିନ୍ନଭିନ୍ନ ରୂପ ଧାରଣ କରି ନିଜ ଚାରିଲୋକରେ ରୁହନ୍ତି । ଯାହା ଅନ୍ତର୍ଗତ ଅସଂଖ୍ୟ ବ୍ରହ୍ମାଣ୍ଡ ଅବସ୍ଥିତ । ଏହି ପୂର୍ଣ୍ଣବ୍ରହ୍ମଙ୍କ ବାରମ୍ୱାର ସାବଧାନ କରିବା ସତ୍ତ୍ୱେ ବି ଆତ୍ମମାନଙ୍କର ଅକ୍ଷର ପୁରୁଷ ଠାରୁ ହଟିଲା ନାହିଁ । ସେଥିପାଇଁ ଓଡ଼ିଆରେ ପ୍ରବାଦ ଅଛି -

ବାପ ରୁଇଛି ତାଳ
ପୁଅପାଇଁ ହେଲା କାଳ ।

ସେହି କଥାର ପ୍ରଭାବ ଆଜି ମଧ୍ୟ କଳିଯୁଗରେ ପ୍ରତିଫଳିତ ହେଉଛି । ଆଜିର ଯୁବ ପିଢ଼ି ପଥଭ୍ରଷ୍ଟ, ବିଶୃଙ୍ଖଳିତ, ନିର୍ବୋଧତା ପରି କାର୍ଯ୍ୟ କରୁଛି । ସମାଜରେ ଘଟୁଥିବା ପ୍ରତ୍ୟେକ କାର୍ଯ୍ୟକୁ ଆମ୍ଭେ ଦୃଷ୍ଟି ଦେବା । ଆଧୁନିକତାକୁ ଦ୍ୱାହି ଦେଇ ନିଜର ମାତୃଭାଷା, ମାତୃଭୂମି, ପ୍ରାଚୀନ ସଂସ୍କୃତି ପରମ୍ପରାର ବହୁ ଦୂରକୁ ଚାଲିଗଲେଣି । ଫଳରେ ସମାଜ ଆଜି କଳୁଷିତ ହେଇ ନିମ୍ନପଥଗାମୀ ହୋଇ ନିଜର ଅସ୍ତିତ୍ୱ ହରାଇବସିଲାଣି । ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟାୟ, ଅନୀତି, ଅତ୍ୟାଚାର, ହତ୍ୟା, ଧର୍ଷଣ, ଲାଞ୍ଚ କାରବାର ଓ ବହୁ ଅସାମାଜିକ କାର୍ଯ୍ୟ ଚାଲୁରହିଛି । ଯାହାର ପରିଣାମ ଅତି ଭୟଙ୍କର । ଯାହାକି କରୋନା ଭୂତାଣୁ ଠାରୁ ଆହୁରି ଭୟଙ୍କର । ବିଭିନ୍ନ ଶାସ୍ତ୍ର, ପୁରାଣ, ଗୀତା, ଉପନିଷଦ ଓ ମହାପୁରୁଷ ମାନଙ୍କ ଦ୍ୱାରା ରଚିତ ଉପଦେଶାବଳୀ ଓ ସାରଗର୍ଭକ ବାଣୀକୁ ଅନୁଧ୍ୟାନ ନକରି ଅସାମାଜିକ ଅବିବେକୀ ଦାୟିତ୍ୱହୀନା ଓ ପଶୁ ସଦୃଶ କାର୍ଯ୍ୟ କରୁଛି, ଫଳରେ ସମାଜରେ ଦେଖାଦେଇଛି ଅବ୍ୟବସ୍ଥା ।

ତେତ୍ରୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଶୈଶବ ଅବସ୍ଥାରେ ସାତୋଟି ସୂତ୍ର ପାଳନ କରିଥିଲେ । ବର୍ତ୍ତମାନ ସମୟରେ ବହୁ ଚର୍ଚ୍ଚିତ ପବିତ୍ର ଗ୍ରନ୍ଥ ଶ୍ରୀରାମ ଚରିତ ମାନସ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାତ୍ର ସାତୋଟି ସୂତ୍ରର ଉଲ୍ଲେଖ କରିଛନ୍ତି । ଆମେ ସମସ୍ତେ ବଡ଼ ସହରରେ କିଭଳି ଜାଗା କ୍ରୟ କରିବା, କୋଠା ତିଆରି କରିବା, ବ୍ୟାଙ୍କରେ ସଂଚୟ କରିବା ଓ ବଡ଼ଲୋକ ହେବାର ନିଶା ଘାରିଛି, କିନ୍ତୁ ଏ ସବୁଠାରୁ ଦୂରରେ ରହି ନିଜ ପିଲାମାନଙ୍କୁ କେବଳ ସାତୋଟି ସରଳ ଅଭ୍ୟାସ କରାଇ ପାରିଲେ ତାର ଭବିଷ୍ୟତ ନିଶ୍ଚୟ ମଙ୍ଗଳମୟ ହେବ ଓ ସୁସ୍ଥ ସମାଜ ଗଠନ ହୋଇପାରିବ । ସେଥିପାଇଁ ନୀତିଶାସ୍ତ୍ରରେ କୁହାଯାଇଛି-

ଗତେ ଶୋକା ନ କର୍ତ୍ତବବୋ ଭବିଷ୍ୟ ନୈବ ଚିନ୍ତୟେତ
ବର୍ତ୍ତମାନେନ କାଳେନ ପ୍ରବର୍ତ୍ତନ୍ତେ ବିଚକ୍ଷଣା ।

ବର୍ତ୍ତମାନ ସେ ସମୟ ଉପନୀତ ହୋଇଛି । ଏହାର ସଦୁପଯୋଗ କରି ପିଲାମାନଙ୍କୁ ଯେଉଁ ବୟସ କ୍ରମରେ ଥାଆନ୍ତୁ ନା କାହିଁକି ସାତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଜୀବନରେ ଗତିପଥ ବଦଳାଇ ଦେଇ ପଶୁତ୍ୱରୁ ଦେବତ୍ୱ ଆଡ଼କୁ ନେଇଯିବ । ପ୍ରଭୁ ରାମଚନ୍ଦ୍ର ଅଯୋଧ୍ୟାର ଚକ୍ରବର୍ତ୍ତୀ ରାଜା ଦଶରଥଙ୍କ ପୁତ୍ର ହୋଇ ମଧ୍ୟ ସାତୋଟି ସୂତ୍ରକୁ ଜୀବନଚକ୍ର ମଧ୍ୟରେ ପ୍ରୟୋଗ କରି ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ଖ୍ୟାତି ଲାଭ କରିଥିଲେ । ସେହି ସାତୋଟି ସୂତ୍ର - ୧. ପ୍ରାତକାଲ୍ ଉଠିକେ ରଘୁନାଥ, ୨. ଗୁରୁ ପିତୃମାତୃ ନାଓ୍ୱାହିଁ ମାଥା, ୩. ଆୟୁଷ ମାଗି କରାହୁ ପୁରକାଜା, ୪. ଅନୁଜ ସଖା ସଂଗେ ଭୋଜନ କରହି, ୫. ପିତମାତୁ ଆଜ୍ଞା ଅନୁସରହୀ, ୬. ବେଦ ପୁରାଣ ସୁନାହି ମନ ଲାଇ, ୭. ଆପୁ କହଇ ଅନୁଜହି ସମଝାଇ ।

ଆଜିର ଯୁବଗୋଷ୍ଠୀ ଚଳଚ୍ଚିତ୍ର ଅଭିନେତା ଯେଉଁଭଳି ଚୁଟି କାଟିଲେ ଯେଉଁଭଳି ପୋଷାକ ପିନ୍ଧିଲେ ଓ ଯେଉଁଭଳି ଷ୍ଟାଇଲିରେ କଥା କହିଲେ ତାର ଅନୁରୂପ ଅଭିନୟ କରୁଛନ୍ତି ସମାଜରେ । କିନ୍ତୁ ଜଣେ ଦେଶ ପାଇଁ ସହୀଦ ହେଲା ସମାଜ ପାଇଁ ସହୀଦ ହେଲା, ମହାପୁରୁଷ, ଆଧାତ୍ମିକ ଗୁରୁ ଏମାନଙ୍କ କଥା ଶୁଣିବା ପାଇଁ ନାରାଜ । ଅମର ଯୁବଗୋଷ୍ଠୀ ଗୀତା, ଭାଗବତ, ବିଭିନ୍ନ ପୁରାଣ ଓ କୌଣସି ଆଧାତ୍ମିକ ବହିକୁ ଅଧ୍ୟୟନ କରନ୍ତି ନାହିଁ । ଯଦି କୌଣସି ଅଭିନେତା ବା ଅଭିନେତ୍ରୀ ନିକଟସ୍ଥ ସହରକୁ ଆସିବାର ଅଛିତ ଦେଖିବାକୁ ମିଳେ ଯେ ନିର୍ବୋଧ ଯୁବଗୋଷ୍ଠୀ କେବଳ ତାଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ସେଠାରେ ଏକତ୍ରିତ ହୁଅନ୍ତି । ସେହି ଅଭିନେତା ମାନେ ନିଜ ପେଟ ପାଇଁ ରୋଜଗାର କରନ୍ତି, କିନ୍ତୁ ଯୁବଗୋଷ୍ଠୀ ସେମାନଙ୍କ ପାଇଁ ଖର୍ଚ୍ଚାନ୍ତ ହୁଅନ୍ତି । ମାଆ ବାପା ଯେତେ ବୁଝାଇଲେ ବି ମାନନ୍ତି ନାହିଁ । କୌଣସି ନା କୌଣସିଠାକୁ କେତେବେଳେ ବି ଲୁଚିଛପି ଚାଲିଯାଆନ୍ତି ଏହା ଆମର ମାନସିକତା ।

ବାରଗୌଣିଆ, ବନ୍ତଳା ଅନୁଗୁଳ ।

# ଅଧାଲେଖା ଚିଠି

– କୁଞ୍ଜ ବିହାରୀ ସାହୁ

ନଈରୁ ପାଣି ସରିଗଲେ ନାଆକୁ କିଏ ପଚାରେ ଆଉ ସ୍ତନରୁ କ୍ଷୀର ସରିଗଲେ ମାଆକୁ କିଏ ପଚାରେ ?

କାନ୍ଦି କାନ୍ଦି ଚିଠି ଲେଖୁଥିଲା କମଳି । ଗାଁରେ ପିଲା ଦି'ଟାକୁ ମଣିଷ କଲା । ସେମାନଙ୍କୁ ନିଜ ଗୋଡ଼ରେ ଠିଆ କରେଇଲା । ହେଲେ ପରବୋଲରେ ପଡ଼ି ନିଜ ଜନ୍ମକଲା ମାଆକୁ ପର କରିଦେଲେ ଦି'ପୁଅ ରସା ଆଉ ଦୁଃଶା । କାହିଁ କେତେ ଦୂରେ ଦି'ପୁଅ । ଆଖି ପାଉନି କମଳିର । ଚିଠିଟିଏ ଲେଖିଦେଉଛି ସିନା ହେଲେ ଡାକବାକ୍ସରେ ପକେଇବାକୁ ଇଚ୍ଛାନାହିଁ । ପାଖରେ କିଏ ସେ ସାହା ଭରସା ଅଛି ଯେ ଆଖିରୁ ଲୁହ ପୋଛିଦେବ । ଟିକେ ହାତ ବଢ଼େଇ ଆଗକୁ ନେଇଯିବ । ସ୍ୱାମୀ ବୋଲି ଯାହାର ହାତ ଧରି ଏତେ ବାଟ ଆଗେଇ ଆସିଥିଲା ଆଜି ସେ ବି ନିଖୋଜ । କମଳି ଦେହର ମାସଂପିଣ୍ଡୁଳା ଶୁଖିଯାଇଛି ବୋଲି ତା ସ୍ୱାମୀ ଶେଖରକୁ ଭଲ ଲାଗିଲାନି । ପତଳା ଶୁଖିଲା ଦେହ ଚମଡ଼ାରେ ଆଉ କ'ଣ ମଜା ଅଛି ଯେ ସ୍ୱାମୀ ବୁଝିପାରିବେ । ଡାଇବେଟିସ୍ ହେବା ଦିନଠୁ କମଳିର ଦେହଟା ଶେତା ପଡ଼ିଯାଇଛି । ଆଖିକୁ ଭଲ ଦିଶୁନି । ଠାକୁଆ ଗାଲଟାରେ ଚୁମା ଦେବାକୁ କିଏ ସେ ଭଲପାଇବ ? ପିଲା ଦିଇଟା ବାହା ସିନା ହେଲେନି ହେଲେ ଲିଭିଙ୍ଗ ଟୁଗେଦର ଫର୍ମୁଲା ପକେଇ ଅନ୍ୟଜାତିର ଝିଅଙ୍କୁ ଧରି ବୁଲୁଛନ୍ତି । ସେମାନେ କୋଉ କମ୍ପାନୀରେ କାମ କରୁଛନ୍ତି ଯେ ସେମାନଙ୍କର ମାଆକୁ ଦେଖିବାକୁ ବେଳ ଅଣ୍ଟୁନି । ଦିଇଟା ପୁଅ ହେଇଗଲା ବୋଲି କମଳି ଖୁସିରେ ଗାଁରେ ମସ୍ତି କରୁଥିଲାବେଳେ ଆଜି ଭାବୁଛି ଗୋଟେ ଝିଅଟିଏ ଜନ୍ମ ହେଇଥିଲେ କାଳେ ପଚାରି ଥାଆନ୍ତା ।

ଯାହା ଭାବୁଛି କମଳି ଚିଠିରେ ଲେଖିଦେଉଛି । ସିଏ ତ ଗାଁଉଲି ଝିଅଟିଏ । ଘରପାଖ ଭଲପିଲା ଦେଖି ଶେଖରକୁ କମଳି ବିଭା ହୋଇଥିଲା । ତିନି ବର୍ଷରେ ଦିଇଟା ପୁଅ ଜନ୍ମ ହୋଇଗଲା ବୋଲି ଫାମିଲି ପ୍ଲାନିଙ୍ଗ ଅପରେସନ ହୋଇଗଲା । ତା' ପରେ ଗୋଟିଏ ପରେ ଗୋଟିଏ ରୋଗ ମାଡ଼ିବସିଲା । ଗୋରା ଦିହଟା କଳା ହୋଇଗଲା । ସବୁକିଛି ଓଲଟପାଲଟ ହୋଇଗଲା । ବହେ କାନ୍ଦିଲା । କାନ୍ଦିଲା ଯେ ଲୁହ ବି ବୋହିଲାନି ସହଜରେ । ଆପେ ଆପେ ରହିଗଲା ଆଖିକଣରେ ।

ଚିଠି ଲେଖି ଟିକେ ଥକ୍କା ମାରିବାକୁ ଯାଉଛି । ଗାଁ ସରପଞ୍ଚ କବାଟ ଠକ୍ ଠକ୍ କରି ଡାକିଲେ । ଆ କମଳି ଆ । ତୋ ଦିହପା ଭଲ ରହୁନି । ପିଲା ଦିଇଟାକୁ ପାଳିପୋଷି ସମାଜରେ ସିନା ଠିଆ କରିଦେଲୁ ସେମାନେ ତୋ ଦୁଃଖ ଟିକେ ବି ବୁଝିଲେନି । ଆଢ଼ ଆଖିରେ ଅନେଇଲେନି । ଗାଁରେ ଯିଏ ଶୁଣୁଛି ମୁଣ୍ଡରେ ହାତ ଦେଇ ବସୁଛି । ଆହା କମଳି କେଡ଼େ ସରଳିଆ ମାଇପିଟେ । ମାଛିକୁ ମ କହେନି । କାହାକୁ ମୁଣ୍ଡ ଟେକି ପଦୁଟିଏ ଟାଣ କରି କହିନି । ସବୁରି ଆପଦ ବିପଦରେ ଠିଆ ହେଇଛି । କି ଭାଗ୍ୟ କରିଥିଲା କେଜାଣି ପିଲା ଦିଇଟା ମା' ପାଖରେ ଦଣ୍ଡେ ଠିଆ ହେଲେନି । କମଳିର କରମ ଫଟା । ସରପଞ୍ଚଙ୍କ ମୁହଁରୁ ଏମିତି କଥା ଶୁଣିଲାବେଳକୁ ଆଖିରୁ ଲୁହଧାର ଆପେ ଆପେ ଝରିଆସିଲା କମଳିର । ସରପଞ୍ଚ ବାବୁ ବି ସମ୍ଭାଳି ପାରିଲେନି ନିଜକୁ । ବୁଝେଇ କହିଲେ ଆ ଗାଁ ଶେଷମୁଣ୍ଡରେ ଥିବା ଜରାନିବାସରେ ଛାଡ଼ିଦେଇ ଆସିବି । ସେଇଠି ସାଥିସାଙ୍ଗ ସହ ମିଶି ବାକି ଜୀବନ କଟାଇଦେବୁ ।

କମଳି କଲମଟିକୁ ଝରକାପାଖରେ ଥୋଇଦେଇ ସରପଞ୍ଚବାବୁଙ୍କ ସାଙ୍ଗରେ ଜରାନିବାସକୁ ଗଲା । ଜରାନିବାସ ବିଷୟରେ ଶୁଣିଥିଲା ଖବରକାଗଜରୁ । ଏବେ ଦେଖିନେଲା ସେଠାକାର ପରିବେଶ ଆଉ ଅନ୍ତେବାସୀଙ୍କ ଜୀବନଚର୍ଯ୍ୟାକୁ । ତା ଭଳିଆ ଅନେକ ଦୁଃଖୀ ମଣିଷ ଅଛନ୍ତି ସେଇଠି । ଜୀବନକୁ ବାଜି ଲଗେଇ ଆରାମ ଗଢ଼େଇବ ସେ । ବଗିଚାକୁ ଦେଖି ଖୁସି ହେଇଗଲା । କେତେ ଫୁଲ ଗଛ । ଫଳଗଛ ଲାଗିଛି । ତା'ରି ଭଳିଆ ଅନେକ କାମ କରୁଛନ୍ତି ବଗିଚାରେ । ହସୁଛନ୍ତି । ଗପୁଛନ୍ତି । ମଜା ମଜଲିସ୍ କରୁଛନ୍ତି । ଭାବିଲା ଏ ଘରଟି ଯିଏ ବନେଇଛି ତାକୁ ଧନ୍ୟବାଦ ଦେବା କଥା । କମଳିକୁ ପରିବେଶଟା ବହୁତ ଭଲ ଲାଗିଲା । ସରପଞ୍ଚବାବୁଙ୍କୁ କୃତଜ୍ଞତା ଜଣାଇଲା । ରହିଲା ସେଇଠି ନିଜ ମନକୁ ବୁଝାଇ ।

ପୁଣି ଥରେ ନିରବରେ ଭାବିଲା ତା ହାତଲେଖା ଚିଠିଟିକୁ କୋଉ ଠିକଣାରେ ପଠେଇଥାନ୍ତା ଯେ ଜରାନିବାସରେ ଚିଠି ଲେଖାକୁ ଝୁରିଲା କମଳି । ପଠେଇ ନ ପାରିଲେ ବି ଚିଠିରେ ସେ ମନ କଥା ଲେଖି ପାରିଛି । ତା ଚିଠିଲେଖା ଅଧାରେ ରହିଗଲା । ସେଇଟା ହିଁ ଥିଲା ତା ଜୀବନର ଗୋଟେ ଅମୂଲ୍ୟ ଉପହାର ।

ଜୀବନକୁ ଅନୁଶୀଳନ କରି ପୁଣି ଭାବିଲା କମଳି ଶୁଖିଲା ନଈରେ ନାଆ ଚାଲିବା ଯାହା ଶୁଖିଲା ଦେହଟାକୁ ଫୋପାଡ଼ିଦେବା ତାହା ।

ଏଲ.ଆର.ଜି ୧୫, ନୟାପଲ୍ଲି,
ବ୍ରିଟ କଲୋନୀ, ଭୁବନେଶ୍ୱର ।

# ପରିଚୟ

- ସୁନନ୍ଦା ମହାନ୍ତି

ଖାତା ଦେଖା ୟୁନିଟରେ ମହାନ୍ତି ବାବୁଙ୍କ ସମୟାନୁବର୍ତ୍ତିତା, କାର୍ଯ୍ୟସମ୍ପାଦନ ଶୈଳୀ, ବିଚାରଧାରା ଓ କାର୍ଯ୍ୟପ୍ରତି ସମର୍ପଣ ଭାବରେ ଚିଫ ମିଶ୍ର ବାବୁ ତ ଘନିଷ୍ଠ ହେଲେ ମହାନ୍ତି ବାବୁଙ୍କ ସଙ୍ଗେ ଆଉ ସେଇ ଘନିଷ୍ଠତାର ସୁଯୋଗ ପାଇ ମହାନ୍ତି ବାବୁ ସେଦିନ ପଚାରି ବସିଲେ ମିଶ୍ରବାବୁଙ୍କୁ । ରେବା ମହାନ୍ତିଙ୍କୁ ଜାଣିଛନ୍ତି ସାର୍, ତ ମିଶ୍ର ବାବୁ ଉଲ୍ଲସିତ ହେଲେ । ଚମତ୍କୃତ ହୋଇ କହିଲେ ହଁ ପୂର୍ଣ୍ଣ ବାବୁଙ୍କ ଝିଅ ତ ଷଷ୍ଠଠୁ ଏକାଦଶ ଯାଏଁ ପଢ଼ାଇଛି । ଭୁଲିବି କେମିତି ତା ଛଡ଼ା ଷଷ୍ଠ ଶ୍ରେଣୀରେ ପଢୁଥିଲାବେଳେ ମନେପଡ଼େ ସେଇକଥା ।

କ୍ଲାସରେ ସେଦିନ ଏମିତି ମଜାରେ ସବୁ ପିଲାମାନଙ୍କର ଗୋଟିଏ ନାମ ଦେଉଥିଲି ଯଥା କାହାକୁ ଗୋଲାପ, କାହାକୁ କାକୁଡ଼ି, ତ କିଏ କାଇଁଚ ତ କିଏ ବନମାଳୀ, ତ ତା ନାମ ବେଳକୁ କହିଲି ପନିକି, ତା ପରେ କି କାନ୍ଦ ତାର । କ୍ଲାସ ସରିଲାପରେ ପାଖକୁ ଡାକି ଥିଲି । ସେମିତି ପନିକି ପରି ହେବୁ । କିଛି ନବୁଝି ଢ଼େର କାନ୍ଦିଥିଲା । ତା ଅବୁଝା ଆଖିର ପ୍ରଶ୍ନିଳ ଚାହାଣୀକୁ ପୁଣି ସେ ଯେବେ ଗୁରୁଦିବସ ଅଗଷ୍ଟ ପନ୍ଦର ଜାନୁଆରୀ ଛବିସ ଭଳି ଦିନରେ ସୁନ୍ଦର ଓ ପ୍ରାଞ୍ଜଳ ଭାବରେ ତର୍କ ପ୍ରତିଯୋଗିତା ବା ଖାଲିରେ କୁହେ ମୁଁ ତାକୁ ପାଖକୁ ଡାକି ସାବାସୀ ଦିଏ । ତଥାପି ତାର ଅବୁଝା ଆଖିରେ ସେଇ ବିସ୍ମୟ । ସେ କାହିଁକି ପନିକି ତ ତା ବାପାଙ୍କ ଯାଏ ବି କଥା ଯାଏ ଆଉ ସେ ହସିଦିଅନ୍ତି ।

ଥରେ ଗୁରୁଦିବସରେ ଗୋପବନ୍ଧୁଙ୍କ ଗୁରୁ ଭକ୍ତିର ପ୍ରମାଣ ଦେବାକୁ ଯାଇ ସେ ଗୋପବନ୍ଧୁ କିପରି ଗୁରୁଙ୍କ ପାଇଁ ଲେମ୍ବୁ ଆଣିବାକୁ ଯାଇ ବହୁଦୂର ପଥ ଅତିକ୍ରମ କରି ଦେଖିଥିଲେ ଲେମ୍ବୁଭରା ଗଛ ଆଉ ମାଳି ଶୋଇଥିବାରୁ ନଉଠେଇ ଘସିଥିଲେ ତାଙ୍କ ପଦଯୁଗଳ । ତ ନିଦ ଭାଙ୍ଗନ୍ତେ ସେ କାରଣ ପଚାରିଥିଲେ । ବାବୁରେ ମୋ ପାଦ କାହିଁ ଘଷିଚାଲିଛୁ ? ତ ଗୋପବନ୍ଧୁଙ୍କର ଉତ୍ତର ଥିଲା ଶୋଇବା ଲୋକକୁ ଉଠେଇବା ଅନୁଚିତ । ତା ଛଡ଼ା ଆପଣଙ୍କ ଅନୁମତି ନନେଇ ଲେମ୍ବୁ ତୋଳିଥାନ୍ତି କେମିତି ? ଯୋଉଥିପାଇଁ ଗୁରୁ ମୋର ଚାରି ପାଞ୍ଚ ଦିନ ଜର ପରେ ଲେମ୍ବୁ ଟିଏ ହେଲେ ପିଇବେ ବୋଲି ମନ କରିଛନ୍ତି । ଆଶ୍ଚର୍ଯ୍ୟରେ ଅଭିଭୂତ ହେଲେ ମାଳି । ଲେମ୍ବୁ ପ୍ରଦାନ କରିବା ସହ ବାଳକକୁ ଆଶୀର୍ବାଦ କରିଥିଲେ । ବଡ଼ ମଣିଷ ହୁଅ । ଖୁସିରେ ଲେମ୍ବୁ ଆଣି ପୁଣି ସେତିକି ଦୂର ପଥା ଅତିକ୍ରମ କରି ଗୁରୁଙ୍କ ସାଷ୍ଟାଙ୍ଗ କରି ଲେମ୍ବୁ ପାଣି ପିଆଇବା ପରେ ସବୁ ଜାଣି ଗୁରୁ ବି ଆଶୀର୍ବାଦ ଦେଇଥିଲେ ବଡ଼ ମଣିଷ ହୁଅ । କଥାଟିକୁ ଏତେ ସୁନ୍ଦର ଭାବେ ସେ ବକ୍ତୃତାରେ କହିଥିଲା, ଡାକି ପଠେଇ ପୁଣି ତା ମୁଣ୍ଡ ଆଉଁସି କହିଥିଲି ତୁ ବି ସେମିତି ପନିକିଟେ ହୁଅ ମାଆ ହେଲେ ତା ଚାହାଣୀ ସେମିତି କିଛି ଖୁସି ଦେଇନଥିଲା ।

ସେଦିନ କିନ୍ତୁ ସେ ଯେବେ ବିଜ୍ଞାନ ଶିକ୍ଷକଙ୍କ ହାବୁଡ଼େ ପଡ଼ିଥିଲା ଯେ ତୁ କାହିଁ ସାଇନ୍ସ ବହି ଭିତରେ ଜହ୍ନମାମୁଁ ରଖିଛୁ, ତ ପାଠ କ'ଣ ବୁଝିଥିବୁ, ତ କ୍ଲାସରେ ଠିଆ ହୋଇ ମୋ ସହକର୍ମୀ ଇନାଇତୁଲ୍ଲା ବାବୁ ପଢ଼ାଉଥିବା ସଜୀବ ନିର୍ଜୀବ ଭିତରେ କଣ ପାର୍ଥକ୍ୟ ସୁନ୍ଦର ଭାବେ ବୁଝାଇ ଦେଇଥିଲା ଯେ ସାର ଆପଣ ପେନରେ ମତେ ଛୁଇଁ ଆଉ ମୋ ବହିକୁ ଛୁଇଁ ପ୍ରମାଣ କରିଥିଲେ ଯେ ସଜୀବର ପ୍ରତିପକ୍ରିୟା ଅଛି ହେଲେ ନିର୍ଜୀବର ନାହିଁ । ଆଉ ସେହି ସମୟରେ ବହିରେ ରହିଯାଇଥିବା ଜହ୍ନମାମୁଁ ପତ୍ରିକାଟି ଦେଖିଥିଲେ ସାର କ୍ଷମା କରିବେ । ବାପାଙ୍କୁ କହିବେନି, ମାଡ଼ ଖାଇବି । ସାର ଆସି ଆମ ସମସ୍ତଙ୍କୁ କହିବାରେ ହସିଥିଲୁ ଆମେ ଆଉ ଝିଅଟି ପ୍ରତି ଝରି ପଡ଼ିଥିଲା ଆଶୀର୍ବାଦ । ସେ ବର୍ଷ ସେ ପ୍ରଥମ ଶ୍ରେଣୀରେ ପ୍ରଥମ ଝିଅ ହିସାବରେ ଆମ ସ୍କୁଲରୁ ପ୍ରଥମେ ପାସ କରି ବାପାଙ୍କ ବଦଳି ଯୋଗୁଁ ଉଚ୍ଚଶିକ୍ଷା ପାଇବାକୁ ଚାଲିଯାଇଥିଲା ।

ଏସବୁ କହିସାରିବା ପରେ ମିଶ୍ର ବାବୁ ହଠାତ ପଚାରି ବସିଲେ । ଆଚ୍ଛା ରେବା ମହାନ୍ତିଙ୍କୁ ଆପଣ କେମିତି ଚିହ୍ନିଲେ । କଣ କରୁଛି ସିଏ କହିପାରିବେ । ତ ମୁରୁକି ହସି ଲାଜେଇ ଯାଇ ମହାନ୍ତି ବାବୁ କହିଲେ ସେ ମୋ ସ୍ତ୍ରୀ ଆଉ ଶିକ୍ଷୟତ୍ରୀଟିଏ । ଆରପଟ ୟୁନିଟରେ ଖାତା ଦେଖୁଛି । ତ ସେହି ସମୟରେ ଉପସ୍ଥିତ ହେଲେ ରେବା ମହାନ୍ତି । ଗୋଡ଼ତଳେ ପଡ଼ି ମିଶ୍ରବାବୁଙ୍କ ଠୁ ଆଶୀର୍ବାଦ ନେବା ସହ ସ୍କୁଲ ପାଇଁ ମୋ ସ୍କୁଲ ଅଭିଯାନ ପାଇଁ ବିନମ୍ର ସହକାରେ ଏକହଜାର ଦେଇ କ୍ଷମା ମାଗୁଥିଲେ ଗୁରୁଙ୍କ ତ ମିଶ୍ର ବାବୁ ଆଶୀର୍ବାଦ ଦେଇ କହୁଥିଲେ ତୋର ଜୟ ହେଉ ପନିକି, ସମସ୍ତେ ହସିଉଠିଲେ ।

ସାକ୍ଷୀଗୋପାଳ, ପୁରୀ ।

# ସମ୍ପର୍କର ରଙ୍ଗ

- କୃଷ୍ଣା ମିଶ୍ର

ରଞ୍ଜନ ଆଜି ବିଳମ୍ବରେ ପହଞ୍ଚିଲା ପେଟ୍ରୋଲ ପମ୍ପରେ । ସାଇକେଲରେ ଏତେ ବାଟ ପୁଣି ଆଜି ଦେହ ମନ ଆଉ ଭଲ ଲାଗୁନଥାଏ । କେମିତି ଗୋଟିଏ ବିରକ୍ତି ଭାବ ନେଇ ଆସି ପହଞ୍ଚିଲା ସେ । ସାଙ୍ଗେ ସାଙ୍ଗେ ସାଇକେଲ ଓ ଟିଫିନ୍ ଡବାଟାକୁ ଅଫିସ ରୁମରେ ରଖି, ପୋଷାକ ବଦଳି ଯାନ ବାହାନରେ ପ୍ରେଟ୍ରୋଲ ଦେବା କାମରେ ଲାଗିଗଲା । ହଠାତ୍ ଗୋଟିଏ ନାଲି ରଙ୍ଗର ସେଣ୍ଟ୍ରୋ କାର୍ ଆସି ପହଞ୍ଚିଲା ସେଠାରେ । କାର ଚାଳକ ପେଟ୍ରୋଲ ଭର୍ତ୍ତି କରିବାକୁ ଇସାରା କଲା । ପେଟ୍ରୋଲ ଦେଉ ଦେଉ ରଞ୍ଜନର ଦୃଷ୍ଟି ପଡ଼ିଲା କାର ଭିତରେ ଝରକା ପାଖକୁ ଲାଗି ବସିଥିବା କୁନି ଝିଅଟି ଉପରେ । ବୟସ ଦୁଇ/ତିନି ବର୍ଷ ହେବ । ଟେଡ଼ିଟିଏ ଧରି ଅନେଇ ରହିଥାଏ ରଞ୍ଜନର ପେଟ୍ରୋଲ ଭରିବା ଆଡ଼କୁ । ହଠାତ କଣ ହେଲା କେଜାଣି ରଞ୍ଜନ ପେଟ୍ରୋଲ ଭର୍ତ୍ତି କରିବା ଛାଡ଼ି ଝିଅଟି ପାଖକୁ ଧାଇଁ ଗଲା । ତେଣେ ପେଟ୍ରୋଲ ତଳେ ବହିଗଲାଣି । ଲୋକେ ପାଟି କରି ଉଠିଲେ । ରଞ୍ଜନ କିନ୍ତୁ କିଛି ନ ଶୁଣି ସେଇ କୁନି ଝିଅଟିକୁ କାର ଭିତରୁ ବାହାରକୁ ଆଣିବାକୁ ଚେଷ୍ଟା କରୁଥିଲା । କାର ଭିତରେ ବସିଥିବା ମହିଳା କାର ଚାଳକ କାରରୁ ବାହାରି ଚାପୁଡ଼ା ଦୁଇଦେଇ ସାରିଲାଣି ତା ଗାଲରେ । ଦୁଇତିନି ଜଣ ଭଦ୍ର ଲୋକ ମାମଲା ସମ୍ଭାଳିବାକୁ ଚେଷ୍ଟା କଲେ । ସେମାନଙ୍କ ଯୋଗୁଁ ଘଟଣା ନିୟନ୍ତ୍ରଣକୁ ଆସିଲା । ସେମାନେ ତାକୁ ଜୋର କରି ନେଇ ମାଲିକ ସାମନାରେ ବସାଇଦେଲେ । ରଞ୍ଜନ ଗୋଟାପଣେ ଥରୁଥାଏ । ସମଗ୍ର ଶରୀରଟି ଝାଳରେ ବୁଡ଼ି ଯାଇଥାଏ । ସେମାନଙ୍କ ମଧ୍ୟରୁ ଜଣେ ତାକୁ ପାଣି ପିଇବାକୁ ଦେଲେ ଆଉ ଘଟଣା ସମ୍ବନ୍ଧରେ ଜାଣିବାକୁ ଚେଷ୍ଟା କଲେ  କିନ୍ତୁ ଅଳ୍ପ ସମୟରେ ରଞ୍ଜନର ମାନସିକ ସ୍ଥିତିକୁ ଦେଖି ତାକୁ ନିକଟବର୍ତ୍ତୀ ଡାକ୍ତରଖାନାକୁ ନେଇଗଲେ । ଏମର୍ଜେନ୍ସି ୱାର୍ଡ଼ରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଞ୍ଜନ ପ୍ରାୟ ବାର ଘଣ୍ଟା ରହିଲା । ଔଷଧ ଓ ଇଞ୍ଜେକସନ ଯୋଗୁଁ କିଛି ସମୟ ଶୋଇ ପଡ଼ିଲା ରଞ୍ଜନ । ନିଦ୍ରା ଭଙ୍ଗ ହେବା ମାତ୍ରେ ଜଣେ ଡାକ୍ତର ଆସି ଘଟଣା ସମ୍ବନ୍ଧରେ ଜାଣିବାକୁ ଚେଷ୍ଟା କଲେ । ଘରେ କିଏ ଅଛନ୍ତି । ଏବଂ ତାଙ୍କୁ କିପରି ଖବର ଦିଆଯିବ ବୋଲି ପଚାରିଲେ । ରଞ୍ଜନ ପୁଣି ଥରେ ଭାବ ପ୍ରବଣ ହୋଇଉଠଇଲା । ମନେ ପଡ଼ିଗଲା ବିଗତ ପାଞ୍ଚବର୍ଷର କଥା । ସେ ଜଣେ ଉଚ୍ଚ ଶିକ୍ଷିତ ଆଉ ସ୍ମାର୍ଟ ଯୁବକ । ତଥାପି କୌଣସି ସରକାରୀ ଚାକିରୀ ମିଳିନଥିଲା ତାକୁ । ଏକ ପ୍ରାଇଭେଟ କମ୍ପାନୀରେ ଚାକିରୀ କରୁଥିଲା ସେ । ପରିବାରରେ ବିଧବା ମା, ସାନ ଭାଇ ଓ ସାନ ଭଉଣୀଟି । ଚାକିରୀ କରିବାର ଦୁଇ ବର୍ଷ ହୋଇନଥାଏ । ହଠାତ୍ ତାର ବିବାହ ହେଲା ଦୀପା ସହ । ଦୀପା ଅନ୍ୟ ଏକ ସହରରେ ରହୁଥିବା ମଧ୍ୟ ବର୍ଗୀୟ ପରିବାରର ଝିଅ । ଏକ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ । ବିବାହ ପରେ ରଞ୍ଜନ ନିଜ ସହର ଛାଡ଼ି ଦୀପା ସହ ରହିବାକୁ ଲାଗିଲା । ଦୀପାର ସୁପାରିଶ କ୍ରମେ ସେଇ ସହରରେ ଅନ୍ୟ ଏକ ପ୍ରାଇଭେଟ କମ୍ପାନୀରେ ଯୋଗ ଦେଲା ସେ । ଦିନ ପରେ ଦିନ ମାସ ପରେ ମାସ ବିତିଗଲା । ହସ ଖୁସିର ପରିବାର । କିନ୍ତୁ ଦୀପା ସବୁବେଳେ ରଞ୍ଜନକୁ ନିଜ ଅଧିନସ୍ଥ କରି ରଖିଥାଏ । ସମସ୍ତ କାର୍ଯ୍ୟ ଦୀପାର ମନ ମୁତାବକ ହେବା ଦରକାର । ନହେଲେ ମୁହଁ ଫୁଲେଇ ରହିଲା । ବିବାହ ପରେ ନିଜେ ତ ଶାଶୁ ଘରକୁ ଯାଇ ନାହିଁ । ରଞ୍ଜନ ଗଲେ ଘରେ ପାଟିତୁଣ୍ଡ । ବିବାହର ଦୁଇ ବର୍ଷ ପରେ ଦୁହିଁଙ୍କ କୋଳ ମଣ୍ଡିତ କଲା ଶିଶୁ କନ୍ୟା ଚୁନମୁନ । ତାକୁ ଦେଖି ସବୁ ଦୁଃଖ ଅଶାନ୍ତି ଭୁଲି ଯାଉଥିଲା ରଞ୍ଜନ । ତେଣେ ରଞ୍ଜନର ପରିବାରର ଲୋକଙ୍କୁ ମଧ୍ୟ ଇଚ୍ଛା ହେଉଥିଲା କେମିତି ଆସି କୁନି ଝିଅକୁ କୋଳରେ ଧରିବେ । ସିଏ ପରା ବଂଶର ପ୍ରଥମ ସନ୍ତାନ । ଝିଅ ପାଇଁ ଘରେ ତରବରିଆ ପୂଜାଟିଏ କରାଇ ଦୀପା ଜଣାଇଦେଲା ଯେ ମାଁ ବର୍ତ୍ତମାନ ମୋ ଅଫିସରେ ଅତ୍ୟଧିକ କାମର ଚାପ । ପ୍ରମୋଶନ ସମୟ । ତେଣୁ ପରେ ଜନ୍ମ ଦିନର ପୂଜାରେ ଆପଣମାନେ ଆସିବେ । ରଞ୍ଜନ ଏସବୁ ଶୁଣି ଦୁଃଖିତ ହେଲେ ମଧ୍ୟ ସମ୍ପର୍କ ଓ ଶାନ୍ତି ପାଇଁ ସବୁ ସହିଗଲା । ଚୁନମୁନର ଦେଖରେଖ ପାଇଁ ଯଦିଓ ଚାକରାଣୀଟିଏ ଥିଲା ରଞ୍ଜନ କିନ୍ତୁ ସବୁଦିନେ ଅଫିସରୁ ଫେରି ଖୁଆଇବା, ଖେଳେଇବା, ବୁଲେଇବା କାମ ସମ୍ଭାଳେ । ଏମିତିକି ରାତି ଅଧରେ ଚୁନମୁନ କାନ୍ଦିଲେ କୋଳରେ ଧରି ଶାନ୍ତି କରେ । ଦୀପା ସତେକି ଜଣେ ଅତ୍ୟାଧୁନିକ ମାଆ । ସମୟ ଚକ ଗଡ଼ି ଚାଲିଥାଏ । ଜନ୍ମଦିନ ଉତ୍ସବ ପାଳନ କରାଯିବ । ଦୀପାର ଅଫିସର କିଛି ଖାସ୍ ଲୋକ ନିମନ୍ତ୍ରିତ କଲେ । ରଞ୍ଜନର କିଛି ସାଙ୍ଗ ପାଖ ପଡ଼ିଶା ମଧ୍ୟ ସମ୍ମିଳିତ ସେ ଉତ୍ସବରେ । ଦୀପାର ବାପ ଘର ଲୋକ ଏବଂ ରଞ୍ଜନର ପରିବାରର ହାତ ଗଣତିରେ ତିନି ଜଣ ସଦସ୍ୟ । ଜନ୍ମ ଦିନର ଉତ୍ସବଟି ଖୁବ୍ ଧୁମଧାମରେ ପାଳିତ ହେଲା । କିଛିଦିନ ପରିବାରର ଲୋକେ ରହିଲେ । ପୁଣିଥରେ ଆରମ୍ଭ ହେଲା ଘରେ ଅଶାନ୍ତି । ଦୀପାର ଟାଣକଥା । ଦିନେ ଚୁନମୁନକୁ ନେଇ ପାଖ ପାର୍କକୁ ବୁଲିବାକୁ ଗଲେ ରଞ୍ଜନର ମାଆ ଆଉ ଭଉଣୀ । ସନ୍ଧ୍ୟା ହେଲାରୁ ଘରକୁ ଫେରି ଦେଖିଲାବେଳକୁ ଝିଅ ପାଦର ଗୋଟିଏ ପାଉଞ୍ଜି ନାହିଁ । ଦୀପାର କ୍ରୋଧ କିଏ ସମ୍ଭାଳେ? କଣ ନାଇଁ କଣ କହିଗଲା ସେ । ମାଆ ଝିଅ ପାର୍କରେ ଖୋଜିବାରେ ଲାଗିଥାନ୍ତି । ସେ ସମୟରେ ପଡ଼ିଶାଘରର ଜଣେ ବଡ଼ ଟର୍ଚ୍ଚ ନେଇ ଆସିଲେ । ସେଇଠି ଘାସବୁଦାରେ ଲାଖି ରହିଥିଲା ପାଉଁଜିଟି । ପରଦିନ ସକାଳୁ ରଞ୍ଜନ ସେମାନଙ୍କୁ ବସରେ ବସେଇଲେ। ଯେତେବେଳେ ଚୁନମୁନ ଦୁଇବର୍ଷ ବୟସର ହଠାତ୍ ରଞ୍ଜନର କମ୍ପାନୀରେ କର୍ମଚାରୀଙ୍କ ଛଟେଇ ଆରମ୍ଭ ହେଲା । କାରଣ ହେଲା ଯେ କମ୍ପାନୀ କ୍ଷତିରେ ଚାଲିଛି । ତେଣୁ କମ୍ ଲୋକରେ କାମ ଚାଲିବ । ସେଥିପାଇଁ ରଞ୍ଜନକୁ ଚାକିରିରୁ ବହିଷ୍କାର କରାଗଲା । କଥାଟି ଶୁଣିବା ମାତ୍ରେ ଦୀପା ରାଗରେ

ଲାଲ୍ । ତା ସୁପାରିଶରେ ଚାକିରି ମିଳିଥିଲା ରଞ୍ଜନକୁ । ତେଣୁ ସେ କାହିଁକି ଚାକିରୀ ଛାଡ଼ିଲା ବୋଲି ଝଗଡ଼ା ଆରମ୍ଭ କଲା । ରଞ୍ଜନ ଯୋଗୁଁ ତାର ଆତ୍ମସମ୍ମାନରେ ବାଧା ଆସିଛି ବୋଲି ଜଣାଇଦେଲା । ରଞ୍ଜନ ବୁଝାଇବାକୁ ଚେଷ୍ଟା କଲା – ବ୍ୟସ୍ତ ହୁଅନି ଦୀପା । ଜୀବନରେ ଏମିତି ସୁଖ ଦୁଃଖ ଲାଗିଥାଏ । ମୁଁ ଅନ୍ୟ କେଉଁଠାରେ ଚାକିରି ଖୋଜିବି । କିଛି ସମୟ ଦିଅ । ଦୀପାର ଅହଂଭାବ ସମ୍ମୁଖରେ ସବୁ ଧୂଳିସାତ୍ । ପାଟି କରି ଶୁଣାଇଦେଲା ଯଦି ଏଇ ପନ୍ଦରଦିନ ଭିତରେ ଚାକିରୀ ନ ଖୋଜିଛ ମୋ ଘରେ ମୋ ସହ ରହିବା ଦରକାର ନାହିଁ । ପୁରୁଷ ହେଲେ ମଧ୍ୟ ଏତେ କଥା ଶୁଣି ଚୁପ୍ ରହିଲା ସେ । କେବଳ ଝିଅଟିର ଭବିଷ୍ୟତ କଥା ଭାବି । ଠିକ୍ ପନ୍ଦର ଦିନ ଶେଷରେ ଦୀପା ଘର ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଲା ରଞ୍ଜନକୁ । ରଞ୍ଜନ କଣ କରିବ କିଛି ବୁଝିପାରୁନଥିଲା । ଅନେକ ଖୋଜିକି ଚାକିରୀଟିଏ ଯୋଗାଡ଼ କରି ପାରିନାହିଁ ସେ । ନିଜ ଜିନିଷ ସବୁଧରି ତା ସହରକୁ ଫେରିଗଲା ।  ପଛରେ ରହିଗଲେ ପତ୍ନୀ ଦୀପା ଗେହ୍ଲା ଝିଅ କାର ଅନ୍ୟାନ୍ୟ ଅନେକ ।ସେଠାରେ ପହଞ୍ଚି ଭାବିଲା ମା କୋଳରେ ସବୁ ଲୁହ ତକ ବୁହାଇ ଦେବ ସେ । ହେଲେ ମା ବେମାର । ଭାଇର ପାଠ ପଢ଼ା ଶେଷ ବର୍ଷ ଭଉଣୀ ବିବାହ ଯୋଗ୍ୟା । ନିଜକୁ ନିଜେ ସମ୍ଭାଳି ପୁଣି ବାହାରିଲା ଚାକିରି ଖୋଜିବାକୁ । ଅନ୍ୟଏକ ସହରରେ ପେଟ୍ରୋଲ ପମ୍ପରେ କର୍ମଚାରୀ ସେ । ମନରୁ କିନ୍ତୁ ସେ ପୋଛି ଦେଇ ପାରୁନି କୁନି ଝିଅ ଚୁନମୁନକୁ । ବାରମ୍ବାର ସେଇ ଗୋଟିଏ କଥା ତାକୁ ପାଗଳ କରୁଛି । ଝିଅର ଭବିଷ୍ୟତ କଣ ହେବ ? କେମିତି ଅଛି ସେ ? ଦେଖା ହୁଅନ୍ତା ଯଦି ଥରେ ସବୁ କୁନିଝିଅ ଚୁନମୁନ ପରି ମନେ ହେଉଛନ୍ତି ତାକୁ । କଥା ଶୁଣୁ ଶୁଣୁ ଡାକ୍ତରଙ୍କ ଆଖିରେ ଲୁହ ଜକେଇ ଆସିଥିଲା । ସେ ଭାବୁଥିଲେ ଜଣେ ପୁରୁଷ ଜୀବନସାରା ଚାକିରି କରି ତା ସ୍ତ୍ରୀକୁ ଘରେ ରଖି ସମସ୍ତ ଦାୟିତ୍ୱ ବହନ କରିପାରେ । ତେବେ ଜଣେ ସ୍ତ୍ରୀ ନିଜ ସ୍ୱାମୀକୁ ଚାକିରି ବିନା କେତୋଟି ଦିନ କାହିଁକି ସହ୍ୟ କରି ପାରୁନାହିଁ ? ସ୍ତ୍ରୀର ଏଭଳି ରୂପ ପ୍ରଶଂସନୀୟ କି ?

ରାୟଗଡ଼ା, ଛତିଶଗଡ଼ ।



### ଅକର୍ମ କର୍ମଦାୟକ ଅଟନ୍ତି ଈଶ୍ୱର
### ହେ ଈଶ୍ୱର ଧରିତ୍ରୀ ମାତାକୁ ରକ୍ଷାକର
## ସପନ ରାଇଜେ ଭ୍ରମଣ

- ଶ୍ରୀ ଗୋବିନ୍ଦ ଚନ୍ଦ୍ର ଫାରଜ

ସେଦିନ ଦ୍ୱିପ୍ରର ବେଳା । ଘୋର ବର୍ଷ ହେବା ସଙ୍ଗେ ସଙ୍ଗେ ବହୁତ ଜୋରରେ ଚଡ଼କପାତ ମଧ୍ୟ ହେଉଥାଏ । ସେଇ ଦ୍ୱିପ୍ରହର ବେଳାରେ ମୁଁ ଶୋଇଥାଏ । ଆଉ ଅପରାହ୍ନ ୪ ଘଟିକା ବେଳେ ମୋ ନିଦ ଭାଙ୍ଗିଲା ଏବଂ ସେତେବେଳକୁ ବର୍ଷା ଛାଡ଼ିଯାଇଥାଏ ।

୪ଟା ବେଳେ ଉଠିଲା ବେଳୁ କୋଉଠୁ କେଜାଣି ଏକ ବାସ୍ନା ଆସି ମୋ ନାକରେ ବାଜିଲା । ସେ ବାସ୍ନାରେ କି ଯାଦୁ ଥିଲା କେଜାଣି ମୋ ତନ, ମନ ଓ ଶରୀରକୁ ପ୍ରଫୁଲ୍ଲିତ କରିଦେଲା । ସଙ୍ଗେ ସଙ୍ଗେ ସେଇ ବିଛଣାରୁ ଉଠି ସେ ବାସ୍ନାକୁ ବାରି ବାରି ଦୁଆରକୁ ଆସିଲି । ଆଉ ଦୁଆରେ ଦେଖିବାକୁ ପାଇଲି ସେଇ ବାସ୍ନାର ହାଟ ବସିଛି । ଚରିଆଡ଼େ ଶୁଙ୍ଘିଲେ ସେଇ ବାସ୍ନାର ଅନୁଭବ । ସେ ଆଉ କେଉଁ ବାସ୍ନା ନୁହେଁ ମାଟିର ସୁଗନ୍ଧ । ଆଃ...କେତେ ଆନନ୍ଦ ଓ ନିରାମୟ ସେଇ ମାଟିର ସୁଗନ୍ଧ । ଏଭଳି ସୁଗନ୍ଧ ସ୍ୱର୍ଗପୁରରେ ମିଳିବ କି ନାହିଁ ସନ୍ଦେହ । ସେଇ ସୁଗନ୍ଧ ସାଙ୍ଗକୁ ପୁଣି ସୁଲୁସୁଲିଆ ପବନ ସତେ ଯେପରି ଦେହ ହାତ ଆଦି ରୋମାଞ୍ଚ ହୋଇ ଉଠୁଥାଏ । ଲାଗେ ଯେପରି ଈଶ୍ୱର ଏ ସବୁ ମୋ ପାଇଁ ହିଁ କରିଛି । ସେଇ ପବନ ଆଉ ମାଟି ସୁଗନ୍ଧକୁ ଅନୁଭବ କରି ମୁଁ ଘରୁ ଚୌକିଟେ ଆଣି ଆମ ଗଛ ତଳେ ବସିଲି । ଆଉ କିଛି କ୍ଷଣ ବସିବାପରେ ଦେଖିବାକୁ ପାଇଲି ଯେ ମୋ ଚତୁର୍ପାଶେ ଭୂକମ୍ପ ହେବାକୁ ଲାଗୁଛି । ଏତିକିବେଳେ ଆକାଶରୁ ଏ ତୀବ୍ରବେଗରେ ଚଡ଼କ ପାତ ହେଲା ଆଉ ସେଇ ଚଡ଼କ ଆକାଶକୁ ଦୁଇଫାଳ କରିଦେଲା । ଆଉ ସେଇ ଅକାଶରୁ ପୁଷ୍ପବୃଷ୍ଟି ହେବାକୁ ଲାଗିଲା ଏବଂ ମୋ ଚତୁର୍ପାଶ୍ୱ ଦୃଶ୍ୟ ସବୁ ବଦଳି ଗଲା । ମୋ ଆଖିଆଗରେ ସବୁ ଜଙ୍ଗଲରେ ପରିପୂର୍ଣ୍ଣ ହେଇଗଲା । ସେଇ ଜଙ୍ଗଲ ପୁଣି ସ୍ୱର୍ଗୀୟ ନନ୍ଦନକାନନ । ଯେଉଁଠି ଗଛ ପତ୍ର ଫୁଲ ଫୁଲ ପାହାଡ଼ ଆଦି କଥା କୁହନ୍ତି । ଏ ସବୁ ଦୃଶ୍ୟ ଦେଖି ମୁଁ ଖୁସିରେ ଅତ୍ୟନ୍ତ ବିଭୋର ହୋଇଉଠିଲି । ମୁଁ ସେତେବେଳ ଏତେ ଖୁସି ଥିଲି ଯେ ତାହା ମୁଁ ମୋ କଲମ ଦ୍ୱାରା ବର୍ଣ୍ଣନା ବି କରିପାରୁନି । ଭଅଁର ଫୁଲରୁ ମହୁ ସଂଗ୍ରହ କରି ମୋ କାନ ଆଗରେ ଗାଇଦେଇଯାଏ ଗୁଣୁଗୁଣୁ ଗୀତ ।

ପ୍ରଜାପତି ମଧ୍ୟ ମୋ ଆଖି ନାକ କାନ ଆଗରେ ବସି ପ୍ରତି ମୁହୂର୍ତ୍ତରେ କରିଥାଏ ମନୋରଞ୍ଜନ । ସେଠାକାର ମୌସୁମୀ ପାଗ ଏବଂ ସୂର୍ଯ୍ୟ କିରଣ ମିଶ୍ରଣରେ ସୃଷ୍ଟି ହେଉଥିଲା ପ୍ରକୃତିର ସୌନ୍ଦର୍ଯ୍ୟ । ସତରେ ସେ ପରିବେଶ ଖୁବ ଆକର୍ଷଣୀୟ । କିଛି ସମୟ ଗଲା ପରେ ଏକ ଜିପରେ ବଡ଼ ବଡ଼ ବାବୁମାନେ ଆସି ପହଞ୍ଚିଲେ । ମୁଁ ଭାବିଲି ସେମାନେ ବୋଧେ ପ୍ରକୃତିର ଉପଭୋଗ ପାଇଁ ଧାଇଁ ଆସିଛନ୍ତି । କିନ୍ତୁ ନା ସେମାନେ ଆସିଥିଲେ ଜଙ୍ଗଲ ନିପାତ କରିବା ପାଇଁ । କାଠୁରିଆ ହାତରେ ଟାଙ୍ଗିଆ ଦାଆ ଧରାଇ ଗଛକୁ କାଟି ପକାଉଛନ୍ତି । ଆଉ ଗଛ ବିକଳ ହୋଇ ମୋତେ ଡାକୁଥାଏ ବଞ୍ଚାଇବା ପାଇଁ । ତଳୁ ଏକ ଶକ୍ତ ଡାଳ ପାଇ ସେମାନଙ୍କୁ ସାମ୍ନା କରିବାକୁ ଗଲି । କିନ୍ତୁ ସେ ଶକ୍ତ ଡାଳର ପ୍ରହାର ତାଙ୍କ ଦେହକୁ ସ୍ପର୍ଶ କରିପାରୁନଥାଏ । କଣ କରିଛି ? କିଛି ଭାବି ପାରିଲିନି । କିଛି ମଧ୍ୟ କିରପାରିଲିନି । ସେମାନେ ଗଛ କାଟ ଜଙ୍ଗଲ ନିପାତ କରିବା ସହିତ ପରିବେଶ ମଧ୍ୟ ନଷ୍ଟ କରିଦେଲେ । ମୁଁ କିଛି ବି ମୋ ବନ୍ଧୁ ପାଇଁ କରିପାରିଲିନି ବୋଲି ନିଜକୁ ଧିକ୍କାର ମନେ କରେ । କିନ୍ତୁ ମୋ ପାଖରେ ଦେଖି ସହିବା ବାଟ ଅପେକ୍ଷା ଆଉ କୋଉ ବାଟ ଦିଶୁନଥିଲା । ମୁଁ ଅତ୍ୟନ୍ତ କାନ୍ଦିବାକୁ ଲାଗିଲି ଆଉ ମୋ ଆଖିର ଲୁହ ଧାର ଧାର ହୋଇ ମୋ ଛାତି ଉପରେ ପଡୁଥାଏ । ଏତିକିବେଳେ ମୋର ସେଇ କ୍ଷଣିକ ନିଦ ଗଛ ତଳୁ ଭାଙ୍ଗିଗଲା । ସପନରେ ଯେଉଁ ଅଶ୍ରୁ ମୋ ଛାତି ଉପରେ ପଡ଼ିଥିଲା ବାସ୍ତବରେ ସେଇ ପିଜୁଳି ଗଛ ପତରରୁ ଏକ ବୁନ୍ଦା ମୋ ଛାତିରେ ଆସି ପଡ଼ିଥିଲା । ଯାହାଫଳରେ ମୋ ସପନ ଭାଙ୍ଗିଗଲା । ସତରେ ସପନର କି ସୁନ୍ଦର ବିଧାନ କରିଥିଲା ବିଧାତା । ସପନ ରାଇଜରେ ଏମିତି ବୁଲେଇଦେଲା ଯେ ସତେ ଯେମିତି ବାସ୍ତବ ପରି ଲାଗୁଥାଏ ।

ସଂପାଦକ
ମଲ୍ଲୀ ବାଲିପୁଟ, ପୁରୀ ।

# ଭାଗବଣ୍ଟା

– ଶ୍ରୀ ପ୍ରିୟରଞ୍ଜନ ସାହୁ

ପଦ୍ମପୁର ଗାଁ ସେଦିନ ଭାରି ଆନମନା ଲାଗୁଥିଲା । ପାଞ୍ଚଖଣ୍ଡ ଗାଁର ଗଣ୍ୟମାନ୍ୟ ବ୍ୟକ୍ତି ଜନାର୍ଦ୍ଦନ ବାବୁଙ୍କର ପରଲୋକ କ୍ରିୟାର ଏକାଦଶାହ । ଯା ହେଉ କୌଣସି ମତେ ଦଶାହର ରାତି କଟିଯାଇଥିଲା । ସୁରୁଜ ମଥାନ ଛୁଇଁଲା ବେଳକୁ ଆଜ୍ଞାଙ୍କ ଘରୁ କିଛି ଆଭାସ ମିଳୁଥିଲା ଆପେ ଆପେ । କୋଉ ଦାଣ୍ଡ ସୁନ୍ଦର କଥଶ ଯେ କିଏ କାହାକୁ କହିବୁଲିବ । ଘରକଥା ଦାଣ୍ଡରେ ପଡୁଥିଲା ଆରମ୍ଭ ହେଉଥିଲା କୁହୁଳୁଥିବା ଲୋଭର ଜାଗତିକ ମହାଭାରତ । ଲୌକିକ ଚିରାଚରିତ ପରମ୍ପରା । ଭାଗବଣ୍ଟା ଖାସ୍ କରି ସମ୍ପତ୍ତି ପାଇଁ । ନ ହେବ ବା କେମିତି ? ଲୋଭ ତ ସମ୍ଭ୍ରାନ୍ତ ଖାନଦାନୀର ମାନମର୍ଯ୍ୟାଦାକୁ ଖାତିର କରେନି । ଯାହା ଘଟିଚାଲୁଥିଲା ଜନାର୍ଦ୍ଦନ ବାବୁଙ୍କ ପରିବାରରେ ଆକସ୍ମିକ ଭାବେ । ଏତେ ସମ୍ପତ୍ତି ଯେ ବସି ଖାଇଲେ ବୋଧେ ସରିବନି । ନଡ଼ିଆ ବଗିଚା, ଆମ୍ବତୋଟା, ଚାଷଜମି, ମାଛପୋଖରୀ, ଧାନବିଲ ଏମିତି କେତେ କଣ ଘରଣୀ ଅନ୍ନପୂର୍ଣ୍ଣ ଦେବୀଙ୍କର ବାହୁଟି କଙ୍କଣ କାନଫୁଲ ଚାପସରି ଇତ୍ୟାଦି । ସେ ତ ସ୍ୱୟଂ ମାଲିକାଣୀ ।

ଆଖପାଖ ଇଲାକାରେ ପୁରନ୍ତା ଘରଟିଏ । ତିନିପୁଅ ଅଲିଅଳି ଝିଅ । ନିଜ ଜୀବନକାଳରେ କଠୋର ପରିଶ୍ରମ ଓ ଅଧ୍ୟବସାୟ ବଳରେ ପିଲାମାନଙ୍କୁ ପାଠଶାଠ ପଢ଼ାଇ ବଡ଼ କରିଥିଲେ । ତା'ରି ଭିତରେ କଷ୍ଟେମଷ୍ଟେ ଏତକ ସ୍ଥାବର ଅସ୍ଥାବର ସମ୍ପତ୍ତିଅର୍ଜନ କରିଥିଲେ, ଖାଇପିଇ ଶେଷ ଜୀବନରେ ହସଖୁସିରେ ଟିକେ ରହିବେ ବୋଲି ଜୀବନର ଶେଷପର୍ଯ୍ୟାୟ ଭିତରେ ତିନିପୁଅଙ୍କ ହାତକୁ ଦିହାତ ସହ ଭଲଘରେ ଝିଅର ବାହାଘର ବି ସାରିଦେଇଥିଲେ । କୋଉଥିରେ କାହାକୁ ଊଣା ରଖିନଥିଲେ । ମଝିଆଁ ସାନ ଦିଜଣ ନିଜ ପରିବାର ସହ ବିଦେଶରେ । ଜଣେ ଆମେରିକା ତ ଜଣେ ଅଷ୍ଟ୍ରେଲିଆ ସେଠାକାର ନାଗରିକତ୍ୱ ଗ୍ରହଣ କରିବା ସହ ସୁପ୍ରତିଷ୍ଠିତ ମଧ୍ୟ । ନିଜ ଭାଗ୍ୟକୁ ନେଇ ବଡ଼ପୁଅ ରାଜଧାନୀର ଏକ ଘରୋଇ କମ୍ପାନୀରେ ଚାକିରୀ କରି ତା ଗୁଜୁରାଣ ମେଣ୍ଟାଏ । କିନ୍ତୁ ଭାରି ଖୁସି ଥାଏ ନିଜ ଚାରିପ୍ରାଣୀଙ୍କୁ ନେଇ । ତିହରେ ଜନାର୍ଦ୍ଦନ ବାବୁ ଓ ପତ୍ନୀ ଅନ୍ନପୂର୍ଣ୍ଣ ଦେବୀ । ସବୁ କର୍ତ୍ତବ୍ୟ ସାରିଦେଇ ଶାନ୍ତିରେ ଟିକେ ନିଶ୍ୱାସ ମାରିବେ ବୋଲି ଭାବିଲା ବେଳକୁ କି ରୋଗ ହେଲା କେଜାଣି ଦି ଚାରି ଦିନରେ ଆରପାରିକୁ ବାଟ କାଟିଲେ ଜନାର୍ଦ୍ଦନ ଆଜ୍ଞା । ସେବା ପାଇବା ଭାଗ୍ୟରେ ନଥିଲା । କି କାହାକୁ ସୁଯୋଗ ଦେଲେନି କେଜାଣି । ତା କେବଳ ଜଣେ ଅନୁଭବୀ ହିଁ ଠଉରେଇ ପାରିବ । ତା ଛଡ଼ା ଏକବିଂଶ ଶତାବ୍ଦୀରେ ସେବାର ସ୍ଥାନ କାହିଁ? ବାସ୍ ଖାଲି ବିନା ରୋଗବୈରାଗ୍ୟ ସନ୍ତୁଳନରେ ଶ୍ମଶାନମାଟିକୁ ଆପଣେଇବା ହିଁ ଅହୋଭାଗ୍ୟ । ଶେଷ ସୁଯୋଗ ପାଇଲେନି ଦେଖିବାକୁ ନିଜ ସନ୍ତାନ ଓ ନାତିନାତୁଣୀମାନଙ୍କୁ । ଅର୍ଜିତ ସମ୍ପତ୍ତିମାନେ ନିଜ ନିଜ ଗାମ୍ଭୀର୍ଯ୍ୟରେ ଠିଆ ହୋଇଥାନ୍ତି ଦେଖୁଥାନ୍ତି କିନ୍ତୁ ଫେରେଇ ଆଣିପାରୁନଥାନ୍ତି ପିଲାମାନଙ୍କୁ । କେହି ବି ଆସିପାରିଲେନି କର୍ମଜଞ୍ଜାଳ ଯୋଗୁଁ । ବାସିପୋଡ଼ା ହୁଅନ୍ତୁ ପଛେ ଯଥାକଥାରେ ବାବୁଙ୍କ ସ୍ଥୂଳ ଶରୀରଟି ମାଟିରେ ମିଶିଗଲା ବଡ଼ପୁଅର ମୁଖାଗ୍ନିରେ । ଅବଶ୍ୟ ବୟସର ଶେଷ କ୍ଷଣରେ ନିଜ ଲୋକଙ୍କ କୋଳାହଳ ଅମୃତ ପରି ଲାଗେ । ଏପରିକି ନିର୍ମାଲ୍ୟ ବି ଊଣା ପଡ଼ିଯାଏ । କିନ୍ତୁ ଆଜିର ସମାଜରେ ଏଇ ଅମୃତର ଧାପେ ଆଭାସ ପାଇବାକୁ ହେଲେ କେତେ ମାନସାଙ୍କ ସହ ଯୁଝିବାକୁ ପଡ଼େ ତା କହିହେବନି । ଛାଡ଼ିଦେଇଗଲେ ବୁଢ଼ୀକୁ ଏକ ବାହ୍ୟ ପରିପୂର୍ଣ୍ଣ ନିଃସ୍ୱ ଜଞ୍ଜାଳରେ ଘାଣ୍ଟିହେବାକୁ । ଭୁଲିଯାଇଥିଲେ କିଛି ଭବିଷ୍ୟତ ଯୋଜନା କରିବାକୁ । କିନ୍ତୁ ଉଚ୍ଚଶିକ୍ଷିତ ଭଦ୍ରସମାଜର ସମ୍ଭ୍ରାନ୍ତ ଶ୍ରେଣୀର ପୁଅଝିଅମାନେ ଟିକେ ହେଲେ ସମୟ ନଷ୍ଟ କରିବାକୁ ଚାହିଁଲେନି । ଯିଏ ଚାଲିଗଲା ସେ ତ ଆଉ ଫେରିଆସିବନି । ଅଯଥାରେ ମନଦୁଃଖ କରି ବାହୁନି ହେବାକୁ ସେମାନେ ଶ୍ରେୟ ମଣିଲେନି । ବରଂ ନିଜ ନିଜର ଚାହିଦାକୁ ଏକଜୁଟ କରିବାରେ ଲାଗିପଡ଼ିଲେ । ତାଲିକା ପ୍ରସ୍ତୁତି ଚାଲିଲା । ମନ୍ତ୍ରଣାର ଲେଖନୀ ମୁନରେ । ସମୟ କମ୍ ଏଇ ଝଁଝଟ ସରିଲେ ଯେଝା ବାଟରେ ଯିଏ ଚାଲିଯିବେ । ଏପଟେ ଘିଅମହୁ ପାଇବା ସମୟ ଆସିଯାଇଥିଲା । ତାରି ଭିତରେ ଅଲିଅଳି ଝିଅ ଆରମ୍ଭ କଲା ଯିଏ ଯାହା ନିଅ ପଛେ ଏଇ ଘରଟା ମୋର । ଆକାଶରୁ ଛିଡ଼ିବାପରି ହୋଇଥିଲେ ମଧ୍ୟ ଗୋଟାଏ ବୋଲି ଝିଅ ତ ନ ନେବ କେମିତି । ସେଇ ଅଲିଅଳି ପଣରେ ହାତେଇ ନେଲା ଘରଟାକୁ । ବାକି ସ୍ଥାବର ଅସ୍ଥାବର ସମ୍ପତ୍ତି ମଝିଆଁ ସାନ ଦିହେଁ ବାଣ୍ଟିକୁଣ୍ଟି ନେଇଗଲେ । ବଡ଼ ପୁଅ ଭାଗରେ ଗୋଚର ଜମି କିଛି ଛାଡ଼ିଦେଇ । ବାସ୍ ଯଥା କଥାକେ ସବୁ ଭାଗ ହୋଇଗଲା । ସେଇ ଭାଗଟିକୁ ନ ନେବା ପାଇଁ ଚମତ୍କାର ବାହାନା ବନେଇ ଚାଲିଥିଲେ ସେଇ ଭାଗୀଦାରମାନେ । ସେଇ ଭାଗଟି ବି ନିରୁପାୟ ନିଃସହାୟ । ସେ ଭାଗ ବି ଏମିତି ଯେ ଆଜିର ଦୁନିଆଁ ତାକୁ ବୋଝର ଆଖ୍ୟା ଦେଇ ଆପଣେଇବାକୁ ନାରାଜ । କିନ୍ତୁ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବଡ଼ ପୁଅ ଆଗେଇ ଆସିଲା ସେଇ ଅଦରକାରୀ ଭାଗଟିକୁ ନିଜର କରିବାକୁ । ସେ ଶ୍ରମ ସାର୍ଥକ କରି ଭାଗୀଦାର ବନିଗଲା । ସତେ କି ତା ବାସ୍ତବ ଜୀବନର ନିଭୃତ ଆତ୍ମାକୁ ବୁଢ଼ୀ ଅସୁରୁଣୀର ଫରୁଆରୁ ହାସଲ କରିନେଲା । ନିଜର ବଡ଼ିମା କିମ୍ବା ଜ୍ୟେଷ୍ଠର କର୍ତ୍ତବ୍ୟପଣରେ ନୁହେଁ ବରଂ ତା ହୃଦୟର ଲୁକ୍କାୟିତ ସ୍ୱପ୍ନକୁ ନିଜେ ହିଁ ସାକାର କରିନେଲା । ସେମିତି କିଛି ମତଲବ୍ ନଥିଲା କି ନିଜ ଋଣ ପରିଶୋଧ କରି ଅନ୍ଧ ଦୁନିଆର ବାହାବାଃ ନେବବୋଲି ।

ଏଇ ଭାଗବଣ୍ଟାର ଶୀତଳ ଯୁଦ୍ଧରେ ସେ ଯାହା ହାସଲ କରିଥିଲା ତାହା ଥିଲା ବର୍ଣ୍ଣନାତୀତ । କିନ୍ତୁ ସେଇ ଅକ୍ଷମତା ଭିତରେ ମଧ୍ୟ ତା'ର ବାଷ୍ପରୁଦ୍ଧ କଣ୍ଠ କହିଚାଲିଥିଲା । ବୋଉଲୋ... ତୁ କେବଳ ମୋର ସେତେବେଳେ ସେ ଲାଗୁଥିଲା ଜଣେ ଦିଗବିଜୟୀ ସମ୍ରାଟ ପରି ଆପେ ଆପେ ପାଲଟି ଯାଉଥିଲା କୋଟିସମ୍ପତ୍ତିର ଅଧିପତି କୁବେର । ଭାରି ଆଶ୍ୱାସ ଲାଗୁଥିଲା ତାକୁ । ଏମିତି ହୃଦୟଖୋଲା ଆନନ୍ଦ ସେ କେବେ ପାଇନଥିଲା । କାହିଁକି କେଜାଣି ଅଜାଣତରେ ଏ ଅନ୍ଧ ସମାଜର ଦେଖଣାହାରୀଙ୍କ ଆଖିଦିଟାରୁ ଦି ବୁନ୍ଦା ଲୁହ ଝରିପଡୁଥିଲା ।

ରସୁଲଗଡ଼, ନେତାଜୀନଗର, ଭୁବନେଶ୍ୱର ।

# ଦେବୀକୃପା

- ସତ୍ୟନାରାୟଣ ନନ୍ଦ

ଚିତ୍ରୋତ୍ପଳା ଘାଟକୂଳର ସେଇ ପୁରୁଣା ବରଗଛ । କେଉଁ ଅନାଦି କାଳରୁ ତାର କାୟା ବିସ୍ତାର କରି ପଥିକମାନଙ୍କୁ ଛାୟା ପ୍ରଦାନ କରିଆସୁଅଛି । ଆଶ୍ୱିନ ମାସର ଶୁକ୍ଳପକ୍ଷ ଏକାଦଶୀ କେତେବେଳୁ ସୂର୍ଯ୍ୟ ଅସ୍ତ ହୋଇଗଲେଣି । ଆକାଶରେ ଜହ୍ନ ତାର ରୂପେଲୀ କିରଣ ବିଛାଡ଼ି ଦେଇଛି । ନଦୀର ଛୋଟ ଛୋଟ ଲହରୀମାଳା ଧୀର ପବନରେ ନାଚ କରୁଛନ୍ତି । ବରଗଛ ମୂଳରେ ନଦୀ ପାର ହେବା ପାଇଁ ଅପେକ୍ଷା କରିଛନ୍ତି ଦେବୀ ପୂଜକ ସିଦ୍ଧେଶ୍ୱର । ଅନେକ ଦିନ ପ୍ରାୟ ଦୀର୍ଘ ପଚାଶ ବର୍ଷ ହେବେ ସେ ଦଶହରା ସମୟରେ ଦୂର ଗୋପୀନାଥପୁର ଦୁର୍ଗାମଣ୍ଡପରେ ପୂଜା କରିଆସୁଛନ୍ତି । ବୟସ ସତୁରି ଛୁଇଁଲାଣି । ଏଥର ବିଦାୟ ଦେଇ ଆସିଲାବେଳେ ମଣ୍ଡପର କର୍ମକର୍ତ୍ତାଙ୍କୁ ନୂତନ ପୂଜକ ଯୋଗାଡ଼ କରିବା ପାଇଁ କରହିଆସିଛନ୍ତି । ଆଉ ବୟସର ଅନୁମତି ନାହିଁ, ନିଜକୁ ଅସହାୟ ବୋଧ କରୁଛନ୍ତି । ଚିତ୍ରୋତ୍ପଳା ନଦୀର ଲହରୀମାଳାକୁ ଏକ ଲୟରେ ଚାହିଁ ରହିଛନ୍ତି । ଆର କୂଳରେ ନାଉରୀ, ନାଆ ଆଣିବାକୁ ସମୟ ଲାଗିବ । ଯଦିଓ ନଦୀରେ ବେଶୀ ପାଣି ନାହିଁ, ତଥାପି ଅଧା ନଈ । ନଈ ଆର କୂଳରେ ତାଙ୍କର ଜନ୍ମସ୍ଥାନ । ଏଇ ନଈ ଶୈଶବ, କୈଶୋର, ଯୌବନ ତଥା ବାର୍ଦ୍ଧକ୍ୟର ସାଥୀ । ମନରେ ଦୁର୍ଗା ମା'ଙ୍କ ପ୍ରତି ଏକ ଅଭିମାନ, ଦୀର୍ଘ ପଚାଶ ବର୍ଷ ଧରି ସେ ଏଇ ଶରତ ଋତୁରେ ଅକାଳ ବୋଧନ ପୂଜା କରିଆସୁଛନ୍ତି । ହେଲେ ସେଇ କରୁଣାର ଧାରା କେବେ ତାଙ୍କ ମସ୍ତକରେ ଝରିଯିବାର ସେ ଅନୁଭବ କରିନାହାନ୍ତି । ମନରେ ବଡ଼ ଅବଶୋଷ, ସତରେ କ'ଣ ଏ ଜନ୍ମରେ ସେ ସୁଯୋଗ ଆଉ ମିଳିବ ନାହିଁ । ତଥାପି ମନରେ ଆଶା ରହିଛି, ଦେବୀ ନିଶ୍ଚୟ ତାଙ୍କୁ ଦର୍ଶନ ପ୍ରଦାନ କରିବେ । ହେଲେ କେବେ ସେ ସୁଦିନ ଆସିବ । ସେଇ ଦୀର୍ଘ ପ୍ରତୀକ୍ଷାର ଅନ୍ତ କେବେ ଘଟିବ କିଏ ଜାଣେ ?

ନଈକୁ ଚାହିଁଲେ ସିଦ୍ଧେଶ୍ୱର । ନାଉରୀ ନାଆ ନେଇ ସେପାରିରୁ ଆସୁଛି । ଜହ୍ନ ଆଲୁଅରେ ନାଆ ଅସ୍ପଷ୍ଟ ଭାବରେ ଦେଖା ହେଉଛି । ପାଣିରେ କାତ ମାରିବାର ଶବଦ । ନାଆ ଆସ୍ତେ ଆସ୍ତେ କୂଳକୁ ଆସୁଛି । ଏକ ଲୟରେ ଚାହିଁ ରହିଛନ୍ତି ସିଦ୍ଧେଶ୍ୱର ନାଉରୀ ଆସି କୂଳରେ ନାଆ ଲଗାଇଲା । ମଙ୍ଗ ଦଉଡ଼ିକୁ ବରଗଛର ମୋଟ ଓହଳରେ ବାନ୍ଧିଦେଲା । ଅତଡ଼ା ଉପରକୁ ଉଠି ଚାରିଆଡ଼କୁ ଚାହିଁଲା । ଛାପି ଛାପିକା ଜହ୍ନ ଆଲୁଅରେ ଜଣେ ଲୋକ ପାରି ହେବାକୁ ଅପେକ୍ଷା କରିଥିବାର ସେ ଦେଖିଲା । ପାଖକୁ ଆସିବାରୁ ସିଦ୍ଧେଶ୍ୱର କହିଲେ-
"ମୁଁ କେତେବେଳୁ ଏଠି ଅପେକ୍ଷା କରିଛି । ଆଉ ତ ପାରିହେବାକୁ କେହି ନାହାନ୍ତି । ମତେ ଟିକିଏ ପାରି କରି ଦେ । ହେଲେ ପୁଅ, ତୁ ତ ଏ ଘାଟର ଘାଟିଆ ନୁହଁ, ମୁଁ ତ ତତେ ଚିହ୍ନି ପାରୁନି । ତୁ କାହା ପୁଅ କହିଲୁ ?"
"ତୁମେ ମତେ ଚିହ୍ନିପାରିବନି ନନା, ମୁଁ ତୁମକୁ ଚିହ୍ନିଛି । ଆମ ପାଖ ଗାଁର ପ୍ରସିଦ୍ଧ ଦେବୀ ପୂଜକ । ତୁମର ଭାରି ସୁନାମ ସବୁଆଡ଼େ । ଲୋକେ କହନ୍ତି ଆପଣ ଦେବୀ ପୂଜା କଲେ ମା' କୁଆଡ଼େ ସରଗରୁ ମରତ ଓହ୍ଲେଇ ଆସନ୍ତି ।" ଏକା ନିଃଶ୍ୱାସକେ ଏତକ କହିଦେଇ ଉତ୍ତରକୁ ଅପେକ୍ଷା କଲା ସେ । "ତୁ ଆଉ ସେ କଥା କହନାରେ ବାପ, ଦୀର୍ଘ ପଚାଶ ବର୍ଷ ହେଲା ମୁଁ ଦେବୀ ପୂଜା କରି ଆସୁଛି । ହେଲେ ମା'ଙ୍କର ଏ ଅଭାଗା ଉପରେ ଟିକିଏ ଦୟା ହେଉ ନାହିଁ ।"
"ସେମିତି କାହିଁକି କହୁଚ ନନା, ତୁମ ଉପରେ ଭକ୍ତଙ୍କର କେତେ ଭରସା । କେତେ ସୁନାମ ତୁମର ଆମ ଅଂଚଳରେ । ବିଶ୍ୱାସ ରଖ ନନା ଗୋସେଇଁ, ସବୁ ସମାଧାନ ହୋଇଯିବ । ଆଉ ଅପେକ୍ଷା କରିବା ନା ନାଆ ନେଇଯିବା, ରାତି ବହୁତ ହେଲାଣି । ମତେ ଭାରି ଭୋକ ଲାଗିଲାଣି ।"

ଭୋକ କଥା ଶୁଣି ସିଦ୍ଧେଶ୍ୱର କହିଲେ, "ତୁ ବ୍ୟସ୍ତ ହେବାର ନାହିଁ । ମୁଁ ପୂଜାରୁ ଫେରିବା ବେଳେ ସେମାନେ ମୋତେ ମିଷ୍ଟାନ୍ନ ଘର ପାଇଁ ଦେଇଛନ୍ତି । ସେଥିରୁ ମୁଁ କିଛି ଦେଉଛି, ତୁ ଖାଇଦେ । ତା'ପରେ ଯିବା ।"
"ତୁମେ ବ୍ରାହ୍ମଣ ଲୋକ, ମୁଁ ତୁମଠାରୁ କାହିଁକି ଖାଇବି । ଘରେ ପହଂଚିଲେ ଖାଇବି ପଛେ, ଚାଲ ତୁମକୁ ପାରି କରିଦେବି ।"
ଘାଟିଆର ଉତ୍ତର ନ ଶୁଣି ସିଦ୍ଧେଶ୍ୱର ମିଷ୍ଟାନ୍ନ କିଛି ଆଣି ନାଉରୀ ପାଖରେ ଛିଡ଼ା ହୋଇଥିଲେ ।
"ତୁ ଯା' ପୁଅ, ନଈରେ ହାତ ମୁହଁ ଧୋଇ ଆ', ମୁଁ ଏଠି ଠିଆ ହୋଇଛି । ଶୀଘ୍ର ଖାଇବାକୁ, ରାତି ଅଧିକ ହେଉଛି । ଘରକୁ ଯିବା ।"

ହାତମୁହଁ ଧୋଇ କରି ନାଉରୀ ମିଷ୍ଟାନ୍ନ ଖାଇବାକୁ ଆରମ୍ଭ କଲା । ଏକ ଅପୂର୍ବ ମହକରେ ଆମୋଦିତ ହୋଇଗଲା ଘାଟକୂଳ । ସିଦ୍ଧେଶ୍ୱର ସେ ପରିବେଶରେ ଦୁର୍ଗା ପୂଜା ମଣ୍ଡପର ଆତ୍ମୀୟତା ଅନୁଭବ କରୁଥିଲେ । ଏକ ଅଦେଖା ରାଇଜର ମଧୁର ସ୍ୱପ୍ନରେ ଆତ୍ମହରା ହୋଇଉଠୁଥିଲେ ସେ । ଏକ ଅପୂର୍ବ ଅନୁଭବ ତାଙ୍କ ଶିରା ପ୍ରଶିରାରେ ସଂଚରି ଯାଉଥିଲା । ସେ ଏକ ଲୟରେ ନାଉରୀର ଖାଇବାକୁ ଚାହିଁ ରହିଥିଲେ ।

ନାଉରୀ ଖାଇବା ଶେଷ କରି ନାଆ ଖୋଲିବାକୁ ଆରମ୍ଭ କଲା । ସିଦ୍ଧେଶ୍ୱର ନିଜର ଜିନିଷପତ୍ର ସହିତ ନାଆରେ ବସିଲେ । ନାଉରୀ ନାଆ ବାହି ଚାଲିଲା । ନଈର ସୁଅରେ ନାଆ ଭାସିଚାଲିଛି । ପଶ୍ଚିମ ଦିଗକୁ ଜହ୍ନ ଢଳିଗଲାଣି । ଧୀର ପବନରେ ଆଖିକୁ ନିଦ ଆସିଯାଉଛି । ଏକ ଦିବ୍ୟ ଅନୁଭବ ଚେତନାର ସ୍ତରେ ସ୍ତରେ ସଂଚରି ଯାଉଛି । କିଛି ଜାଣିପାରୁନଥିଲେ ସେ । ଘର ଦ୍ୱାର, ପରିବାର ସବୁ ଯେମିତି ତୁଚ୍ଛ ମନେ ହେଉଥିଲା । ଏ ନଈ, ଡଙ୍ଗା, ନାଉରୀ ଆଉ ସେ । ଏଭଳି ଏକ ମିଳନକୁ ସେ ହାତଛଡ଼ା କରିବାକୁ ଚାହୁଁ ନଥିଲେ ।

ନାଆ ଯାଇ ସେ କୂଳରେ ପହଂଚିଲା । ନାଆରୁ ଓହ୍ଲାଇଲେ ସିଦ୍ଧେଶ୍ୱର । ଅଂଟାରୁ ପଇସା କାଢ଼ିବାକୁ ଯାଉଥିଲେ ନାଉରୀକୁ ପାଉଣା ଦେବାକୁ । ନାଉରୀ-ପୁଅ ମନା କରି କହିଲା- "ମୁଁ କାଲି ତୁମ ଘରୁ ପଇସା ଆଣିବି ଗୋସାଇଁ, ତୁମେ ଯାଅ ।" ବାଧ୍ୟ ଶିଶୁଟି ପରି ନାଆରୁ ଓହ୍ଲାଇ ଚାଲିଲେ ସିଦ୍ଧେଶ୍ୱର ।

ତା'ପରଦିନ ସକାଳ । ନଈକୁ ଗାଧୋଇ ଆସିଲେ ସେ । ସେଠି ଘାଟିଆ ସହିତ ଦେଖା ହେଲା । ହଠାତ୍ ପଚାରି ଦେଲେ ସିଦ୍ଧେଶ୍ୱର, "କାଲି ତୋ ପୁଅ ରାତିରେ ମୋତେ ପାରି କରିଥିଲା, ପାଉଣାଟା ମୁଁ ଦେଇନି ।"
"ମୋ ପୁଅ ! ମୋର ପୁଅ ନାହିଁ ଗୋସେଇଁ, ପାରି କରିବ କେମିତି ?"
ଘାଟିଆର ଉତ୍ତରରେ ଚକିତ ହୋଇଗଲେ ସିଦ୍ଧେଶ୍ୱର । ଆଉ କିଛି କହିଲେନି ସେ । ମନରେ "ଶ୍ରୀ ଦୁର୍ଗା ସପ୍ତଚଣ୍ଡୀ"ର ସେଇ ଶ୍ଳୋକ ଗୁଞ୍ଜରି ଉଠୁଥିଲା-
"ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣେ
ସର୍ବ ସ୍ୟାର୍ତ୍ତ ହରେ ଦେବି ନାରାୟଣ ନମୋଽସ୍ତୁତେ" ।

ବାଲିସାହି, ସାଲେପୁର, କଟକ

# ଟୋପାଏ ସିନ୍ଦୂର

- ପ୍ରଶାନ୍ତ କୁମାର ମହାପାତ୍ର

ଚଉଠି ରାତି । ଅତି ନିଖୁଣ ଭାବେ ସଜ୍ଜିତ ବାସ୍ନାୟିତ ଶଯ୍ୟା ଉପରେ ଦୀପକର ପ୍ରତୀକ୍ଷା କରୁ କରୁ ଡ୍ରେସିଂ ଟେବୁଲ ଦର୍ପଣ ଆଡ଼େ ଅନାଇ ନିଜର ମୁହଁକୁ ବାରମ୍ବାର ପରଖି ନେଉଥିଲା ନୀତୁ । ଦର୍ପଣ ପଛରେ ହଠାତ୍ ଦୀପକର ପ୍ରବେଶ ଲକ୍ଷ କରି ଟିକିଏ ଲାଜେଇ ଯାଇ ଓଢ଼ଣୀଟିକୁ ମୁହଁରେ ଢାଙ୍କି ପକାଇଲା ।

ଆରେ ରୁହ ଗାଢ଼ ଅନ୍ଧକାର ଭିତରେ ଜହ୍ନଭଳି ଝଟକୁଥିବା ମୁହଁଟିକୁ ଢାଙ୍କି ଦେଉଛ କାହିଁକି ? ମୋତେ ଟିକେ ମନ ଭରି ଦେଖିବାକୁ ଦିଅ । ସତରେ ନୀତୁ ତୁମ ଗୋରା ମୁହଁ ଆଉ ତା ଭିତରେ ସକାଳ ସୂର୍ଯ୍ୟ ଭଳି ଝଟକୁ ଥିବା ତୁମ ମଥାର ସିନ୍ଦୂର ମୋତେ ଜନ୍ମ ଜନ୍ମାନ୍ତର ପାଇଁ କିଣିନେଇ ସାରିଲାଣି । ତୁମର ସୌନ୍ଦର୍ଯ୍ୟ ଭିତରେ ମୋତେ ବାରମ୍ବାର ଦଗ୍ଧୀଭୂତ ହେବାକୁ ଦିଅ ।

ପ୍ରେମ ଆଉ ପ୍ରଣୟର ସମସ୍ତ ଯାଦୁକରୀ ଜାଲରେ ବାନ୍ଧିଦେଇ ନୀତୁର ମୁହଁରୁ ଓଢ଼ଣୀଟିକୁ ଉଠାଇବାରେ ଲାଗିଲା ଦୀପକ ।

ରୁହ ଦୀପକ ।

ହଠାତ୍ ଅଶ୍ୱସ୍ତିକର ଅନୁଭବ କଲା ଦୀପକ । ଚଉଠି ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମିଳନକୁ ପ୍ରତିରୋଧ କରୁଥିବା ଏ ସ୍ୱର କାହାର ? ଝରକା କବାଟ ଆଡ଼େ ଦୃଷ୍ଟି ନିକ୍ଷେପ କଲା ଦୀପକ । ସବୁ ତ ବନ୍ଦ ଅଛି । କଣ ଚିହ୍ନି ପାରୁନ ଏ ସ୍ୱର ? କଣ ଦେଖି ପାରୁନ ମୋତେ । ହା ହା ହା ହସିଉଠିଲା କେହିଜଣେ । ହସର ସ୍ୱର ଧୀରେଧୀରେ ମିଳାଇ ଯାଇ କଇଁକଇଁ ହୋଇ କାନ୍ଦି ଉଠିଲା ପୁଣି ।

କିଛି ବୁଝିପାରୁନଥିଲା ନୀତୁ । ଦୀପକ ବି ।

ଟିକିଏ ମନେ ପକାଅ ଦୀପକ ଆଠ ବର୍ଷତଳର କଥା । ସିଟି ସ୍କୁଲ ହଷ୍ଟେଲ । ବନ୍ଦକୋଠା । ପ୍ରତିଶ୍ରୃତି ଓ ଶପଥର ବର୍ଷା । ଦେବୀ ମନ୍ଦିରର ସିନ୍ଦୂର । ଅନ୍ଧକାର ଆଉ ଶୂନ୍ୟତାର ବାହାଘର । ଗୋଟେ କଳା ମୁହଁର ଅଦ୍ଭୁତ ପୂର୍ବପ୍ରଶଂସା । ଚୁମ୍ବନ, ଲେହନ, ପଦ୍ମ ପୁଷ୍କରିଣୀ ଭିତରେ ଅବାଧ ସନ୍ତରଣ । କିଛି ମନେ ପଡ଼ିଲା ? ସ୍ମୃତିର ଏକ ଅନ୍ଧକାର ଗହ୍ୱର ଭିତରକୁ ଟାଣି ହୋଇ ଯାଉଥିଲା ଦୀପକ । କିଂକର୍ତ୍ତବ୍ୟ ବିମୁଢ଼ ନୀତୁ ଅନାଇ ରହିଥିଲା ଦୀପକ ମୁହଁକୁ ।

କିଛି ମନେ ପଡ଼ିଲା ଦୀପକ । ଦେଖ ତୁମ ଆଗରେ ଥୁଆ ହୋଇଥିବା ସିନ୍ଦୁର ଫରୁଆଟିକୁ । ପଲଙ୍କ ଉପରେ ହଠାତ ଚିହ୍ନା ଚିହ୍ନା ଲାଗୁଥିବା ସିନ୍ଦୁର ଫରୁଆଟିକୁ ଦେଖି ମାଟି ତଳୁ ପୃଥିବୀ ଖସି ଯାଉଥିବାର ଅନୁଭବ କଲା ଦୀପକ । ସିଟି ସ୍କୁଲର ସହପାଠିନୀ ଦୀପିକା ମୁହଁ ଧୀରେ ଧୀରେ ସ୍ପଷ୍ଟରୁ ସ୍ପଷ୍ଟତର ହେଲା । ଆଖିରୁ ଧାର ଧାର ଲୁହ ବହୁଛି ।

ଛି ଦୀପକ ଛି । ଧିକ ତୁମକୁ । ଏଇ ଟୋପାଏ ସିନ୍ଦୁରର ଦୁହାଇ ଦେଇ ଦେଇ ମୋତେ ବାରମ୍ବାର ଲୁଟିଲ । ସର୍ବସ୍ୱାନ୍ତ କଲ । ଆଉ ମୁଁ ବି ଟୋପାଏ ସିନ୍ଦୁରର ଆଲୋକରେ ସୂର୍ଯ୍ୟାସ୍ନାତ ପ୍ରଭାତ ସମ ଏମିତି ଉଦ୍ଭାସିତ ହେଲି ଯେ ତୁମ ଭିତରର ଅନ୍ଧକାରମୟ କଳଙ୍କ କାଳିମାମୟ ରାକ୍ଷସୀୟ ସତ୍ତାକୁ ଚିହ୍ନି ପାରିଲିନି ।

କଇଁ କଇଁ ହୋଇ କହି ଚାଲିଥିଲାଶ ଅଶରୀରୀ । ଶେଷରେ ତୁମର ଶୋଷ ସବୁ ମେଣ୍ଟିଗଲା ପରେ ଯେଉଁ ଦିନ ତୁମ ପିଚାଶ ହାତରେ ସିନ୍ଦୁର ଫରୁଆଟିକୁ ଫିଙ୍ଗିଦେଇ ମୋ ଠୁ ଦୂରେଇଗଲ ତାପରେ କଣ ହେଲା କିଛି ଜାଣିଛ ବା ଜାଣିବାର ଚେଷ୍ଟା କରିଛ ଦୀପକ ? ନା ତୁମର କଣ ଦରକାର ? ତୁମେ ଠିକ ଜାଣିଛ ଯେ ଏ ଟୋପାଏ ସିନ୍ଦୁର ଶୋଭିତ କରେ ନାରୀକୁ ଆଉ ବି କଳଙ୍କିତ କରେ ନାରୀକୁ । ପୁରୁଷର କିଛି ଯାଏ ଆସେ ନାହିଁ । ମୋ ପାଖରେ କଳଙ୍କକୁ ପୋଛିବାର କିଛି ଉପାୟ ନଥିଲା, କେବଳ ଆତ୍ମହତ୍ୟା ଛଡ଼ା । ହଁ ଦୀପକ ଏଇ ଦେଖୁନ ଅଶରୀରୀ ହେଲା ପରେ ବି ତୁମକୁ ଚିର ଶତ୍ରୁ ଭାବି ପ୍ରତିଶୋଧର ଅଗ୍ନିରେ ଜର୍ଜରିତ ହେଲା ପରେ ବି କେମିତି ଏଇ ଟୋପାଏ ସିନ୍ଦୁର ପାଇଁ ମୁଁ ତୁମକୁ ତୁ କହି ଧିକ୍କାର କରିପାରୁନି । ହେଲେ ମୁଁ ବି ପ୍ରତିଜ୍ଞା କରିଛି ଦୀପକ ତୁମକୁ କେବେ କାହା ମଥାର ସିନ୍ଦୁର ସାଜିବାକୁ ଦେବିନି । କେବେ ନୁହେଁ... କେବେ ନୁହେଁ.. ।

କାନ୍ଦର ସ୍ୱର କ୍ଷୀଣ ହୋଇ ପ୍ରତିଶୋଧର ସ୍ୱର ଶକ୍ତ ହେଉଥିଲା ପୀପକର । ନୀତୁର ଓଢ଼ଣା ଚେଷ୍ଟା କରି ବି ଉଠାଇ ପାରୁନଥିଲା ଦୀପକ ।

କେନ୍ଦ୍ରୀୟ ବିଦ୍ୟାଳୟ, କନ୍ଧମାଳ ।

# ପ୍ରେତାତ୍ମା

**- ସରୋଜ କୁମାର ଜେନା**

ଅନନ୍ତପୁର ଗ୍ରାମର ଦୁର୍ଯ୍ୟୋଧନ ସେନାପତି ପରିବାର କହିଲେ ତାଙ୍କ ସ୍ତ୍ରୀ ବୀଣାପାଣି ଆଉ ଦୁଇଟି ଝିଅ ପ୍ରିୟଙ୍କା ଏବଂ ସସ୍ମିତା । ଦୁର୍ଯ୍ୟୋଧନର ପରିବାର ଦୁଃଖ କଷ୍ଟରେ ଚଳୁଥିଲେ ସତ କିନ୍ତୁ ଦୁର୍ଯ୍ୟୋଧନ କେବେ ତା'ର ଦୁଇ ଝିଅଙ୍କ ପ୍ରତି ଅବହେଳା କରିନାହାନ୍ତି । ଏଇ ଯେମିତି ଦେଖ ଆଖି କେଇଟାର ଆସି ତା'ର ବଡ଼ ଝିଅ ପ୍ରିୟଙ୍କା ମାଟ୍ରିକ ପରୀକ୍ଷା ଦେବା ଉପରେ । ପ୍ରିୟଙ୍କା ପରୀକ୍ଷା ଦେବାପାଇଁ ଫର୍ମ ଫିଲଅପ୍ କରିବା ପଇସା ଦେଇ ଦୁର୍ଯ୍ୟୋଧନ ଯାଉଥିଲା ସୁଦୂର ଭୁବନେଶ୍ୱର ମୂଳ କାମ କରିବା ପାଇଁ । ଦୁର୍ଯ୍ୟୋଧନ ଜଣେ ଦିନ ମଜୁରିଆ ଏହି ଭିତରେ ସେ ମଝିରେ ମଝିରେ କିଛି ପଇସା ପଠାଉଥିଲା ଝିଅର ପାଠ ପଢ଼ା ନିମନ୍ତେ ଉଭୟ ଝିଅଙ୍କ ପାଇଁ ।

କିଛିଦିନ ପରେ ଝିଅର ମାଟ୍ରିକ ଫର୍ମ ଫିଲପ୍ ସରିଗଲା । ଝିଅକୁ ମଝିରେ ମଝିରେ ଫୋନ୍ କରୁଥାନ୍ତି ଦୁର୍ଯ୍ୟୋଧନ ତତ୍ ସହିତ ତାଙ୍କ ସ୍ତ୍ରୀଙ୍କୁ ତାଗିଦ କରୁଥିଲେ । ମୋ ଝିଅର ଦେଖାଶୁଣା ଭଲରେ କରୁଥିବ ଓ ତା ପଢ଼ା ପ୍ରତି ଧ୍ୟାନ ଦେଉଥିବ ।

ଏପଟେ କିଛିଦିନ ମଧ୍ୟରେ ମାଟ୍ରିକ ପରୀକ୍ଷା ଆସି ଉପନୀତ ହେଲା । ପ୍ରିୟଙ୍କା ସାହି ପିଲାଙ୍କ ମେଳରେ ଅଟୋ ଭଡ଼ା କରି ସୁଦୂର ପାଞ୍ଚକିଲୋମିଟର କୁସୁପୁର ଉଚ୍ଚବିଦ୍ୟାଳୟକୁ ଯାଉଥିଲା ମାଟ୍ରିକ ପରୀକ୍ଷା ଦେବା ନିମନ୍ତେ । ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ସମାପ୍ତ ହେଉଥିଲା ଅପରାହ୍ନ ୧୨ ଟା ମଧ୍ୟରେ । ଏହିପରି ଦୁଇଟି ପରୀକ୍ଷା ସରି ଯାଇଥାଏ । ସଂସ୍କୃତ ପରୀକ୍ଷା ସାରି ପ୍ରିୟଙ୍କା ଘରକୁ ଆସିଲା ଆଉ ସେଦିନ ସେ ଘରେ ଜଣେ ପାଖ ଗ୍ରାମର ଲୋକକୁ ଦେଖିଲା । ଆଉ ତାର ବୋଉକୁ ପଚାରିଲା ଆଲୋ ବୋଉ ଇଏ କିଏ? ଏହା ଶୁଣିଲା ପରେ ତା'ର ବୋଉ କହିଲା ଆଲୋ ତୋର ଏତେ କଥା କାହିଁକି ବୁଝିବାକୁ ଇଚ୍ଛା ହେଉଛି ରାଗ ତମ ତମ ହୋଇ କହିଲା । ପ୍ରିୟଙ୍କା ଭୟରେ କିଛି ଆଉ କହି ନଥିଲା । କିନ୍ତୁ ପ୍ରିୟଙ୍କାର ବୋଉ କହିଥିଲା ଆଲୋ ସେ ବା ଦାଦା ହେବେ । ତାଙ୍କ ନାମ ନବଘନ ଆଉ ତାଙ୍କୁ ସମସ୍ତେ ନବ ବୋଲି ଡାକନ୍ତି । ସେ ବାପାଙ୍କ ସହିତ ଭଲ ମିଶାଣିଆ । ଏହା ଶୁଣିଲା ପରେ ପ୍ରିୟଙ୍କା କହିଲା ଆଲୋ ବୋଉ ଆଙ୍କୁ ତ ମୁଁ କେବେ ଆଗରୁ ବାପାଙ୍କ ସହିତ ମିଶିବାର ଦେଖିନି । ଏହା ପରେ ପ୍ରିୟଙ୍କା ବୋଉ ବୀଣାପାଣି କହିଲେ ତୁ ଘର ଭିତରକୁ ଯା ତୁ ଏତେ କଥା ଆଉ ବୁଝେନା ହେଲା । ସେଦିନ ମନେ ମନେ ପ୍ରିୟଙ୍କା କାହିଁକି କିଛି ସନ୍ଦେହ କରିଥିଲା । ଇତି ମଧ୍ୟରେ ପ୍ରିୟଙ୍କାର ଅନ୍ତିମ ପରୀକ୍ଷା ଥାଏ ଭୂଗୋଳ । ସେହି ଦିନ ପରୀକ୍ଷା ସରିଲାପରେ ଖୁବ ଖୁସି ହୋଇ ପରୀକ୍ଷା ସାରି ଆସି ବୋଉକୁ ଚିଲେଇ ଡାକ ପକାଇଲା । ପ୍ରିୟଙ୍କା ବୋଉ କିନ୍ତୁ ତାର ବୋଉ ଶୁଣି ନଥିଲା । ଏହା ପରେ ପ୍ରିୟଙ୍କା ସବୁ ଘର ଖୋଜି ଖୋଜି ଏକେଣା ଘରେ ପ୍ରବେଶ କଲାବେଳକୁ ସିଏ ଯାହା ଦେଖିଲା ତାର ଆଖିକୁ ବିଶ୍ୱାସ କିର ପାରିଲାନାହିଁ । ଅସଂଜତ ଅବସ୍ଥାରେ ତାର ଜନ୍ମଧାତ୍ରୀ ବୋଉ ଏବଂ ନିଧିପୁର ଗ୍ରାମର ନବ ସହିତ ପରକ୍ରୀୟା ପ୍ରୀତିରେ ଲିପ୍ତ ଥିଲା ତାର ବୋଉ । ଏବେ ଜାଣିକି ପ୍ରିୟଙ୍କର ସନ୍ଦେହ ଦୂର ହୋଇଗଲା ।

ଏହ ଦେଖି ସାରିଲା ପରେ ତାର ବୋଉକୁ ପ୍ରବଳ କଟୁ ଭାଷା କହିଥିଲା ପ୍ରିୟଙ୍କା । ଶେଷରେ ବୋଉ ତୁ ଏତେ ତଳକୁ ଖସିଗଲୁ ମୁଁ କେବେ କଳ୍ପନା କରି ନଥିଲି । ତୁ ଏହିଭଳି କାମରେ ଲିପ୍ତ ରହିବୁ ବୋଲି । ଆରେ ତୁ ଜଣେ ବିବାହିତା ନାରୀ ଆଉ ହାତରେ ଶଙ୍ଖା ସିନ୍ଥିରେ ସିନ୍ଦୂର ନାଇଛୁ । ବାପା ଆମର ବିଦେଶରେ କାମ କରି ଆମମାନଙ୍କୁ ପୋଷୁଛନ୍ତି । ଛିଛି ଜଣେ ପତିବ୍ରତା ନାରୀର କ'ଣ ଏହା ସ୍ୱଭନୀୟ ତା ପକ୍ଷେ ତୁ କହ ବୋଉ । ଏହା ପରେ ଅତ୍ୟନ୍ତ ଉତ୍ୟକ୍ତ ହୋଇ ପ୍ରିୟଙ୍କା କହିଲା ଶୁଣୁ ବୋଉ ଏହିକଥା ମୁଁ ସବୁ ବାପାଙ୍କୁ କହିଦେବି ଆଜି ଫୋନ୍ ମାଧ୍ୟମରେ । ଏହା ଶୁଣିଲା ପରେ ବୀଣାପାଣି କହିଲେ ଆଲୋ ଶୁଣୁ ସବୁ ଯଦିଓ ଦେଖି ସାରିଲୁଣି ତାହେଲେ ଏବେ ତୁ ଦେଖିବୁ ମୋର ଅସଲ ଖେଳ । ଏହା ଶୁଣି ପ୍ରିୟଙ୍କା କହିଲା ମାନେ ତୁ ଏ ସବୁ କ'ଣ କହିଦେଇ ଯାଉଛୁ ବୋଉ ?

ଏହା ପରେ ବୀଣାପାଣି ବ୍ୟତିବ୍ୟସ୍ତ ହୋଇ କଣ କରିବେ ବୋଲି ଭାବିଲେ । ତୁରନ୍ତ ନବ ଆଉ ବୀଣାପାଣି ଏବଂ ଜଣେ ଅଲଗା ଲୋକ ଯିଏକି ନବର ସାଙ୍ଗ ଯଦୁ ଏକ ଚକ୍ରାନ୍ତ ଖେଳିଥିଲେ । ନବ କହିବା ମୁତାବକ ସେଦିନ ପ୍ରିୟଙ୍କାକୁ ଘରେ ନିଧୁମ ବାଡ଼େଇଥିଲେ ଆଉ ତାକୁ ଘରେ ବାନ୍ଧି ପକେଇ ଦେଲେ ଦିନ ତମାମ । ସେ ସେହି ଘରେ ପଡ଼ି ରହିଲା ଆଉ ତା'ର ସାନ ଝିଅ ସସ୍ମିତାକୁ ପଠେଇ ଦେଇଥିଲେ ତା'ର ମାମୁଁ ଘରକୁ । ଏପଟେ କିନ୍ତୁ ବୀଣାପାଣି ସାହି ପଡ଼ିଶାରେ କହି ବୁଲୁଥାଏ ନୂଆ ଜାମା ପାଇଁ ତାର ଝିଅ ଅଝଟ କରି ମୋ ସହିତ କଳି ଲଗେଇଛି । ଇତି ମଧ୍ୟରେ ସନ୍ଧ୍ୟା ଉପନୀତ ହେଲା । ସନ୍ଧ୍ୟାରେ ପ୍ଲାନ ମୁତାବକ ନବ ଆଉ ତାର ସାଙ୍ଗ ଯଦୁ ଏବଂ ବୀଣାପାଣି ମିଶି ପ୍ରିୟଙ୍କା ବେକରେ ଶାବଳ ପକାଇ ତାକୁ ମାରିଦେଲେ । ଏପଟେ ମାରି ସାରିଲା ପରେ ପ୍ରିୟଙ୍କାକୁ ମଝିଘରେ ଏକ ଲୁଗାରେ ତାକୁ ଟାଙ୍ଗିଦେଲେ ଏବଂ ବୀଣାପାଣି ମିଛରେ କାନ୍ଦିବାକୁ ଲାଗିଲା ଏହା ପରେ ଆଖପାଖ ସାହି ପଡ଼ିଶା ବୀଣାପାଣି କାନ୍ଦ ଶୁଣି ଆସିଲା ବେଳକୁ ଝିଅ ପ୍ରିୟଙ୍କା ଘର କଡ଼ିରେ ଝୁଲୁଥାଏ । ଏହା ଦେଖି ପଡୋଶୀ ଆଶ୍ଚର୍ଯ୍ୟ ହୋଇଗଲେ ଆଉ ବୀଣାପାଣିକୁ ପଚାରିଲେ ଏପରି କଣ କେମିତି ହେଲା । ଏହା ଶୁଣି ବୀଣାପାଣି କହିଲେ ଆଜି ମୋ ସହିତ ନୂଆ ଜାମା ପାଇଁ କଳି ଲଗାଇଥିଲା ଆଉ ଦିନ ଯାକ ଖାଇ ନଥିଲା ରାଗରେ ଏମିତି ଆତ୍ମହତ୍ୟା କରିଛି । ଏହା ଶୁଣିଲାପରେ କିଛି ପଡୋଶୀ କହିଲେ ଏହା ଅତ୍ୟନ୍ତ ଦୁଃଖର କଥା । ଏହା ପରେ ଲୋକ ରୁଣ୍ଡ ହେବା ପୂର୍ବରୁ ଝିଅ ପ୍ରିୟଙ୍କାକୁ ନେଇ ଶବ ସତ୍କାର

କରିଦେଲା ବୀଣାପାଣି ସେହି ନବ ଆଉ ଯଦୁକୁ ଧରି । ପେଟ୍ରୋଲ ଏବଂ ଗାଡ଼ଟାରେ ତାର ସତ୍କାର କରିଥିଲେ । ଯାହାର ଆଉ କିଛି ପତ୍ତା କିପରି ରହିବନାହିଁ ବୋଲି ।

ଏପଟେ ଏହାକୁ କିନ୍ତୁ ଏତେ ସହଜରେ ଅନନ୍ତପୁର ଗାଆଁବାଲା ଗ୍ରହଣ କରିପାରିଲେ ନାହିଁ । ସଭିଙ୍କ ମନରେ ସନ୍ଦେହ ଜାଗ୍ରତ ହେଲା । ଏହାକୁ ପାଥେୟ କରି କିଛି ଲୋକ କଥା ହେଉଥାନ୍ତି ତାର ବୋଉ ମାରିଦେଇଥିବ ମ । କିଛି ସମୟ ମଧ୍ୟରେ ଏହା ସମୁଦାୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଗଲା କିନ୍ତୁ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱକ୍ରମେ ଏହି କଥା ପୋଲିସକୁ ଜଣାହେଲା କିନ୍ତୁ ପୋଲିସ ଆସି ଶ୍ମଶାନକୁ ଯାଇ ତଦନ୍ତ କଲା କିନ୍ତୁ କୌଣସି ଅସ୍ଥି ବି ପାଇଲା ନାହିଁ । ଶେଷରେ ସେହି ପାଉଁଶକୁ ନେଇଥିଲା ପୋଲିସ ତଦନ୍ତ କରି ଫରେନସିକ ଦଳ । ଠିକ୍ ଏହି ଦିନ ଝିଅର ମୃତ୍ୟୁକଥା ଶୁଣି ଭୁବନେଶ୍ୱରରୁ ଆସି ପହଞ୍ଚିଥିଲେ ଦୁର୍ଯ୍ୟୋଧନ । ଆଖିରୁ ଲୁହ ଗଡ଼ି ପଡୁଥାଏ । କିନ୍ତୁ ପ୍ରକୃତ କଥା ଯାହା ସମସ୍ତଙ୍କ ମନରେ ଉଙ୍କି ମାରୁଥାଏ କିନ୍ତୁ କେହି ସଠିକ୍ ଭାବରେ ଜାଣିନଥିଲେ । ଏମିତିରେ ବହୁଦିନ ବିତିଗଲା କିନ୍ତୁ ପୋଲିସଙ୍କ ତରଫରୁ ବି କିଛି ସୂଚନା ମିଳିଲା ନାହିଁ ।

ବିଳମ୍ବ ପରେ ବିଳମ୍ବ ହୋଇଚାଲିଲା । ଗାଁ ଲୋକ ଚାହିଁ ବସିଥିଲେ ଅସଲଦୋଷୀ କିଏ ଜାଣିବେ ବୋଲି । ଏମିତିରେ ସମୟ ଆସି ପହଞ୍ଚିଲା ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବାର । ସେଦିନ ମଧ୍ୟ ପ୍ରିୟଙ୍କାର ମାଟ୍ରିକ ଫଳ ପ୍ରକାଶ ପାଇବାର ଥିଲା । କିନ୍ତୁ ଭାଗ୍ୟ ଯାହା ସାଥିରେ ଦାଉ ସାଜିଲା ସେ କାହୁଁ ଜାଣିବ ମାଟ୍ରିକ ପରୀକ୍ଷା ଫଳ । କିନ୍ତୁ ଏହା ପରେ ଯାହା ଘଟିଲା ଆପଣମାନେ ଏହାକୁ ଗ୍ରହଣ ନକରି ପାରନ୍ତି କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ ଆଶ୍ଚର୍ଯ୍ୟ ହେଲେ ବି ସତ ।

ସେଦିନ ଥାଏ ବୈଶାଖ ମାସ ଉଦୁଉଦିଆ ଖରାବେଳ । ଆଉ ଅନନ୍ତପୁର ଗାଁକୁ ଲାଗି ପଡୋଶୀ ଗାଁ ମଧୁପୁର । ଆଉ ଗାଁମୁଣ୍ଡେ ଥାଏ କାହିଁ କେଉଁ କାଳୁ ଏକ ଆମ୍ବ ଗଛ । ଏହାର ପାଖରେ ସେହି ଅନନ୍ତପୁର ଗ୍ରାମର ଶ୍ମଶାନ । ଧିରେ ଧିରେ ଲୋକ ରାତ୍ରି ବେଳା ଏବଂ ନିଛାଟିଆ ଖରାବେଳେ ଗଲାବେଳେ ତାଙ୍କୁ ଡରେଇଲା ଭଳି ସମସ୍ତେ ଅନୁଭବ କରୁଥାନ୍ତି । ଆଉ ଏହି କଥା ସମସ୍ତେ ମଧ୍ୟ ପ୍ରଚାର କରିଦେଲେ ଯେ ସେହି ଗଛରେ ପ୍ରିୟଙ୍କା ସମସ୍ତଙ୍କୁ ଡରାଉଛି । ଆଉ ରାତିବେଳେ କାନ୍ଦୁଛି । ଏହା ଶୁଣିଲା ପରେ କିଛି ଲୋକ କଥା ହେଲେ । ସତରେ ଯଦିଓ ତାହାର ଆତ୍ମା କାହାର ଦେହରେ ପ୍ରବେଶକରି ଯଦିଓ ଅସଲକଥା କୁହନ୍ତା ତାହେଲେ ସବୁ ସତ୍ୟ ଘଟଣା ଜଣା ପଡ଼ନ୍ତା ।

ଏମିତିରେ ଏକ ଦିନ ଦୁର୍ଯ୍ୟୋଧନର ଅତି ଘନିଷ୍ଠ ବନ୍ଧୁ ସୁଗୁରି ପାଢ଼ୀ ତାର ସ୍ତ୍ରୀ ରୁକ୍ମିଣୀ ସେହି ବାଟଦେଇ ଅନନ୍ତପୁର ଯାଉଥାଏ କିସ୍ତି ପଇସା ପୈଠ କରିବାକୁ ସୁନ୍ଦରଶାଢ଼ୀ ଆଉ ବେଶବୁଶା ହୋଇ । ଏପଟେ କିନ୍ତୁ ଘରକୁ ଫେରିଲା ପରେ ରୁକ୍ମିଣୀ କିଛି ଅଲଗା ଧରଣର ରୂପ ହୋଇ ଛାଟିପିଟି ହେଲେ ଆଉ ଏହା ଦେଖି ଲୋକ ରୁଣ୍ଡହେଲେ ଅସଲ କଥା କ'ଣ ? ଭଲ ଲୋକଟା ଏମିତି କ'ଣ ହେଲା ? ପ୍ରତି ମୁହୂର୍ତ୍ତରେ କହୁଥାଏ ମୁଁ ଛାଡ଼ିବିନି । ରୁକ୍ମିଣୀ ଘରଲୋକ ଏହା ଦେଖି ଭୟଭୀତ ହୋଇଗଲେ ମଧ୍ୟ । କିଛି ସମୟ ଗଲାପରେ ତା'ର ସ୍ୱାମୀ ସୁଗୁରି ଆସିଲା ଆଉ ଏହା ଦେଖି ସେ ଗୋଟିଏ ଗୁଣିଆ ଡାକିଲା । ପରେ ଗୁଣିଆ ପଚାରିଲାରୁ କିଛି ମଧ୍ୟ କହିନଥିଲା । ଏହା ପରେ ସୁଗୁରି ଗୋଟିଏ ଶକ୍ତ ଚଟକଣା ମାରିଲାରୁ ତା'ର ସ୍ତ୍ରୀ ଭୋ ଭୋ ହୋଇ କାନ୍ଦି କହିଲା ତୁମେ ମୋତେ ମାରିପାରିଲା ଦାଦା । ଏହା ଶୁଣି ସୁଗୁରି କହିଲା ତୁ କିଏ ଏମିତି କଣ ମୋତେ ତୁମେ ରୁକ୍ମିଣୀ ଦାଦା ଡାକୁଛ ? ତୁମେ କଣ ମୋତେ ଚିହ୍ନି ପାରୁନି । ଏହା ଶୁଣି ରୁକ୍ମିଣୀ ଶରୀର ମଧ୍ୟରେ ପ୍ରବେଶ କରିଥିବା ଆତ୍ମା ସବୁ ଅସଲ କଥା ବଖାଣିଲା । ତୁମେ ମୋତେ ଚିହ୍ନିପାରୁନ ଦାଦା ମୁଁ ବା ପ୍ରିୟଙ୍କା ତୁମ ଝିଆରୀ । ଏହା ପରେ ସୁଗୁରି ପଚାରିଲା ତୁ ଇଆଡ଼େ କୁଆଡ଼େ ଆସିଛୁ । ଏହା ଶୁଣିଲାପରେ ସେ କହିଲା ଆଜି ଦ୍ୱିପହରେ ଖୁଡ଼ି ସେହି ବାଟ ଦେଇ ଯାଉଥିଲେ ମୁଁ ତାଙ୍କ ସହିତ ପଳେଇ ଆସିଲି । ମୁଁ ବହୁତ ଦିନ ହେଲା ଆମ ଘରକୁ ଯିବାକୁ ଚାହୁଁଛି କିନ୍ତୁ ଯାଇ ପାରୁନି । ଏହା ଶୁଣି ସୁଗୁରି ପଚାରିଲା – କାହିଁକି ଯାଇ ପାରୁନୁ । ସେଠୁ ପ୍ରେତାତ୍ମା କହିଲା ମୋ ବୋଉ ପରା ଆମ ଘର କିଳି ଦେଇଛି । ମୁଁ କିପରି ଯିବି । ପୁଣି ସୁଗୁରି ପଚାରିଲା – ତୁ କଣ ପାଇଁ ଆସିଲୁ ଖୁଡ଼ି ସାଥିରେ ?ଏହା ପରେ ପ୍ରିୟଙ୍କାର ଆତ୍ମା କହିଲା ତୁମେ କଣ ଜାଣିନ ଦାଦା ଆଜି ପରା ମୋ ପରୀକ୍ଷା ଫଳ ବାହାରିଛି । ସେହି ଖୁସିରେ ଟିକିଏ ବୁଲିବାକୁ ପଳେଇଆସିଲି ଆମ ଘର ଆଡ଼େ ତ ଯାଇ ପାରୁନି ତେଣୁ ଇଆଡ଼େ ପଳେଇ ଆସିଲି । ତୁମେ ଶୁଣିଥା ସେହି ବୀଣାପାଣିକୁ ମୁଁ ଜୀବନରୁ ମାରିଦେବି । ଏହା ଶୁଣି ସୁଗୁରି ପଚାରିଲା ଆରେ ତାକୁ କଣ ପାଇଁ ମାରିବୁ ସେ କିଏ ? ଏହା ଶୁଣି କାନ୍ଦି କହିଲା ତୁମେ କଣ କିଛି କଥା ଜାଣିନ ଦାଦା ମୋ ବୋଉ ବୀଣାପାଣି ମୋତେ ବା ମାରିଦେଇଛି । ସବୁ ଜାଣିଶୁଣି ସୁଗୁରି ଧୀରେ ଧୀରେ ସବୁ ପଚାରିଲା କହିଲା ଆଉ କିଏ ତୋତେ ମାରିଛନ୍ତି ଏହା ଶୁଣି ପ୍ରିୟଙ୍କାର ଆତ୍ମା କହିଲା ମୋ ବୋଉ ବୀଣାପାଣି ସହିତ ଆଉ ସେହି ନବ ମାରିଛି ଆଉ ଜଣେ ମୁଁ ଜାଣିନି । ଏହା ପରେ ସୁଗୁରି ପଚାରିଲା ତୁ ବା ଦଉଡ଼ି ଦେଇ ଆତ୍ମହତ୍ୟା କରିଛୁ ଡ୍ରେସ ପାଇଁ । ଏହା ଶୁଣି ପ୍ରିୟଙ୍କାର ଆତ୍ମା କହିଲା ତୁମେ ଏପରି କହି ପାରୁଛ ଦାଦା ମୁଁ କଣ ପାଇଁ ଡ୍ରେସ ପାଇଁ ମରିବି ମୁଁ କଣ ଛୋଟ ପିଲା ହୋଇଛି ସେ ନବ ଏବଂ ମୋ ବୋଉ ବୀଣାପାଣି ଅନୈତିକ ସମ୍ପର୍କ ରଖିଥିଲେ ମୁଁ ଦେଖି ଦେବାରୁ ଆଉ ଏହି କଥା ବାପାଙ୍କୁ କହିଦେବି ବୋଲି କହିବାରୁ ମୋତେ ଜୀବନରୁ ମାରି ଦେଲା ମା ହୋଇ ଏପରି କାମ କରିପାରିଲା । ଏହା ଶୁଣିଲା ପରେ ସୁଗୁରି କହିଲା ଆମେ ଏହା ବି ସନ୍ଦେହ କରୁଥିଲୁ କିନ୍ତୁ କଣ କରିବୁ ନିରୁପାୟ । ଏହା ପରେ ପ୍ରିୟଙ୍କାର ପ୍ରେତାତ୍ମା କହିଲା ମୁଁ ଆଜି ମାଟ୍ରିକପରୀକ୍ଷା ପାସ୍ କରିଛି ଦାଦା ମୁଁ ଆଜି ଖୁସି ହେବାକଥା କିନ୍ତୁ ଆଜି ମୁଁ ସାଜିଛି ପ୍ରେତାତ୍ମା । ହଁ ମୁଁ ପ୍ରେତାତ୍ମା ।

ଧୀରେଧୀରେ ଏହି କଥା ସବୁଆଡ଼େ ପ୍ରଘଟ ହୋଇଗଲା ଆଉ ସମସ୍ତେ ସଠିକ୍ କଥା ଜାଣିପାରିଲେ । ଆଉ ପ୍ରେତାତ୍ମା କହିଲା ତାର ମୃତ୍ୟୁର ରହସ୍ୟ । କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଜଣେ ନିଜର କାମନା ମେଣ୍ଟାଇବା ପାଇଁ ନିଜର ଜନ୍ମକଲା ଝିଅକୁ ଜୀବନରୁ ମାରି ପାରିଲା

ଆଉ ନିଜେ ସାଜିଲା ନର ରୁ ରାକ୍ଷସୀ । ହଁ ଆଜ୍ଞା ସେ ରାକ୍ଷସୀ ସାଜିଲେ କଣ ହେବ କଥାରେ ଅଛି ମନୁଷ୍ୟ ମୃତ୍ୟୁକାରି ପାତାଳ ପୁରୀରେ ବି ଲୁକାୟତ ଭାବେ ରହିଲେ ବି ଦିନେନା ଦିନେ ଜଣା ପଡ଼ିବ । ଏଇ ଯେମିତି ପ୍ରିୟଙ୍କା ନିଜେ ପ୍ରେତାତ୍ମା ସାଜି ନିଜର ଦୋଷୀମାନଙ୍କୁ ସମାଜ ସାମ୍ନାକୁ ଆଣି ପାରିଲା ।

ଯାହା ଲୋକେ ଆଜି ପୋଲିସ ଠାରୁ ଆଶା କରିଥିଲେ କିନ୍ତୁ ଏହା ଏଠି ପ୍ରେତାତ୍ମା କରି ଦେଖାଇଲା । ଏଥିରୁ ସ୍ପଷ୍ଟ ଯେ ଆପଣ ଏହି ବିଜ୍ଞାନ ଯୁଗରେ ଭୂତ ଆଉ ଆତ୍ମା ପ୍ରେତାତ୍ମାକୁ ବିଶ୍ୱାସ କରି ନ ପାରନ୍ତି କିନ୍ତୁ ଏହା ଅଛନ୍ତି ଯାହା କିଛି ସମାଜରେ ଜ୍ୱଳନ୍ତ ଉଦାହରଣ ରୂପେ ଆଖି ଆଗରେ ଲୋକେ ଅନୁଭବ କରିଛନ୍ତି । ହଁ ଆଜ୍ଞା ଏଠି ସିନା ଶରୀର ମୃତ କିନ୍ତୁ ଆତ୍ମା ସଦାସର୍ବଦା ଅମର ହୋଇରହିଥାଏ । ସେ କେତେବେଳେ ପରମ୍ଆ ସହିତ ଲୀନ ହୋଇଯାଏ ଆଉ କେତେବେଳେ ଅନ୍ୟ ଘଟରେ ପ୍ରବେଶ କରେ କିନ୍ତୁ ଆଉ କିଛି ଅତୃପ୍ତ ଆତ୍ମା ହୋଇ ପ୍ରେତାତ୍ମା ସାଜି ବୁଲୁଥାନ୍ତି । ହଁ ପ୍ରେତାତ୍ମା ସାଜି ବୁଲୁଥାନ୍ତି ।

ବାଲିଝରୀ, ନରସିଂହପୁର, ଭଟ୍ଟାରିକା ।



# 'ମା'ର ଭୋକ'

- ଶ୍ରୀ ସତ୍ୟବ୍ରତ ସାହୁ

ସେଦିନ ଡ୍ୟୁଟି ସାରି ଫେରୁଥାଏ । ଉପର ଓଳି ସମୟ । ଦେଖିଲି ରାସ୍ତାକଡ଼ରେ ଜଣେ ସ୍ତ୍ରୀ ଲୋକ ଘଷି ପାରୁଥିଲେ । ଘଷି ନୁହେଁ ତ ଗୋବରକୁ ଟେଳା ଟେଳା (ଛୋଟ ଛୋଟ) କରି ଖରାରେ ଶୁଖାଉ ଥାଆନ୍ତି । ଯେମିତି ତାହା ଶୀଘ୍ର ଶୁଖିଯିବ । ତାହାକୁ ଆମେ ଗୁଣ୍ଡା କହୁ । ସାହିର ଆଉ ଜଣେ ସ୍ତ୍ରୀ ଲୋକ ଆସି ପଚାରିଲେ, ଆଲୋ... ଏବେ କ'ଣ ଗୁଣ୍ଡା ପାରୁଛୁ ? ସ୍ତ୍ରୀ ଲୋକ ଜଣକ କହିଲେ, ଘରଟା ଯାକର କାମ ପଡ଼ିଥିଲା । ସବୁ କାମ ସାରି ଆସିଲି । କାଲି ପାରିଥିଲେ ହୋଇ ନଥାନ୍ତା ଯେ, ଏ ବେଳ ଗଡ଼ିଗଲା ବେଳକୁ ଆସିଛୁ ! କହିଲେ ଆର ସ୍ତ୍ରୀ ଜଣକ ।

ଏଥର ଏ ସ୍ତ୍ରୀ ଜଣକ କହିଲେ, 'କ'ଣ କରିବି ନାନୀ ଆଜି ନ ଶୁଖାଇଲେ କାଲି ପରା ମୋ' ଛୁଆମାନେ ଓପାସ ରହିଯିବେ' । ଆମେ ସିନା ଭୋକ ସହିଯିବୁ ହେଲେ ଛୁଆ ମାନେ କ'ଣ ସହି ପାରିବେ ? ଗୁଣ୍ଡା ନଶୁଖିଲେ ରୋଷେଇ କେମିତି କରିବି ଯେ ! କଥାଟା ମୋ' ହୃଦୟକୁ ଭେଦ କରିଗଲା ଯେମିତି । ଭାବିଲି ସତରେ ମା'ର ହୃଦୟ କେତେ ଉଦାର । ନିଜେ ସିନା ଭୋକ ସହିଯିବ ହେଲେ ଛୁଆଙ୍କ ଭୋକ ସହି ପାରିବନି । ନିଜ ଠାରୁ ତା ଛୁଆମାନେ ଆହୁରି ନିଜର ତା ପାଇଁ । ରୋଷେଇ ହେଲେ ସେ ନିଜେ ତ ଓପାସ ରହିବ । ସେ ତ କହିପାରିଥାନ୍ତା । ମୁଁ ଓପାସ ରହିଯିବି ନଚେତ ମୋ ପରିବାର ଓପାସ ରହିଯିବେ । ଅଥଚ ସେ ମା' ଜଣକ କହିଥିଲେ 'ମୋ' ଛୁଆମାନେ ଓପାସ ରହିଯିବେ । ସତରେ କେତେ ମହାନ ମା'ର ହୃଦୟ ।

ମୋ' ଆଖି ଟିକିଏ ଜକେଇ ଆସିଲା । ସେ ମା' କୁ ମନେ ମନେ ସେଇଠି ପ୍ରଣାମ କଲି । ଭାବିଲି ସତରେ ଲୋ ମା' ତୋ ପରି ଦୁନିଆରେ କେହି ବି ହେବେନି । ଏ ଲେଖା ମାଧ୍ୟମରେ ସବୁ ମା' ମାନଙ୍କୁ ପ୍ରଣାମ ଜଣାଇ ଏତିକି କହିବି, 'ମାଲୋ.. ତୁ ସବୁଦିନ ଏମିତି ଉଦାର ହୋଇ ଥା । ଦୁନିଆ ତୋ ଗୁଣ ଗାଉ ଥାଉ ।'

ପଲ୍ଲୀ ସାହି, କମାଳ ପୁର
ଅହିୟାସ, ଯାଜପୁର



# ଅଜଣା ଝିଅ

– ପ୍ରତ୍ୟୁଷ ଦାସ

ସେଦିନ ରାତିରେ ମୁଁ ବସରେ ଯାତ୍ରା କରୁଥିଲି । ସେ ସମୟରେ ସବୁ ଠିକ୍ ଠାକ୍ ଚାଲୁଥିଲା । କିନ୍ତୁ ହଠାତ ସେ ବସ ଗୋଟେ ଜାଗାରେ କିଛି ସମୟ ପାଇଁ ରହିଲା ଯେଉଁଠୁ ଗୋଟେ ଲୋକ ଓ ତାଙ୍କ ସହିତ ଜଣେ ଝିଅ ବସରେ ଚଢ଼ିଲେ ଓ ମୋର ପଛ ସିଟରେ ଆସି ବସିଲେ ଯାହାକି ଆଗରୁ ଖାଲିଥିଲା । ଏମିତିରେ ବି ରାତି ବହୁତ ହେବା କାରଣରୁ ଏବେ ମୋତେ ନିଦ ଆସୁଥିଲା । କିନ୍ତୁ ସେ ଦୁଇଜଣ ବରାବର ନିଜ ଭିତରେ କଥା ହେଉଥିଲେ ଯାହା କାରଣରୁ ମୁଁ ଶୋଇ ପାରୁନଥିଲି ଏବଂ ତା ସହ ସେମାନଙ୍କ ଭାଷା ମଧ୍ୟ ସମ୍ପୂର୍ଣ୍ଣ ଅଲଗା ଥିଲା ତେଣୁ ସେମାନେ ଦୁଇଜଣ କଣ କଥା ହେଉଥିଲେ ତାହା ଜଣା ପଡୁନଥିଲା । ଏଇ ଭିତରେ କଣ୍ଡକ୍ଟର ତାଙ୍କ ପାଖକୁ ଆସିଲା ଓ ତାଙ୍କୁ ପଚାରିଲା କୁଆଡ଼େ ଯିବାର ଅଛି ? ଟିକେଟ ପାଇଁ ପଇସା ଦିଅନ୍ତୁ । ଏହା ଶୁଣି ସେମାନଙ୍କର କୁଆଡ଼େ ଯିବାର ଅଛି କହିବା ବଦଳରେ ସେମାନେ ସେଇ କଣ୍ଡକ୍ଟର ମୁହଁକୁ ବଲବଲ ହୋଇ ଚାହିଁବାକୁ ଲାଗିଲେ ।

କଣ୍ଡକ୍ଟର ଟିକେ ରାଗିଯାଇ ପୁଣି ଆଉଥରେ ପଚାରିଲା । କିନ୍ତୁ ଏଥର ମଧ୍ୟ ସେ ଦୁଇଜଣ କିଛି କହିଲେ ନାହିଁ ତେଣୁ ବସ କଣ୍ଡକ୍ଟର ରାଗିଗଲା ଆଉ କହିଲା ଯଦି କୁଆଡ଼େ ଯିବାର ନାହିଁ ତେବେ ବସରେ କଣ ପାଇଁ ଚଢ଼ିଲ ? ଏହା ପରେ ବସ କଣ୍ଡକ୍ଟର ଜଣକ ବସ ଚାଳକକୁ ଗାଡ଼ି ରଖିବା ପାଇଁ କହିଲା ଓ ବସ ରହିବା ମାତ୍ରକେ ସେମାନଙ୍କୁ ବସରୁ ଓହ୍ଲେଇବାକୁ କହିଲା । କିନ୍ତୁ ସେ ଦୁଇଜଣ ବସରୁ ଓହ୍ଲାଇବା ପାଇଁ ଚାହୁଁନଥିଲେ । ଯାହା ଦ୍ୱାରା ବସର କଣ୍ଡକ୍ଟର ସେମାନଙ୍କୁ ଜବରଦସ୍ତ ବସରୁ ଓହ୍ଲାଇବାକୁ ଚାହିଁଲା । ଯେତେବେଳେ ବସର କଣ୍ଡକ୍ଟର ସେମାନଙ୍କୁ ଜବରଦସ୍ତି ଓହ୍ଲାଇବାକୁ ଗଲା ସେ ଝିଅଟି ନିଜ ଭାଷାରେ କିଛି ଗୋଟେ କହିଲା କିନ୍ତୁ କଣ କହିଲା ବୁଝିହେଲା ନାହିଁ । ପରନ୍ତୁ ସେମାନଙ୍କୁ ଦେଖି ଭଲଭାବରେ ଜଣା ପଡ଼ି ଯାଉଥିଲା ଯେ ସେମାନେ ବହୁତ ଡରି ଯାଇଥିଲେ ଓ ବସରୁ ମଧ୍ୟ ଓହ୍ଲାଇବାକୁ ଚାହୁଁ ନଥିଲେ ।

ରାତି ସମୟ ଥିଲା ଓ ଜାଗା ବି ଶୁନଶାନ ଥିଲା ଏମିତିରେ ବିଚରା ଦୁଇଜଣ କୁଆଡ଼େ ଅବା ଯିବେ ? ଏହା ଭାବିକି ମୁଁ ବସକୁ ଅଟକାଇଦେଲି ଓ କହିଲି – ଭାଇ ଏମାନଙ୍କୁ ଛାଡ଼ିଦିଅ । କଣ୍ଡକ୍ଟର ଏମାନଙ୍କ ଭଡ଼ା ମୁଁ ଦେଇଦେବି । ଏମାନେ ତମ ବସରୁ ଯେଉଁଠି ଓହ୍ଲାଇବେ ମୋତେ କହିଦେବ ସେମାନଙ୍କ କେତେ ଭଡ଼ା ହେଇଛି ମୁଁ ଦେଇଦେବି । ଆପଣ ଏମାନଙ୍କୁ ଏମିତି ମଝି ରାସ୍ତାରେ ବାହାର କରନ୍ତୁ ନାହିଁ । ବସ କଣ୍ଡକ୍ଟର ବୋଧେ ପଇସା ଲୋଭୀ ଥିଲା ସେଥିପାଇଁ ସେ ମୋ କଥାରେ ରାଜି ହୋଇଗଲା । ଆଉ ସେ ଦୁଇଜଣ ପୁନଶ୍ଚ ଆସି ମୋ ପଛସିଟରେ ବସିଲେ । ମୁଁ ପଛକୁ ବୁଲି ଦେଖିଲା ବେଳକୁ ସେ ଝିଅଟି କାନ୍ଦୁଥିଲା । ମୁଁ ସେମାନଙ୍କୁ ସଙ୍କେତରେ ବୁଝେଇବାକୁ ଚେଷ୍ଟା କଲି ଯେ ବର୍ତ୍ତମାନ ସବୁ ଠିକ ଅଛି ବ୍ୟସ୍ତ ହବାର କିଛି କାରଣ ନାହିଁ । ପୁଣି ପନ୍ଦର ରୁ କୋଡ଼ିଏ ମିନିଟ ପରେ ବସଟି ଗୋଟେ ଜାଗାରେ ରହିଲା ଓ ପାଖାପାଖି ପାଞ୍ଚମିନିଟ ପରେ ପୁନଶ୍ଚ ଚାଲିଲା । ଏହି ଭିତରେ ମୁଁ ଶୋଇ ପଡ଼ିଥିଲି । ରାତି ଠିକ୍ ୨.୩୦ ରେ ବସ ଯାଇ ରାମଘାଟ ପାଖ ବସଷ୍ଟାଣ୍ଡରେ ରହିଲା ଯେଉଁଠି ମୋତେ ଓହ୍ଲାଇବାର ଥିଲା ।

ମୁଁ ଓହ୍ଲାଇବା ପାଇଁ ନିଜ ଜିନିଷ ପତ୍ର ଉଠେଇଲା ବେଳେ ମୋ ନଜର ପଛରେ ବସିଥିବା ସେ ଝିଅଟି ଉପରେ ପଡ଼ିଲା ସେ ସେତେବେଳେ ବି କାନ୍ଦୁଥିଲା । ତା ସହ ଯେଉଁ ଲୋକଟି ଥିଲା ସେ ବି ଏବେ ତା ସହ ନଥିଲା । ମୁଁ ସେ ଝିଅକୁ ପଚାରିଲି ତୁମ ସହ ଯିଏ ଥିଲେ ସେ କୁଆଡ଼େ ଗଲେ ? ସେ ଉତ୍ତରରେ କାନ୍ଦି କାନ୍ଦି କିଛି ଗୋଟେ କହିଲା । କିନ୍ତୁ ପୁନଶ୍ଚ କିଛି ବୁଝିପାରିଲିନି । ତେଣୁ ମୁଁ ବସରୁ ଓହ୍ଲେଇପଡ଼ିଲି ଓ ବସ ମଧ୍ୟ ସେଠୁ ଚାଲିଗଲା ।

ମୁଁ ଏବେବି ସେଠି ଠିଆ ହୋଇ ସେ ଝିଅଟି ବିଷୟରେ ଭାବି ଚାଲିଥିଲି କି ମୋତେ ସେ ଝିଅଟିର ସାହାଯ୍ୟ କରିବାର ଥିଲା । କେଜାଣି ବିଚାରିର କ'ଣ ହେବ ? ଠିକ ଏତିକି ବେଳେ ମୋତେ ଲାଗିଲା କି ମୋ ପଛରେ କିଏ ଜଣେ ଠିଆ ହୋଇଛି । ଯେତେବେଳେ ମୁଁ ପଛକୁ ବୁଲିକି ଦେଖିଲି ସେ ଝିଅଟି ମୋ ପଛରେ ଠିଆ ହୋଇଥିଲା । ମୁଁ ତାକୁ କିଛି କହିବା ଆଗରୁ ସେ ମୋତେ ଗୋଟେ କାଗଜ ଦେଇ କିଛି ଗୋଟେ କହିଲା । ସେତେବେଳେ ବି ମୋତେ କିଛି ବୁଝା ପଡୁନଥିଲା । କିନ୍ତୁ ମୁଁ ସେ କାଗଜକୁ ଦେଖିଲାବେଳକୁ ଜାଣିବାକୁ ପାଇଲି ଯେ ସେଇଟା ଗୋଟେ ମାନଚିତ୍ର । ଝିଅଟି ମାନଚିତ୍ରର ଗୋଟେ ଜାଗାକୁ ଦେଖାଇ କିଛି ଗୋଟେ କହୁଥିଲା, କିନ୍ତୁ କଣ କହିବାକୁ ଚାହୁଁଥିଲା ଝିଅଟି...(କ୍ରମଶଃ) ବନ୍ଧୁମାନେ ସେ ଝିଅଟି କିଏ ? ସେ କେଉଁଠିକି ଯିବାକୁ ଚାହୁଁଥିଲା ? କେଉଁ ଭାଷା କହୁଥିଲା ସେ ଓ କ'ଣ ଥିଲା ତା'ର ରହସ୍ୟ ?

କଟକ ।

# ସ୍ୱପ୍ନ

- ସୁଜାତା ସାହୁ

ଭାଦ୍ରବର ଭୋଦେଇ ଖରା । ଆକାଶ ପୂରା ନିର୍ମଳ । ଭାରି ଗରମ ଲାଗୁଥାଏ । ସୂର୍ଯ୍ୟ ଯେମିତି ପୁରୁଣା ତିନି ମାସର ସୁଝେଇବାକୁ ଭୁଲିନାହାନ୍ତି ପୁଣି ଚାଲିଆସିଛନ୍ତି । ମୋ ବୁଢ଼ୀ ମା' ତା ଟ୍ରଙ୍କରୁ ସବୁ ଶାଢ଼ୀ ଆଣି ଖରାରେ ଶୁଖାଉଥାଏ ଆଉ କହୁଥାଏ ମୋତେ ଟିକେ ଶୁଖେଇବାକୁ । ମୁଁ ମନେ ମନେ ରାଗୁଥାଏ, କହେ ବୁଢ଼ୀ ଦିନ ଦ୍ୱିପହର ଯାଏ ଠାକୁର ଘରେ ପଶିଥିଲୁ ଭଲ ହୋଇଥିଲା । ବାହାରିଲାମାନେ ଖାଲି କାମ ବଢେଇବ । ହଉ, କହ କ'ଣ ଶୁଖେଇବି ।

ବୁଢ଼ୀ ଅସୁରୁଣୀ ଜାଲରୁ ଯେମିତି ବାହାରିଲା ଗୋଟେ ସୁନ୍ଦର ଗୋଲାପୀ ଶାଢ଼ୀ । ମା ! ଏତେ ସୁନ୍ଦର ଶାଢ଼ୀ । ଲୋଭୀ ବୁଢ଼ୀ ବୋଧେ ମୋ ବୋଉ ଶାଢ଼ୀ ଲୁଚେଇକି ରଖିଦେଉଛି । ଏମିତି କେତେ କଥା ମୋ ମନକୁ ଆସୁଥାଏ । ହେଲେ ଇଏ କ'ଣ ଜେଜେ ମା' ମୁହଁ ଦୁଃଖରେ ବିଷର୍ଣ୍ଣ ଦେଖାଯାଉଥାଏ । ମୁଁ ବାରମ୍ବାର ପଚାରୁଥାଏ ମା' କହ ଏଇଟା କୋଉଠୁ ଆଣିଲୁ ? ତା' ପରେ ମା' କହେ ଏଇଟା ମୋ ବାହାଘର ପାଟ । ଜେଜେ ତ ଆଉ ନାହାନ୍ତି । ତୁ ଏଇ ପାଟ କ'ଣ ପାଇଁ ସାଇତି ରଖିଛୁ । ମତେ ଦେଇଦେ ମୁଁ ମିନି ସ୍କଟ୍ ଆଉ ଟପ୍ ବନେଇଦେବି ।

ବୁଢ଼ୀ ରାଗରେ ଫଁ ଫଁ ହଉଥାଏ । ଆଉ କହୁଥାଏ ଏଇଟା ମୋ ବାହାପାଟ । ମୋ ବାପା ମୋତେ ଦେଇଥିଲେ । ହଳଲଙ୍ଗଳ ଆଉ କାଦୁଅ ଥିଲା ତାଙ୍କ ମା' । କେତେ କଷ୍ଟରେ ଖରା ବର୍ଷା ଆଉ ମାଘର ଶୀତକୁ ସହି ମାଟି ମା' କୋଳରୁ ତୋଳି ଆଣି ଦଉଥିଲେ ଧାନ, ମୁଗ, ବିରି ଏମିତି କେତେ ଶସ୍ୟ । ଦି ଅଣା ପଇସା ଯୋଡ଼ି କିଣିଦେଇଥିଲେ ଏଇ ପାଟ ଶାଢ଼ୀ ।

କେବଳ ମୋ ବାପା ନୁହଁ, ସେଦିନ ଏଇ ପାଟ ତିଆରି କରିବା ପାଇଁ ଆଉ ଜଣେ ରାତି ଅନିଦ୍ରା ହୋଇ ହାତରେ ସୁତା ବୁଣି ସେଥିରେ ଦେଇଥିଲା ଗୋଲାପି ରଙ୍ଗ । ବାପାର ଆନନ୍ଦ ଯେପରି ଏଇ ଶାଢ଼ୀ ପିନ୍ଧେଇ ଦେଇ ଝିଅକୁ ଭଣ୍ଡାଇବା ପାଇଁ । ନୁହେଁ କି ! ପିଲାବେଳେ କଣ୍ଢେଇ ଦେଇ ବୁଝେଇ ଦେଉଥିବା ବାପା ଏଇ ସୁନ୍ଦର ମନମୋହିନୀ ଯାଦୁକାରୀ ପାଟ ଦେଇ ମୋତେ ଭୁଲେଇ ଦଉନାହାନ୍ତି ତ । ମୁଁ କୁଆଡ଼େ ଏଇଟା ପିନ୍ଧିଲେ ରାଣୀ ପରି ଦେଖାଯିବି । ହେଲେ ସିଏ ସେଦିନ ଜାଣିଥିଲେ ଖାଲି ପାଟ ପିନ୍ଧିଲେ ତାଙ୍କ ଝିଅ କ'ଣ ରାଣୀ ହେଇଯିବ ! ରାଣୀ ହେବା କୋଉ ପୂର୍ବଜନ୍ମର ପୁଣ୍ୟଫଳ କିମ୍ବା କୋଉ ଖଡ଼ୀ ପକେଇଥିବା ଜ୍ୟୋତିଷର ଗଣନା । ପୁଣି ପାଟ ପିନ୍ଧିଥିବା ରାଣୀର ବାହାଘର । ସେଦିନ ଶାଶୁଘରକୁ ଆସିଲାବେଳକୁ ମୋ ଆଖିର ଲୁହ ଯେମିତି ଏଇ ପାଟ ସବୁ ପିଇଯାଇଛି ।

ଅଜଣା ଅତିଥି ହୋଇ ନୂଆ କୁଣିଆରୁ ସବୁଦିନିଆ ଆଉ ସାତଜନ୍ମ ପାଇଁ ଆଉ କାହାର ହବାର ମୂକସାକ୍ଷୀ ସେ । ବୋହୂ ବେଶର ପ୍ରଥମ ପାହାଚର ପ୍ରଥମ ପାଦ ବି ଏଇ ପାଟଶାଢ଼ୀ । କୁଆଁରୀ ଦେହର ପ୍ରଥମ ସ୍ପର୍ଶର ଇଏ ଯେମିତି ଏକ ଉଦାହରଣ । ସେଦିନର ସେଇ ରାତି । ସେତିକିବେଳେ ବୋଉ ଡାକିଲା, କୁନି ପାଣି ଟିକେ ଦେଇଗଲୁ । ମୋ ବୁଢ଼ୀମା ଯାଉନୁ ବୋଲି ଡାକିଲାଣି । କାମ ସରୁ ସରୁ ଘଂଟାରେ ୪ଟା । କ'ଣ ଆକାଶରେ କଳାହାଣ୍ଡିଆ ମେଘ । ସକାଳେ ଏତେ ଜୋରରେ ଖରା ଆଉ ଏବେ । ଚାହୁଁ ଚାହୁଁ ଘଡ଼ଘଡ଼ି ସହ ବର୍ଷା । ଏମିତି ବର୍ଷା ଯେ କିଛି ଦେଖାଯାଉନଥାଏ । ଡିବି ଯେତେ ଲଗେଇଲେ ବି ଲିଭିଯାଉଥାଏ । ବୋଉ ଲଣ୍ଠନ ଲଗେଇ ଆଣିଲା । ଥଣ୍ଡା ପାଗ ଯୋଗୁଁ ମୋତେ ନିଦ ଲାଗୁଥାଏ । ସେଥିରେ ମୁଁ ସ୍ୱପ୍ନ ଦେଖୁଥାଏ ସେଇ ପାଟଶାଢ଼ୀ । ମୋର ବି ଏମିତି ହେବ ପାଟଶାଢ଼ୀ, କେବଳ ମୁଁ ନୁହେଁ କୁଆଁରୀ ବୟସରେ ସବୁ ଝିଅମାନଙ୍କ ମନରେ ଏଇ ସ୍ୱପ୍ନ । ସ୍ୱପ୍ନରାଇଜର ରାଜକୁମାର ପକ୍ଷୀରାଜ ଚଢ଼ି ଆସୁ କି ନ ଆସୁ ନିଜକୁ ତ ରାଣୀ ଭଳି ଦେଖାଯିବ ନା । ଦୁନିଆର ସବୁଠୁ ସୁନ୍ଦର ଆଶ୍ଚର୍ଯ୍ୟମାନଙ୍କ ଭିତରେ ନିଜର ଜାଗା ଅଧିକାର କରିବାର ସଂଘର୍ଷ ।

ମୁଁ ସ୍ୱପ୍ନରେ ଦେଖୁଥାଏ ମୁଁ ମୋ ସାଙ୍ଗମାନଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥାଏ । କିଏ ଜଣେ ଗୋରା ଟୋକାଟା ଆସୁଛି । ମୁଁ ପଚାରିଲି 'ଆମ ଗାଁ'ର ହନୁମାଙ୍କଡ଼ ଭଳି ଟୋକାଗୁଡ଼ାକ ଭିତରେ ଏକ ଛଅ ଫୁଟିଆଟା କିଏ ? ଟିକିଲି କହିଲା 'ତୁ ଜାଣିନୁ', ସେ ଆମ ସାଙ୍ଗ ରଘୁଆର ମାମୁଁପୁଅ । ସେ କୁଆଡ଼େ କଲିକତାରେ ପଢୁଛି । ଆସିଥିଲା ପିଉସୀଘରକୁ ଖୁଦୁରୁକୁଣୀ ଭାର ନେଇ । ଆରେ ରଘୁଆ ବୋଉ ପରି ବୁଢ଼ୀ ହେଲାଣି ତଥାପି ଭାର ଖାଉଛି । ଗାଧୋଇ ସାରି ନଈତୁଠରୁ ଆସିଲାବେଳେ ସେ ମୋତେ ଘୁରି ଘୁରି ଚାହୁଁଥାଏ । ଟିକିଲି କହୁଥାଏ ତତେ ସେ ପସନ୍ଦ କରୁଛି । ରାଜି ହେଇଯା । କଲିକତା ନେଇଯିବ । ମୁଁ ରାଗରେ ଚିଡୁଥାଏ । ଖୁଦୁରୁକୁଣୀ ଚାନ୍ଦା ପାଇଁ ଆମେ ରଘୁଆ ଘରକୁ ଯାଇଥିଲୁ । ଟିକିଲି

ଜୋରରେ "ରଘୁଆ ଘର ବଡ଼ ବୋଉ କୁଆଡ଼େ ଗଲୁ" ଚିଲାଉଥାଏ । ମୁଁ ପାଟି ନ କରି ତାଙ୍କ ଘରକୁ ପଶିଗଲି । ଦେଖେ ତ ସେ ଟୋକା ବସିଛି । ସେ କହିଲା ପିଉସୀ ନାହିଁ । କ'ଣ କାମ ଥିଲା କୁହ । ତାକୁ ଦେଖି ମୋ ଆଖି ଯେମିତି ଲାଜରେ ବନ୍ଦ ହେଇଗଲା । କିଛି ନ କହି ମୁଁ ମୁହଁ ବୁଲେଇ ଆସିଲାବେଳକୁ ପଛରୁ ସେ ମୋ ହାତ ଧରିଦେଲା ।

ଆରେ । ମୋ ହାତ ଛାଡ଼ ।

-ନା । ତୁମ ସାଙ୍ଗରେ ଟିକେ କଥା ଥିଲା ।

ଇଛା ଥାଇ ମଧ୍ୟ ମୁଁ କହିଲି, ମୋର ବହୁତ କାମ, ମୁଁ ଯାଉଛି ।

-ସେ କହିଲା, ଦୁଇ ମିନିଟ ଶୁଣ ।

କୁହ, କ'ଣ କହିବ ?

-ନା, ସେମିତି କିଛି ନାହିଁ ଯେ !

"ତୁମେ ବହୁତ ସୁନ୍ଦର"

ମୁଁ ହଠାତ ନିସ୍ତବ୍ଧ ହେଇଗଲି ।

ଏତିକିବେଳେ ରଘୁଆ ଆସିଲା । ଆରେ କୁନି ତୁ କ'ଣ ଆମ ଘରେ !

ମୁଁ ଆସିଥିଲି ଖୁଦୁରୁକୁଣୀ ଚାନ୍ଦା ପାଇଁ । ହଉ ନେ ଦେଇଦଉଛି "ସେ କହିଲା" ।

ସେଦିନ ସେଠୁ ଏକା ନିଶ୍ୱାସରେ କେମିତି ଆସିଛି ମୁଁ ଜାଣେ । ତା ପରେ ରାତିରେ ମା ମଙ୍ଗଳାଙ୍କ ପୂଜା । ପୂଜା ଚାଲିଥାଏ । ଟିକିଲି କହୁଥାଏ କେହି ସଜ ହୁଅ ବୋଇତ ବନ୍ଦିକା ପଳେଇ ଆସିଲାଣି । ମୁଁ ହେଇଥାଏ ତଅପୋଇ । ମୋ ମୁଣ୍ଡରେ ଚନ୍ଦନଟିପା ସହ ପାଦରେ ପାଉଁଜି । ତା ସାଙ୍ଗକୁ ଅଳତାର ନାଲିଗାର ସାହିର ଭାଉଜମାନେ ଆଉ ବୁଢ଼ୀମା କେତେଜଣ ଚିଡ଼ାଉଥାନ୍ତି କିଏ ନବ କେଜାଣି ଏଇ ତଅପୋଇକୁ । ମୁଁ ଯାଇକି ଗୋଟେ ଚେୟାର ଉପରେ ବସିଥାଏ । କିନ୍ତୁ ମୋ ଆଖି ସେ ରଘୁଆ ମାମୁଁ ପୁଅକୁ ଖୋଜୁଥାଏ । ଯେତେବେଳେ ତଅପୋଇ ସବୁ ଭାଉଜମାନଙ୍କର ନାକ କାଟି ସାନ ଭାଉଜ କୋଳକୁ ଆସିଲା । ଦେଖିବ ! ଟୋକାଙ୍କର କି ତାଳି । ଏଇ ହନୁମାଙ୍କଡ଼ ଗୁଡ଼ାକ କ'ଣ ପାଇଁ ତାଳି ମାରୁଛନ୍ତି କେଜାଣି । ମୁଁ ଯେତେବେଳେ ବୁଲିପଡ଼େ ଦେଖେ ସେ ଠିଆ ହେଇଛି । ଆଖିରେ ଇସାରା ଦଉଛି । ମୁଁ ଦି ଦିନ ହେଲା ନଈକି ଗାଧେଇ ଯାଇନି । ଟିକିଲି କହୁଥିଲା ସେ ମୋତେ ଖୋଜୁଛି । ତା ପରଦିନ ମୁଁ ଏକୁଟିଆ ଦ୍ୱିପହରେ ନଈକୂଳ ବୁଲିବାକୁ ଯାଇଥିଲି । ଦେଖିଲି ସେ ବି ଆସିଛି । ମତେ ପଚାରିଲା-ତୁମେ କ'ଣ ପାଇଁ ଆଉ ନଈକୁ ଆସୁନ । ମୁଁ ଜାଣିଶୁଣି କହୁଥାଏ ବୋଉ ମନା କରୁଛି ଏଇ ଟୋକାଗୁଡ଼ାକ ଅନାଉଛନ୍ତି ବୋଲି ।

ତୁମେ ବହୁତ ସୁନ୍ଦର । ସେଥିପାଇଁ ଟୋକା ଅନଉଛନ୍ତି । ହେଲେ ରଘୁଆ କହୁଥିଲା ତୁମେ ଭଲ ପାଠ ପଢୁଥିଲ । ବିଏ ଯାଏଁ ପଢ଼ିଲ ଆଉ ପଢ଼ିଲନି କାହିଁକି ।

କାହିଁକି ନା  ବାପା କହିଲେ ଅଧିକ ପଢ଼ିଲେ ଝିଅକୁ ଅଧିକ ଯୌତୁକ ଦେବାକୁ ପଡ଼ିବ । ବାପା ପଢ଼ିଲେ ଚିଡ଼ନ୍ତି । ଛାଡ଼ ମୋ କଥା । ତୁମେ କ'ଣ ପଢୁଛ କି ?

ମୁଁ ଏବେ ଯାଦବପୁର ୟୁନିଭରସିଟି ରେ ଏମ୍‌ଫିଲ କରୁଛି । ଗୋଟେ କଥା କହିବି କିଛି ଖରାପ ଭାବିବନି । ମୁଁ ଯେବେଠୁ ତୁମକୁ ଦେଖିଛି ସେବେଠୁ ଭଲ ପାଇଛି । ପ୍ଲିଜ ରାଗନି । ତୁମେ କଣ ମୋତେ ପସନ୍ଦ କରନି ?

-ନାଁ ତ । ମୁଁ ଯାଉଛି ବୋଉ ରାଗିବ ।

-ତା' ହେଲେ ମୋ ଉତ୍ତର ?

-କହିଲି ପା ନା ।

ଯେମିତି ଲାଗୁଥାଏ ବିନା ବିଜୁଳି ଘଡ଼ଘଡ଼ିରେ ବର୍ଷା ହୋଇଯିବ । ଆଜିକାଲି ମୁଁ ଅନ୍ୟମନସ୍କ ରହୁଛି । ସବୁବେଳେ ତା କଥା ମନେ ପଡୁଛି । ସତରେ କଣ ମୁଁ ବି ତାକୁ ଭଲ ପାଉଛି । ଆଜିକାଲି ରଘୁଆ ଘରକୁ ମୁଁ ବେଶି ବେଶି ଯାଉଛି । ରଘୁଆ ବି ଜାଣି ଗଲାଣି କାହିଁ ନା ରଘୁଆକୁ ଦେଖେଇ ସେ ମତେ ଚିଡ଼ଉଛି ।

ଏତିକି ବେଳେ ବୋଉ ଡାକେ 'କୁନି, ଆଜି ଉଠବୁନି କି ।  ସାତଟା ବାଜିଲାଣି । ଚାଇଁକିନା ମୋ ନିଦ ଭାଙ୍ଗିଯାଏ । ଆରେ ଏ କ'ଣ ! ଏଇଟା ସ୍ୱପ୍ନ ଥିଲା । କିଛିଦିନ ପରେ ରଘୁଆ ବୋଉ ଆମ ଘରକୁ ଆସେ । ବୋଉକୁ କହୁଛି ତୋ କୁନିକୁ ମୋ ପୁତୁରା ପସନ୍ଦ କରିଛି । ଆମର ତ ରାଜି । ତମର ରାଜି ହେଲେ ଏଇ ମଗୁଶୁରରେ କରିଦେବା ।

ତା'ପରେ ମୋ ବାହାଘର । ଯୋଉ ବର୍ଷାରାତିରେ ସେଦିନ ପାଟଶାଢ଼ୀ ସ୍ୱପ୍ନରେ ଦେଖିଥିଲି ତା'ଠୁ ବି ସୁନ୍ଦର ଶାଢ଼ୀ ମୋ ବାପା ଆଣିଦେଉଛନ୍ତି । ସେଇ ପାଟଶାଢ଼ୀ ପିନ୍ଧି ମୁଁ ଶାଶୁଘରକୁ ଗଲି । ବୁଢ଼ୀ ମା' କଥା ମନେ ଥାଏ । ସେଦିନ ତାଙ୍କ ପ୍ରଥମ ସ୍ପର୍ଶ ଯେମିତି ବରଫ ନୁହେଁ ଲୁହା ବି ଅଗ୍ନି ସାମ୍ନାରେ ତରଳିଯାଏ ତା'ର ମୌଳିକ ଉଦାରଣ ମୁଁ ।

**ଛିମା, ଖୋର୍ଦ୍ଧା**

# ଅନ୍ତର୍ଦାହ

– ଗାଳ୍ପିକ କେଶବ ଚନ୍ଦ୍ର ନାୟକ

ମଙ୍ଗୁଳିକୁ ବାର କି ତେର ବୟସ । ତା ମା ଶୁକ୍ରୀ ସହିତ ବାବୁମାନଙ୍କ ବସାକୁ ଯାଇ ଘର ଦାଣ୍ଡ ଓଳାଏ । ଘର ପାଣି କନାରେ ପୋଛେ ବାସନ ମାଜେ, ଲୁଗାପଟା କାଚେ, ବାବୁ ବାବୁଆଣୀଙ୍କ ପାଇଁ ନଳକୂଅରୁ ପାଣି ଆଣି ଦିଏ ଗାଧୋଇବା ପାଇଁ । ବାବୁଆଣି କେବେ କେବେ ବାସି ରୁଟି ତରକାରୀ ପଖାଳ ଭାତ ରାତ୍ର ବେଳା ବଳକା ଥିଲେ ଶୁକ୍ରୀକୁ ଦେଲେ ସେ ଆଣେ । ମଙ୍ଗୁଳୀ ଓ ଶୁକ୍ରୀ ମା ଝିଅ ମିଶି ଖାଆନ୍ତି । ମଙ୍ଗୁଳୀର ବାପା କିଏ ସେ ଜାଣିନି । କେବଳ ତା ମା ଶୁକ୍ରୀ ହିଁ ଜାଣେ । ଶୁକ୍ରୀ ମାଲକାନଗିରି ପୌରାଞ୍ଚଳର ଏକ ଅନାବାଦୀ ଜାଗାରେ କୁଡ଼ିଆ ଖଣ୍ଡିଏ କରି ରହେ । ଭଙ୍ଗା କୁଡ଼ିଆଟି ମାଟି ଝାଟିରେ ଗଢ଼ା । ଏବେ ଚାଳ ଛପର କରିବାକୁ ହାତରେ ପାଉଲାଟିଏ ନାହିଁ ।ଟାଟି ବାଡ଼ରୁ ମାଟି ଖସି ଆଁ ହୋଇପଡ଼ିଛି । ଟିଣ କବାଟରୁ ଅଧେ କଳଙ୍କି ଲାଗି ଝଡ଼ି ଗଲାଣି । ବର୍ଷ ଦିନେ କୁଡ଼ିଆରେ ବର୍ଷା । ଶୁକ୍ରୀର କିଏ ଅଛି ଯେ ବିପଦ ଆପଦରେ ସାହା ହେବ ? ଶୁକ୍ରୀର ଦେହରେ ଯେତେ ବେଳେ ଯୌବନ ଥିଲା ସେ ଜଣେ ସ୍ୱାଇଁବାବୁ ଜେଇ ଘରେ କାମ କରୁଥିଲା । ସ୍ୱାଇଁବାବୁ ଭାରି ସୁନ୍ଦର ଯୁବକ । ଗଞ୍ଜାମରୁ ନୂଆକରି ମାଲକାନଗିରି ଜିଲ୍ଲାକୁ ଚାକିରୀ କରିବାକୁ ଆସିଥିଲେ । ହୋଟେଲରେ ଖାଇ ଖାଇ ପେଟ ଖରାପ ହେବାରୁ ରାନ୍ଧୁଣିଆଟିଏ ଲୋଡ଼ା ପଡ଼ିଲା । ବହୁ ଖୋଜା ଖୋଜି ପରେ ଶୁକ୍ରୀ ସହ ପରିଚୟ ହେଲା । ଷୋହଳ ବୟସର ଝିଅ ଶୁକ୍ରୀ ସବୁ କାମରେ ଧୁରନ୍ଧର । ସ୍ୱାଇଁ ଜେଇ ଘରେ କାମଧାମ କଲା । ଶୁକ୍ରୀକୁ ସ୍ୱାଇଁବାବୁ ଇତିମଧ୍ୟରେ ଆନ୍ତରିକ ଭଲ ପାଇବସନ୍ତି । ତା ପାଇଁ ନୂଆ ନୂଆ ଶାଢ଼ୀ ବ୍ଲାଉଜ ସବୁ କିଣି ଦିଅନ୍ତି । ଦିଓଲି ଦିବକତ ଖାଇବା ସବୁ ମାଗଣା ।

କନିଷ୍ଠ ଯନ୍ତ୍ରୀ ହେଲେ ରମେଶଚନ୍ଦ୍ର ସ୍ୱାଇଁ । ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂଜିନିୟର ଚାକିରୀ କଲେ ଉପୁରୀ ପାଞ୍ଚ ପ୍ରତିଶତ ଟଙ୍କା ଥୁଆ । ସବୁ ବେଳେ ମାଛ ମାଉଁସର ଅଭାବ ନାହିଁ । ଶୁକ୍ରୀ ଦି ଓଲି ଦି ବକତ ଖାଏ ଆନନ୍ଦ ମନରେ । ଶୁକ୍ରୀର ଦେହ ପା ଖରାପ ହେଲେ କି ଟଙ୍କା ପଇସା ଦରକାର ହେଲେ ସ୍ୱାଇଁବାବୁ ଝଟକରି ଶହେ ଜାଗାରେ ଦୁଇଶହ ହାତକୁ ବଢ଼ାଇ ଦିଅନ୍ତି । ତେଣୁ ଶୁକ୍ରୀ ମଧ୍ୟ ସ୍ୱାଇଁବାବୁଙ୍କୁ ଆନ୍ତରିକ ଭଲପାଏ । ସ୍ୱାଇଁବାବୁ କାମରୁ ଟିକେ ଆସିବା ବିଳମ୍ବ ହେଲେ ଶୁକ୍ରୀ କବାଟ ଖୋଲି ଦୁଆର ମୁହଁରେ ଜଗି ବସିଥାଏ । ରାତିରେ ସ୍ୱାଇଁବାବୁ ଡେରିରେ ଫେରିଲେ ଶୁକ୍ରୀ ମନେ ମନେ ବିରକ୍ତି ହୋଇ କୁହେ ତୁମେ ଏତେ ଉଚ୍ଛୁର କାହିଁକି କରୁଛ, ଏଇଟା ଭଲ ଜାଗା ନାଇଁ ନକସଲ ଏରିଆ । କାଳେ କଣ ହେବ ? ସ୍ୱାଇଁବାବୁ ମୁରୁମୁରୁ ହସନ୍ତି । କହନ୍ତି କିଛି ହେବ ନାହିଁ ସାଇଟ କାମ ନଦେଖିଲେ ହେବ କି ? ଠିକାଦାରମାନେ କାମକୁ ଏପଟେ ସେପଟେ କରି ଦେବେ । ଶୁକ୍ରୀ ବାବୁଙ୍କୁ ଖୁଆଇ ପିଆଇ ନିଜେ ଖାପିଅ କରି ଘରକୁ ରାତିରେ ଫେରେ । ଭଡ଼ା ଘରେ ରହେ । ମାସକୁ ଶହେ ଟଙ୍କା ଦେଇ ।

ବାପା ମଦନା ବୁଢ଼ା ହୋଇଗଲାଣି ବୋଲି ବିଚ୍ଛିନ୍ନାଞ୍ଚଳରୁ ତାକୁ ନେଇ ଆସିଛି । ତା ଦେହ ସବୁବେଳେ ଖରାପ । ଧଇଁସଇଁ କାଶ । ଓଷ କହିଲେ ଦିଗିଲାସ ମହୁଲି ମଦ । ବାସ୍ ଖାଦିପିଦି କିଛି ନାହିଁ । କେବେ କେବେ ସ୍ୱାଇଁବାବୁ ଘରୁ ଆଇଁସ ଆଣି ଟିକେ ମଦନା ଭାତ ଗୁଣ୍ଡେ କି ଦିଗୁଣ୍ଡା କଷ୍ଟରେ ପାଟିକୁ ନିଏ । ବାପା ଝିଅର ସଂସାର । ଏମିତି ଦାରିଦ୍ରର କଷାଘାତରେ ଦୁଃଖରେ ସଂସାର ଚାଲେ । ମଦନାକୁ ଦିନେ ଭୀଷଣ ଜ୍ୱର କାଶ ହେଲା । ଡାକ୍ତର କହିଲା ମଦନାକୁ ମେଲେରିଆ ହୋଇଛି । ସରକାରୀ ଡାକ୍ତର ଖାନାରେ ମଦନା ସାତ ଦିନ ପଡ଼ିଲା । ପତଳା ମଣିଷ ଦେହରେ ରକତ ନାଇଁ । ପବନକୁ ଯା ଆସ କରୁଛି । ଦେହ ସାରା ଅସ୍ଥି କଙ୍କାଳ ବାରି ହୋଇପଡୁଛି । ଶୁକ୍ରୀ ସ୍ୱାଇଁବାବୁଙ୍କୁ ହାରି ଗୁହାରୀ ଜଣାଇଲା । ବାପା ତାର ବଡ଼ମେଡ଼ିକାଲରେ ପଡ଼ିଛି । ଡାକତରକୁ ନ ଦେଖାଇଲେ ସେ ଆଉ ଜୀଇଁବ ନାହିଁ । ସ୍ୱାଇଁବାବୁ ଯଥା ସମ୍ଭବ ଔଷଧ ଇଞ୍ଜେକ୍ସନ ପାଇଁ ଟଙ୍କା ଦେଲେ । ଶୁକ୍ରୀ ତୁରନ୍ତ ତା ବାପାକୁ ଡାକ୍ତରଖାନାରେ ଭର୍ତ୍ତି କରିଦେଲା । ସ୍ୱାଇଁବାବୁ ଆପଣାଲୋକ ଭାବି ଡାକ୍ତରଖାନାକୁ ଯାଇ ମଦନାର ଭଲମନ୍ଦ ବୁଝି ଆସିନ୍ତି । ଶୁକ୍ରୀକୁ ଆଶ୍ୱାସନା ଦେଇ କହନ୍ତି ତୋ ବାପାର କିଛି ହେଇନି ତୁ କାନ୍ଦ ନା । ମୁଁ ଅଛି ଯାହା ଖର୍ଚ୍ଚ ହେବ ମୁଁ ଦେବି ।

ସ୍ୱାଇଁବାବୁଙ୍କ ଅତି ଆପଣାର କଥାରେ ଶୁକ୍ରୀର ଦେହରେ ଦମ୍ଭ ଫେରେ । ସେ ବାପାଙ୍କ ସେବା ଯତ୍ନ କରେ । ରାତିରେ ଡାକ୍ତରଖାନାରେ ଦିନ ରାତି ଜଗି ରହେ । କିନ୍ତୁ ମଦନାର ଆଉ ଆୟୁଷ ନାହିଁ । ବୟସ ପାଖାପାଖି ୭୦ ହେବ । ରାତିରେ ବାପାଙ୍କ ରୋଗଶଯ୍ୟାରେ ଶୁକ୍ରୀ ମୁଣ୍ଡ ଦେଇ ଢ଼ୋଳେଇ ପଡ଼ିଛି । ରାତି ଅନିଦ୍ରା ଯୋଗୁଁ ଆଖି ପତା କେତେବେଳେ କେମିତି ଲାଗି ପଡୁଛି ଯେତେବେଳେ ଶୁକ୍ରୀ ଆଖି ଖୋଲିଛି ଦେଖିଲା ମଦନାର ନାସିକା

ଚାଲୁନି । ସେ ଆଉ ନାହିଁ । ସବୁଦିନ ପାଇଁ ମଦନା ଝିଅ ଶୁକ୍ରୀକୁ ପର କରି ଦେଇ ଆର ପାରିକୁ ଚାଲିଯାଇଛି । ସାଇଭାଇଙ୍କୁ ଡାକି ଶୁକ୍ରୀ ବାପାର ସୁଦ୍ଧି ହେଲା । ସବୁ ଖରଚ କଲେ ସ୍ୱାଇଁବାବୁ । କେଉଁ ଜନମର ସେ ନିଜର ଲୋକଥିଲେ ପରା ଏ ଜନମରେ ଶୁକ୍ରୀର ରଣ ଶୁଝୁଛନ୍ତି । ସ୍ୱାଇଁବାବୁ ମଦନାର ବିୟୋଗରେ ବଡ଼ ଦୁଃଖପ୍ରକାଶ କଲେ । ଶୁକ୍ରୀକୁ କହିଲେ ଏ ସଂସାରେ ତୋର କିଏ ନଥିଲେ ବି ମୁଁ ତୋର ନିଜର ଅଛି । ତୋ ହାନି ଲାଭ ମୁଁ ବୁଝିବି । ତୁ କାନ୍ଦନା ।

ମଦନା ଖରାବୁଡ଼ି ଅଞ୍ଚଳ ଛାଡ଼ି ଭେଣ୍ଡିଆ ବୟସରୁ ମାଲକାନାଗିରି ସହରକୁ ଚାଲିଆସିଛି । ବଙ୍ଗୀୟ ଶରଣାର୍ଥୀମାନଙ୍କୁ ସରକାର ଯେତେବେଳେ ମାଲକାନାଗିରି ଘଞ୍ଚ ଅରଣ୍ୟକୁ ସଫାକରି ସେମାନଙ୍କୁ ଥଇଥାନ କଲେ । ସେମାନଙ୍କୁ ମାଗଣାରେ ଘର ଦେଲେ ଚାଷ ଜମି ଦେଲେ । ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ଦେବାପାଇଁ ସ୍କୁଲ ନିର୍ମାଣ କଲେ ସ୍ୱାସ୍ଥ ସୁରକ୍ଷା ଲାଗି ବିଭିନ୍ନ ସ୍ଥାନରେ ଡାକ୍ତରଖାନା ବସାଇଲେ । ଗାଁ ଗାଁ କୁ ରାସ୍ତାଘାଟ ତିଆରି ହେଲା । ଶେଷର ଚାଷଜମିକୁ ପାଣି ଯୋଗାଇବା ପାଇଁ ଚିତ୍ରକୋଣ୍ଡା ମାଟି ବନ୍ଧ ଯୋଜନା ଆରମ୍ଭ କଲେ । ସେହି ଜଳଭଣ୍ଡାରରେ ହଜାର ହଜାର ହେକ୍ଟର ଜଙ୍ଗଲ ଚାଷଜମି ଜଳମଗ୍ନ ହେଲା । ସେହି ଅଞ୍ଚଳଟିସବୁ ଦିନ ପାଇଁ ବିଛିନ୍ନ ହୋଇ ଗଲା ବାହ୍ୟ ଜଗତରୁ । ସେଠା ଜୀବନ ଜୀବିକା ଦୁର୍ବିସହ । ଚିତ୍ରକୋଣ୍ଡାର ସେହି ଅଭିଶପ୍ତ ବିଛିନ୍ନାଞ୍ଚଳର ଦାୟଦ ମଦନା ଖରା । ଭିଟାମାଟି ଛାଡ଼ି ଜଳମଗ୍ନ ହେବାପରେ ସେ ସର୍ବହରା ହେଇପେଟ ଚାଖଣ୍ଡକ ପୋଷିବା ପାଇଁ ଫେରି ଆସିଥିଲା ମାଲାକାନାଗିରିକୁ । ଖଟି ଖାଇବା ତା ଜୀବନର ବ୍ରତ ହୋଇଗଲା । ସେ ଶରଣାର୍ଥୀଙ୍କ ପାଇଁ ଏ ହାତରେ ଟାଙ୍ଗିଆରେ ଜଙ୍ଗଲ କାଟିଛି ସେ ଏ ହାତରେ ସେମାନଙ୍କ ପାଇଁ ମାଟି କାନ୍ଥର ଘର ତୋଳିଛି । ଜୀବନସାରା କୁଲି କରି ଖଟି ଖଟି ମୁଣ୍ଡର ଝାଳ ତୁଣ୍ଡରେ ମାରିଛି । କିନ୍ତୁ ପାଇଛି କଣ ? ତା ଭିଟାମାଟି ଆଜି ଜଳମଗ୍ନ । ତା ଶସ୍ୟଶାମଳା ଚାଷଜମି ଆଜି ଜଳପ୍ଲବନ । ସେ ଏକ ସ୍ୱାଧୀନ ଦେଶର ପରାଧିନ ନାଗରିକ ଭାବେ ନିଜ ମାଟିରେ ଜଣେ ଅଜ୍ଞାତ ଦାଦନ । ତାର ଭିଟାମାଟି ଅଛି ନା ଚାଷ କରିବାକୁ ଖଣ୍ଡେ ଜମି । ସେ ଯୁବ ଅବସ୍ଥାରେ ଜଣେ ଧାଙ୍ଗିଡ଼ିକୁ ଭଲପାଇ ଉଦୁଲିଆ ଆସି ରହିଥିଲା ମାଲାକାନାଗିରିରେ । ତା ଗର୍ଭରୁ ଜାତ ଶୁକ୍ରୀ ମା ସୋମ୍ବାରୀ ତାକୁ ଜନ୍ମ ଦେଲାପରେ ରକ୍ତଶୂନ୍ୟ ହୋଇ ଆଖି ବୁଜିଲା । ମା ପରି ମଦନା କୁଲି ଦୁଖ ପଡ଼ି କେତେ ଝଡ଼ ଝଞ୍ଜାରେ ଆସିଛି କିନ୍ତୁ ଶୁକ୍ରୀକୁ ବଞ୍ଚାଇଛି । ଏବେ ବାପା ମଦନା ଆଖି ବୁଜିଲା ପରେ ସେ ଅନାଥ ।

ଶୁକ୍ରୀ ଦିନେ ନିଜର ଘର ଦ୍ୱାର ନାହିଁ ବୋଲି ସ୍ୱାଇଁବାବୁଙ୍କୁ କହିଲା । ସେ କେତେଦିନ ଆଉ ପର ଘରେ ଭଡ଼ାରେ ରହିବ । ସେ ବି ଗୋଟେ ସରକାରୀ ଜାଗାରେ କୁଡ଼ିଆ କରି ରହିବ । ପଇସା ପତ୍ର ହାତରେ ନଥିବାରୁ କୁଡ଼ିଆ ଖଣ୍ଡେ ତୋଳି ପାରୁନି । ସ୍ୱାଇଁବାବୁ ଶୁକ୍ରୀ ମନ କଥା ଜାଣିପାରି ପାଞ୍ଚହଜାର ଟଙ୍କା ଦେଇ କୁଡ଼ିଆ ଖଣ୍ଡକ ବନାଇ ଦେଲେ । ଶୁକ୍ରୀ ଏବେ ଖୁବ୍ ଆନନ୍ଦିତ । ବାସ୍ତବରେ ସ୍ୱାଇଁବାବୁ କେତେ ଭଲ ମଣିଷ । ଏମିତି ପରୋପକାରୀ ମଣିଷ ସେ କେବେ ଦେଖିନି । ତାର ବହୁ ଦିନର ସ୍ୱପ୍ନ ପୂରଣ ହେଲା । ସ୍ୱାଇଁବାବୁ ବେଳେବେଳେ ଶୁକ୍ରୀକୁ ଥଟ୍ଟା ମଜାରେ କହନ୍ତି ଶୁକ୍ରୀ ତୁ ବାହା ହେବୁ କେବେ ? ତୋର ବୟସ ହୋଇ ଗଲାଣି । ଶୁକ୍ରୀ ବି ମଜ୍ଜାରେ କହେ ତୁମେ ବାବୁ ତ ବୁଢ଼ା ହେଇଗଲଣି ତୁମେ ଧାଙ୍ଗିଡ଼ି ଆଣିବ କେବେ ? ଆମ ଆଦିବାସୀ କୁଳେ ତୁମ ବୟସର ଧଙ୍ଗଡାକୁ ଡୋକରା ଭାବି କିଏ ଟୋକି ଦେବନି.. । ସ୍ୱାଇଁବାବୁ ହସନ୍ତି । ମୁଁ ଡୋକରା ହୋଇଗଲି । ହଁ ତୁ ଆଗ ବାହା ହେଲେ ମୁଁ ପରେ ବାହାହେବି । ତୁ ଧାଙ୍ଗଡ଼ା ଖୋଜେ ମୁଁ ଭୋଜି ଭାତ ପାଇଁ ସବୁ ଖର୍ଚ୍ଚ କରିବି । ମଝିରେ ମଝିରେ ଏମିତି ଥଟ୍ଟାମଜ୍ଜା ଉଭୟଙ୍କ ମଧ୍ୟରେ ଚାଲେ । ଦୁହେଁ ଧାଙ୍ଗଡ଼ା ଧାଙ୍ଗିଡ଼ି ।

ଶୁକ୍ରୀ ବୟସ ଷୋହଳ । ଟିକେ ଶ୍ୟାମଳୀ ହେଲେ କ'ଣ ହେଲା ଦେଖିବାକୁ ଖୁବ୍ ଆକର୍ଷଣ । ତା ଖିଲି ଖିଲି ହସ ଦେଖି ପାହାଡ଼ ଚୂଡ଼ାରେ ଜହ୍ନ ଲାଜରେ ଲୁଚିଯିବ । ତା ଓଠର ହସରେ ବୈଶାଖର କୃଷ୍ଣଚୂଡ଼ା ଝାଉଁଳି ପଡ଼ିବ । ତା ଆଖି ଦେଖିଲେ ଅରଣ୍ୟର ଚଞ୍ଚଳ ହରିଣୀ । ଈର୍ଷ୍ୱାନିତ ହେବ । ତା ଚାହାଣୀରେ କାମଦେବଙ୍କ ଫୁଲ ଶରରେ ଯୁବପ୍ରାଣ ଆହତ ହେବ । ସ୍ୱାଇଁବାବୁ ବେଳେବେଳେ ଖୁସି ହୋଇ ଶୁକ୍ରୀର ଫୁଲକା ଫୁଲକା ଗାଲକୁ ଧରି ଦୁଇ ହାତରେ ମନ୍ଥନ କରନ୍ତି । କହନ୍ତି ଶୁକ୍ରୀ ତୁ ଭାରି ସୁନ୍ଦର ଦିଶୁଛୁ । ଶୁକ୍ରୀ ଲାଜରେ କହେ ତୁମେ ତ ଏତେ ପାଣ୍ଡ୍ରା (ଗୋରା) ରହିଛ ରାଜକୁମାର ପରି ସୁନ୍ଦର ଦିଶୁଛି । ମୁଁ ତ କାଳି । ଏହି କଥା ଭିତରେ ଭଲ ପାଇବାର ମହକ ଲୁଚି ରହିଛି କେଉଁଠି ନା କେଉଁଠି ସତେ ଯେପରି । ଦିନେ ସ୍ୱାଇଁବାବୁ ନୂଆ ବର୍ଷ ହେତୁ ଫିଷ୍ଟିରେ ଯାଇଥିଲେ । ଫେରିଲାବେଳକୁ ଟିକେ ବିଦେଶୀ ପାଣି ପେଟରେ ପଡ଼ିଥିଲା । ଇଂଜିନିୟର ଚାକିରୀରେ ମଦ୍ୟପାଦ ମାଂସ ଭୋଜନ ସାଧାରଣ କଥା । ଚାକିରି ଭିତରେ ଏଇଟା ରାଜା ଚାକିରି । ଟଙ୍କାର ଖଣି । ଦିନ ରାତି ଖଟି ଖଟି ମନଟା ଫିକା ଧରିଥାଏ । ମଝିରେ ମଝିରେ ଖାନା ପିନା ଦରକାର । ସେଦିନ ପାଦ ଟଳମଳ ହେବାରୁ ତାଙ୍କର କିଏ ସାଙ୍ଗ ଗାଡ଼ିରେ ବସାଇ ଘରେ ଆଣି ଛାଡ଼ିଦେଇଗଲେ । ଶୁକ୍ରୀ ସ୍ୱାଇଁବାବୁଙ୍କୁ ଜଗି ଜଗି ଖାଇ ନଥିଲା । ସେ ବା କେମିତି ଖାଇଥାନ୍ତା ସ୍ୱାଇଁବାବୁଙ୍କୁ ଖାଇବାକୁ ଦେଲାପରେ ସେ ପରେ ଖାଏ । ବାସନ କୁସନ ମାଜେ । ଗାଡ଼ିରୁ ହାତଧରି

ଜଣେ ତାଙ୍କୁ ତଳକୁ ଓହ୍ଲାଇଲା । ଶୁକ୍ରୀ ଏଭଳି ଅବସ୍ଥା ଦେଖି ଛାନିଆ ହୋଇଗଲା । ସେ ପଚାରିଲା ବାବୁର କାଇଟା ହେଇସି । ସାଙ୍ଗ ଜଣକ କହିଲେ ନା କିଛି ହୋଇନି ତୁ ୟାଙ୍କୁ ଘରେ ଶୁଆଇ ଦେ । ସେ ଠିକ ହୋଇଯିବେ । ଶୁକ୍ରୀ ଠିକ ଜାଣି ପଚାରିଲା ସ୍ୱାଇଁବାବୁ ମଦ ପିଇଛନ୍ତି । ସେ ସ୍ୱାଇଁବାବୁଙ୍କର ହାତକୁ କାନ୍ଧରେ ପକାଇ ଧୀରେଧୀରେ ଖଟିଆ ଉପରେ ଗଡ଼ାଇଦେଲା । ଗୋଡ଼ରୁ ଜୋତା ମଉଜା ଦେହରୁ ସାର୍ଟ ସବୁ ବାହାରକରି ଦେଲା ।

ନିଶାରେ ସ୍ୱାଇଁବାବୁ ଆଉଟୁପାଉଟୁ କେବଳ ପାଟିକରି ବାଉଳା ହୁଅନ୍ତି ଶୁକ୍ରୀ ତୁ କୁଆଡ଼େ ଗଲୁ ? ତୁ ଖରାପ ଭାବିବୁନି ମୁଁ ମଦ ପିଇଛି ବୋଲି ମତେ ଜବରଦସ୍ତ ପିଆଇ ଦେଲେ । ମୋ ବୋପା ଦେହକରେ କେବେ ମଦ ପିଇନଥିଲି । ଏବେ ସାଙ୍ଗ ମେଳରେ ଢ଼ୋକେ ପିଇଦେଲି । ତୁ ଖା ମତେ ଅପେକ୍ଷା କରେନା । ଶୁକ୍ରୀ ତୁ ବହୁତ ଭଲ ଆଇ ଲବ୍ ୟୁ । ଶୁକ୍ରୀ କହିଲା ବାବୁ ମୁଁ ତୁମ ପାଖରେ ଅଛି । ତୁମେ ଶୋଇଯା କିଛି ହେବନି । ନିଶାରେ ଚୁର୍ ସ୍ୱାଇଁବାବୁ ସେ କହିଲେ ତୁ ମୋ ପାଖରେ ଶୁଅ । ମତେ ଭଲ ଲାଗୁନି । ଶୁକ୍ରୀକୁ ନିଜ ଆଡ଼କୁ ଟାଣି ଆଣିଲେ ସ୍ୱାଇଁବାବୁ ।

ଶୁକ୍ରୀ କଣ କରିବ ତା ବୁଦ୍ଧି ହଜିଗଲା ସେ ବାଧ୍ୟ ହୋଇ ସେଇ ଖଟିଆରେ ଶୋଇଗଲା ଛାତିରେ ଛାତି ମିଶାଇ । ରାତି ଚାରିଟାରେ ସ୍ୱାଇଁବାବୁଙ୍କ ନିଦ ଭାଙ୍ଗିଲା । ଦେଖିଲା ଖଟରେ ବିବସ୍ତ୍ର ହୋଇ ଶୁକ୍ରୀ ଶୋଇଛି । ତା ଯୌନସଂଭାର ଦେଖି ସ୍ୱାଇଁବାବୁ ନିଜକୁ ସମ୍ଭାଳି ପାରିଲେ ନାହିଁ । ସେ ଶୁକ୍ରୀ ପ୍ରତି ଆକୃଷ୍ଟ ହୋଇ ଶାରୀରିକ ସଂପର୍କ ସ୍ଥାପନ କଲେ । ଶୁକ୍ରୀ ଲାଜରେ କିଛି କହିପାରିଲା ନାହିଁ । ସକାଳ ହେଲା ସେ ଚୁପଚୁପ ନିରବରେ ମଥା ପାତି ବସିରହିଲା । ସ୍ୱାଇଁବାବୁ କେତେ କଣ କହିଲେ ସେ ଉତ୍ତର ଦେଲାନାହିଁ । ଲାଜରେ ମୁହଁ ତଳକୁ ପୋତି ଦେଲା । ଏହି ଲାଜ ବେଶୀ ଦିନ ମନରେ ବସା ବାନ୍ଧି ରହିଲା ନାହିଁ । ଏମିତି ଲାଜଲାଜ ଭିତରେ ସ୍ୱାଇଁବାବୁଙ୍କ ଯୌନ କ୍ଷୁଧା ମେଣ୍ଟି ଚାଲେ ସବୁ ରାତିରେ । ପ୍ରେମ ଅନ୍ଧ । ପ୍ରେମରେ ନଥାଏ ମାଲିକ ଚାକରାଣି ପ୍ରଭେଦ । ନା ଜାତି ଧର୍ମର ପ୍ରତିବନ୍ଧକ । ପ୍ରେମ ଶାଶ୍ୱତ । ପ୍ରେମ ଅମ୍ଳାନ । ସ୍ୱାଇଁବାବୁ ଆଗ ଅପେକ୍ଷା ଶୁକ୍ରୀକୁ ବହୁତ ଭଲପାଆନ୍ତି । ତାକୁ ଦାମିକା ଶାଢ଼ି ଆଣି ଦିଅନ୍ତି । ସେ ପିନ୍ଧେ । ତା ବେକରେ ସୁନା ମାଳି । କାନରେ ସୁନା ଫୁଲ ଝଟକେ । ତା ଆଭୁଷଣ ଦେଖିଲେ ପାହାଡ଼ୀ ଅରଣ୍ୟରେ ବସନ୍ତ ଫେରିଆସେ । ମନ ଯୌବନରେ ପାହାଡ଼ୀ ଝରଣା କୁଳୁକୁଳୁ ସଂଗୀତର ମୂର୍ଚ୍ଛନା ତୋଳେ । ଶୁକ୍ରୀ ସ୍ୱାଇଁବାବୁଙ୍କ ଭଲ ପାଇବାରେ ଆତ୍ମହରା ହୋଇ ପଡ଼େ ଯେମିତି । ଆନନ୍ଦ ହିଁ ଆନନ୍ଦ । ସ୍ୱର୍ଗୀୟ ଆନନ୍ଦରେ ତା ମନ ମାନସ ଅମାନିଆ ପକ୍ଷୀ ପରି ଅନନ୍ତ ଆକାଶରେ ଉଡ଼ିବୁଲେ ।

ହାତରେ ମୁଠା ମୁଠା ଟଙ୍କା । ଅଭାବ କିଛି ନାହିଁ । ଶୁକ୍ରୀ ଏବେ ଘରର ଚାକରାଣୀ ନୁହେଁ ମାଲିକାଣୀ । ତେବେ ସାହିପଡ଼ିଶା କହିବେ କଣ ବୋଲି ବାହାରେ ଟିକେ ଛାଡ଼ ବାଡ଼ । ନହୁବା ସବୁ ପତିପତ୍ନୀର ଭୂମିକାରେ ଦୁହେଁ ଦୁହିଁଙ୍କର ଆତ୍ମାର ମିଳନ ଘର ଭିତରେ ।

ସାହିପଡ଼ିଶା ସ୍ତ୍ରୀମାନେ ଟୁପୁରଟାପର ହେଲେଣି । ଶୁକ୍ରୀର ବେଶଭୂଷା ଦେଖି ସବୁ ମାଇପି ଈର୍ଷା । ଯାହା ନୁଖୁରା ମୁଣ୍ଡକୁ ଟୋପେ ତେଲ ନଥିଲା ସେ ବେକରେ ସୁନା ମାଳି ପକାଇ ଝଲମଲ ଯାହା । ଦେହରେ ମଇଳା ଫଟା ଲୁଗାରେ ଲାଜ ଢ଼ାଙ୍କି ପାରୁନଥିଲା ତା ଦେହରେ ପାଟଶାଢ଼ୀ । ଚାକରାଣୀ ନିଜ ଘରକୁ ନ ଯାଇ ସାରା ରାତି ସ୍ୱାଇଁବାବୁଙ୍କ ଘରେ ସମୟ ବିତୁଛି । ଛିଛି ସ୍ୱାଇଁବାବୁଙ୍କର ଜାତିଗୋତ୍ର ନାହିଁ । ମାଇପିମାନଙ୍କ ଟାହିଟାପରା ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି । ଶୁକ୍ରୀକୁ କିଏ କେମିତି ଦେଖାଇ ଶିଖାଇ କହନ୍ତି । ଶୁକ୍ରୀ ସେ ସବୁ ଶୁଣେ ଓ ଜାଣେ ତଥାପି କାହାରିକୁ କିଛି ନକହି ବାଟ ଚାଲେ । ସେ ଭାବେ ହାତୀ ଯାଉଛି ବଜାରେ କୁକୁର ଭୁକୁଛି ହଜାରେ । ମୋ ସ୍ୱାଇଁବାବୁ ଭଲ ତ ମୁଁ ଭଲ । କାହାର ପୋଡ଼ା ଜଳା ହେଲେ ମୋର କି ଯାଏ ?

ସ୍ୱାଇଁବାବୁ କହୁଥିଲେ ତାଙ୍କ ବାପା ମାଆ କୁଆଡ଼େ ଗଞ୍ଜାମରୁ କାଲି ଆସିବେ ମାଲାକାନାଗିରି । ଏ ଜଙ୍ଗଲ ରାଇଜକୁ ଦେଖିବାକୁ ତାଙ୍କର ପ୍ରବଳ ଇଚ୍ଛା । ତାଙ୍କ ବାପାମା ବହୁଥର ଚିଠି ଲେଖିଲେଣି ଗାଁ ଆଡ଼େ ବୁଲାବୁଲି କରି ଆସିବା ପାଇଁ । ନୂଆ ଚାକିରି ବୋଲି ଯିବାକୁ ଡରନାହିଁ । ବିଡ଼ିଓ ସବୁ ସମୟରେ କାମ ଚଞ୍ଚଳ ସାରିବାକୁ ପାଟିକରନ୍ତି । ମାଲାକାନାଗିରିକୁ ନୂଆ ନୂଆ ଜିଲ୍ଲାପାଳ ଆସନ୍ତି । ତେଣୁ ସେମାନେ ମଧ୍ୟ ବେଶି ଠାଣିରେ କଥା କୁହନ୍ତି । ସେମାନଙ୍କର କୌଣସି କାମରେ ତିଳେ ବି ଅଭିଜ୍ଞତା ନଥାଉ ପଛେ କ୍ଷମତା ପ୍ରୟୋଗ କରିବାରେ ମାଷ୍ଟ୍ର । ଧମକ ଚମକ ବେଶୀ । କଥା କଥାରେ ଚାକିରି ଖାଇ ଦେବି । ସସପେଣ୍ଡ କରିଦେବି । ମାଲାକାନାଗିରି ଜିଲ୍ଲାଟି ଓଡ଼ିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳ । ମାଥିଲ ଠାରୁ ମୋଟୁ ପର୍ଯ୍ୟନ୍ତ ଛତିଶ ଗଡ଼ ସୀମା ସ୍ପର୍ଶ କରିଥିବା ବେଳେ ମୋଟୁ ଠାରୁ ଚିତ୍ରକୋଣ୍ଡା ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶର ସୀମା ଲାଗି ରହିଛି । ଆଦିବାସୀ ଗାଁ ପାଖାପାଖି ବଙ୍ଗୀୟ ଶରଣାର୍ଥୀଙ୍କ ଗ୍ରାମ । ଆଦିବାସୀଙ୍କ ନିଜସ୍ୱ ଭାଷା ଥିଲେ ବି ବିଦେଶିଆ ଭାଷାରେ ସମସ୍ତେ ଭାବ ବିନିମୟ କରନ୍ତି । ବଙ୍ଗୀୟ ଶରଣାର୍ଥୀମାନେ ବଙ୍ଗଳା ଭାଷାରେ ନିଜ ନିଜ ଭିତରେ କଥାବାର୍ତ୍ତା ହେଲେ ମଧ୍ୟ ଓଡ଼ିଆ ଦେଶୀଆ କୋୟା ହିନ୍ଦୀ ଆଦି ସବୁ ଭାଷା କହିପାରନ୍ତି । ତେଣୁ ଓଡ଼ିଆ ଭାଷା ହେଉଛି ଅବିଭକ୍ତ କୋରାପୁଟର କଥିତ ଭାଷା । ଯାହାକି ଓଡ଼ିଆ ଭାଷା ଠାରୁ ସ୍ୱଳ୍ପ ଭିନ୍ନ ।

ସ୍ୱାଇଁଙ୍କ ବାପାମା ବହୁଥର ଚିଠି ଲେଖିଲେଣି ଗାଁକୁ ଆସିବା ପାଇଁ । ମାତ୍ର ଛୁଟି ନାହିଁ ବୋଲି ଗାଁକୁ ଯାଇହେଉନାହିଁ । ଗାଁ କଥା ମନରେ ଚିନ୍ତା କରି ଲାଭ ନାହିଁ । ପୁଅର ବିଳମ୍ବ ଦେଖି ବାଧ ହୋଇ ତାଙ୍କ ବାପାମା' ମାଲାକାନାଗିରି ବୁଲି ଆସିବା ପାଇଁ ଚିଠି ଲେଖି ଆଜି ସକାଳେ ସ୍ୱାଇଁବାବୁଙ୍କୁ ବସ ଷ୍ଟାଣ୍ଡରେ ଆସି ପହଞ୍ଚିଲେ । ସ୍ୱାଇଁବାବୁ ବସଷ୍ଟାଣ୍ଡ ଯାଇ ସେ ଦୁହିଁଙ୍କୁ ପାଛୋଟି ଆଣିଲେ । ବାପାମା'ଙ୍କ ସହ ଶୁକ୍ରୀକୁ ପରିଚୟ କରାଇଦେଲେ ସେ । ସେ ଘରର ସବୁ କାମ କରେ । ରୋଷେଇ କରେ । ଭଲ ରନ୍ଧାବଢ଼ା କରୁଛି । ସ୍ୱାଇଁବାବୁଙ୍କ ବାପା ଜଗବନ୍ଧୁ ଆଉ ମା ତୁଳସୀ ଶୁକ୍ରୀକୁ ଭଲ ପାଇଲେ । ତା କାମଧାମ ଶୁଣି ସ୍ନେହ କଲେ । ଶୁକ୍ରୀ ସେମାନଙ୍କୁ ଓଳଗି ହେଲା । ସେମାନେ ଆଶୀର୍ବାଦ କଲେ । ପୁଅର ଭଲମନ୍ଦ ସବୁ ବୁଝିବୁ ବୋଲି କହିଲେ । ଶୁକ୍ରୀ ମୁଣ୍ଡ ଟୁଙ୍ଗାରୀ ହଁ ଭରିଲା ।

ରାତିରେ କଥା ପଡ଼ିଲା ସ୍ୱାଇଁବାବୁଙ୍କ ବିବାହ ପ୍ରସ୍ତାବ ନେଇ ବାପାମାଆ ଆସିଛନ୍ତି । ଘରକୁ ଗୋଟିଏ ପୁଅ । ଚାକିରୀ ହେଲା ଘରକୁ ବୋହୂଟିଏ ଲୋଡ଼ା । ରନ୍ଧାବଢ଼ା କରିବାକୁ କିଏ ଅଛି ? ବୁଢ଼ାବୁଢ଼ି ମଣିଷ । ଭଲ ଶ୍ୱଶୁର ଘର ଝିଅ ଗୋଟେ ଚାଉଳରେ ଗଢ଼ା, ଶିକ୍ଷିତା, ସୁଶୀଳା, ଗୁଣବତୀ । ଯୌତୁକ ବି ଭଲ ମିଳିବ । ଝିଅର ବାପା ପଶୁ ଡାକ୍ତର । ସ୍ୱାଇଁବାବୁ ବାପାମା'ଙ୍କ କଥାରେ ରାଜି ହେଲେନି । କାରଣ ନୂଆ ଚାକିରୀ । ରେଗୁଲାର ହୋଇନି । ତରତରରେ ବାହା ହୋଇଗଲେ ଘର ଚଳାଇବା କଷ୍ଟ ହୋଇପଡ଼ିବ । ତଥାପି ବାପାମା'ଙ୍କ ଏକ ଜିଦି ବାହାହେବା ପାଇଁ । ତୁଳସୀ ରାଣ ନିୟମ ପକାଇଲେ । ମା କେତେ କାନ୍ଦ ବୋବା କଲେ । ପରଦିନ ସନ୍ଧ୍ୟାରେ ବାପାମାଆ ତାଙ୍କର ବସରେ ବ୍ରହ୍ମପୁର ଫେରିଗଲେ । ସକାଳେ ଶୁକ୍ରୀ ଆସିଲା । ସ୍ୱାଇଁବାବୁଙ୍କର ମନ ଭଲ ନଥିବାରୁ ସେ ଶେଯରେ ସକାଳ ୧୦ଟା ଯାଏଁ ପଡ଼ି ରହିଛନ୍ତି । ରବି ବାରଟା ବୋଧେ ଅଫିସକୁ ଯିବାର ନାହିଁ । ତଥାପି ଶୁକ୍ରୀ ବାବୁଙ୍କୁ ଉଠାଇଲା । ବାବୁ ନିଦ ମଳମଳ ଆଖିରେ ଅଳସ ଭାଙ୍ଗି ଉଠିଲେ । ମୁହଁ ଧୋଇ ବଜାରକୁ ବାହାରିଲେ । ଛେଳିମାଂସ କିଲେ ନେଇ ଆସିଲେ । ଶୁକ୍ରୀକୁ କହିଲେ ଭଲକରି ରାନ୍ଧେ । ଶୁକ୍ରୀ ତା'ର ରନ୍ଧା ରନ୍ଧି କରି ପରସିଲା ଏବଂ ଶେଷରେ ସେ ଖାଇଲା । ସ୍ୱାଇଁବାବୁ କହିଲେ ଶୁକ୍ରୀ ତୁ ଘରେ ରହିବୁ ମୁଁ ଗାଁକୁ ଯିବି । ସପ୍ତାହକ ପରେ ଫେରିବି । ବାପାମାଆ ଆସିଥିଲେ ଯିବା ପାଇଁ ବାଧ କରିଛନ୍ତି । ଶୁକ୍ରୀ ମୁଣ୍ଡ ଟୁଙ୍ଗାରିଲା । କହିଲା ତୁରନ୍ତ ଯାଇ ତୁରନ୍ତ ଆସିବ । ବେଶୀ ଦିନ ରହିବ ନାହିଁ । ମତେ କୁଣ୍ଡୁକୁଣିଆ ଲାଗିବ ।

ସପ୍ତାହକ ପାଇଁ ସୌଦାପତ୍ର କିଣା ହେଲା । ଘରେ ଚାଉଳ, ଡାଲି, ତେଲ, ଲୁଣ ସବୁ ଅଛି । ଖାଇବାର ଅଭାବ ନାହିଁ । ଶୁକ୍ରୀ ହାତରେ ବି ହଜାର ଟଙ୍କା ଗୁଞ୍ଜି ଦେଲେ ସ୍ୱାଇଁବାବୁ ପନିପରିବା ଆଣିବା ପାଇଁ । କହିଲେ ଏ କ୍ୱାର୍ଟରରେ ରହିବୁ । ତୋ ବସାକୁ ଯିବୁ ନାହିଁ ମୁଁ ଗାଁରୁ ଫେରିବା ପର୍ଯ୍ୟନ୍ତ ଏଠି ରନ୍ଧା ବଢ଼ା କରି ଖାଇବୁ । ସ୍ୱାଇଁବାବୁ ସୋମବାର ଦିନ ଗଲେ ।

ଦେଖୁ ଦେଖୁ ସପ୍ତାହଟେ ବିତିଗଲା ସ୍ୱାଇଁବାବୁ ଏ ଯାଏଁ ଆସି ନାହାଁନ୍ତି । ଶୁକ୍ରୀ ବିବ୍ରତ ହୋଇପଡ଼ିଲା । ସବୁ ଦିନ ପରି ଦାଣ୍ଡ ଦୁଆରେ ଚାହିଁ ରହିଲା ଆସିବା ବାଟକୁ । ତାକୁ କିଛି ଭଲ ଲାଗିଲାନାହିଁ । ଦୁଇତିନିଦିନ ପରେ ବ୍ଲକକୁ ଗଲା । ଚିହ୍ନା ଜଣା ଦେଖି ପଚାରିଲା । ସ୍ୱାଇଁବାବୁ କେବେ ଆସିବେ ? ଜଣେ ପିଅନ କହିଲା ସେ ଆଉ ସପ୍ତାହ ପରେ ଆସିବେ । ବାହାହେବା ପାଇଁ ଯାଇଛନ୍ତି । ଟିକେ ଡେରି ହେବ । ବାହା କଥା ଶୁଣୁ ଶୁଣୁ ଶୁକ୍ରୀର ପାଦ ତଳୁ ମାଟି ଖସିଗଲା ଯେମିତି । ଆକଶଟା ତା ମୁଣ୍ଡ ଉପରେ ଛିଣ୍ଡି ଗଲା । ସେ ଏବେ କରିବ କ'ଣ ? ତା ପେଟରେ ଦୁଇମାସର ଗର୍ଭ ସଂଚରୁଛି । ସେ ବଞ୍ଚିବ ନା ମରିବ ଚିନ୍ତା କରି ପାରୁନି । ସ୍ୱାଇଁବାବୁ ତ ଦିନେ ବାହା ହେବା କଥା ପଦଟିଏ ବି କହିଲେ ନାହିଁ । କେତେ ଛଳନା କେତେ କପଟ ତାଙ୍କ ମନରେ.. ।

ଏ କଥା ଭାବି ଭାବି ଶୁକ୍ରୀ ଆଖିରୁ ଧାରଧାର ଲୁହ ନିଗିଡ଼ିପଡ଼ିଲା । ସେ ଖାଇବା ପିଇବା ଭୁଲିଗଲା । ସେମିତି ଘରେ ପଡ଼ି ରହିଲା ଅନେକ କୋହକୁ ଛାତିରେ ସାଉଁଟି ଧରି । ଦିନ କେଇଟା ପରେ ସ୍ୱାଇଁବାବୁ ଆସିଲେ ମାଲାକାନାଗିରି । ହାତରେ ଝଟକୁଛି ବିବାହ ମୁଦି, ବେକରେ ଶ୍ୱଶୁର ଘରର ପ୍ରଦତ୍ତ ସୁନା ଚେନ୍ । ପଦ ଯୁଗଳରେ ବିବାହର ଚିହ୍ନ ସ୍ୱରୂପ ଚିତ୍ରିତ ହୋଇଛି ଅଳତାର ଦାଗ । ଶୁକ୍ରୀ କ୍ୱାର୍ଟରରେ ନାହିଁ । ସ୍ୱାଇଁବାବୁ ଅପେକ୍ଷା କରିକରି ତା କୁଡ଼ିଆକୁ ଫେରିଯାଇଛି ମନ ଦୁଃଖରେ । ସେ ଆସିବ ବୋଲି ବହୁ ସମୟ ଅପେକ୍ଷା କଲେ । ଶୁକ୍ରୀ ଆସିଲାନାହିଁ । ସକାଳ ହୋଇ ଦିନ ହୋଇ ଦିନ ବାରଟା ହେଲା । ତଥାପି ଆସିଲାନାହିଁ । ସ୍ୱାଇଁବାବୁ ଗଲେ ଶୁକ୍ରୀର ସେଇ ଝାଟିମାଟିର ଘରକୁ । ଶୁକ୍ରୀ କୁଟୀର ଭିତରେ ଭୂଇଁରେ ଶୋଇଛି ହତୋତ୍ସାହ ହୋଇ । ମୁଣ୍ଡର କେଶ ଅଲରା । ଦୁଆର ବାଟ ମେଲା ରହିଛି । ସ୍ୱାଇଁବାବୁ ଠିଆହୋଇ ଡାକିଲେ ଶୁକ୍ରୀ, ଶୁକ୍ରୀ... ଉଠ୍ ମୁଁ ଆସିଛି ।

ଶୁକ୍ରୀର ନିଦ ଭାଙ୍ଗିଗଲା । ସେ ଉଠି ଦେଖିଲା ସ୍ୱାଇଁବାବୁ । କଇଁକଇଁ ହୋଇ କାନ୍ଦିଲା । ତା ଅମାନିଆ ଆଖିରୁ ଅବିଶ୍ରାନ୍ତ ଲୁହ ଧାର ଯେତେ ସବୁ ନଈ ହୋଇ ବୋହିଗଲା । ସେ କହିଲା ତୁମ ଚାବି ନିଅ । ଏଠାରୁ ତୁରନ୍ତ ଚାଲିଯାଅ । ମତେ ଡାକନି ମୁଁ ତୁମ ମୁହଁକୁ ଦେଖିବାକୁ ଚାହେଁ ନାହିଁ । ତୁମେ ଦଗାଦିଆ ମଣିଷ । ତୁମେ ପରଦେଶୀ ବିଦେଶୀ । ଶୁକ୍ରୀ ଚାବି ପେନ୍ଥାଟିକୁ ଦାଣ୍ଡ

ଦୁଆରକୁ ଫୋପାଡ଼ି ଦେଲା ଅଭିମାନରେ । ସ୍ୱାଇଁବାବୁ କିଛି ନ ଉତ୍ତର ଦେଇ ସେଠାରୁ ଚୁପ୍ ଚାପ୍ ଫେରିଆସିଲେ । ସେ ଭାବିଲେ ଶୁକ୍ରୀ ବିବାହ କଥା ବୋଧେ ଜାଣି ପାରିଛି । ସେଥିପାଇଁ ରାଗରେ ଗରଗର ହେଉଛି । ବିବାହ ପୂର୍ବରୁ ତାର ବି ମତାମତ ନେବାର ଥିଲା ।

ଶୁକ୍ରୀ କାଳେ ଆସିବ ଭାବି ବହୁ ସମୟ ଚାହିଁ ରହିଲେ ସ୍ୱାଇଁବାବୁ । ହୋଟେଲରେ ଦିନ ଦିଟାରେ କଣ ଦିଟା ଖାଇଲେ । ସନ୍ଧ୍ୟା ହେଲା ଶୁକ୍ରୀର ଦେଖାନାହିଁ । ରାଗିଛି ବୋଧେ । ଡେରି ହେଲା ବୋଲି ଅଭିମାନ କରିଛି । ସେ ତ ଭାରି ସରଳି ଝିଅଟିଏ । ଏତେ ନିଷ୍ଠୁର ହେଲା କେମିତି ? ସେ ସ୍ଥିର ହେଇ ରହି ପାରିଲେନାହିଁ । ପୁନଶ୍ଚ ଶୁକ୍ରୀ ନିକଟରେ ମୋଟରସାଇକେଲରେ ପହଞ୍ଚିଲେ । ଶୁକ୍ରୀ ସେମିତି କୁଡ଼ିଆଟିରେ ମୁହଁମାରି ଶୋଇଛି । ତାର ଏ ଦୁନିଆରେ କିଏ ଅଛି ? ତା ଦୁଃଖ ଶୁଣିବାକୁ ବାପା ମା' କିଏ ଅଛି ଯେ ବିପଦ ବେଳକୁ ଆହା କରିବ । ତାକୁ ଏ ସଂସାରରେ ସମସ୍ତେ ଏକା କରି ଦୁଃଖ ଦରିଆରେ ଭସାଇ ଚାଲିଗଲେ ।

ପର ଘରେ ବାସି ପାଇଟି କରି ଜୀବନ ଧାରଣ କରିବା ଛଡ଼ା ଅନ୍ୟଗତି ନାହିଁ । ପରଦେଶୀ ସ୍ୱାଇଁବାବୁ ମନରେ ନିଜର ବୋଲି ଭାବି ଭାବ ଲଗାଇଥିଲା ଶୁକ୍ରୀ । ଶେଷରେ ସେ ବି ଦଗା ଦେଲା । ସ୍ୱାଇଁବାବୁ କୁଡ଼ିଆ ଭିତରେ ଡାକିଡାକି ପଶିଲେ । ଶୁକ୍ରୀକୁ ଭୂଇଁରୁ ଉଠାଇଲେ ହାତଧରି । ତା ମୁହଁଟି ଶୁଖି କଳା କାଠ ପାଲଟି ଯାଇଛି । ଦୁଇତିନି ଦିନ ହେଲା କିଛି ପାଣି କି ପେଜ ପିଇନି । ପେଟରେ ଆହାର ମୁଠେ ପଡ଼ିନି । ସ୍ୱାଇଁବାବୁ କହିଲେ ମୋର ଡେରି ହେଲା ବୋଲି ତୁ ରାଗିଛୁ ନା ଶୁକ୍ରୀ । ମୋର ଭୁଲ ହୋଇଗଲା । ଏବେ ଘରକୁ ଆସେ ରନ୍ଧାବଢ଼ା କଲେ ଖାଇବା । ଶୁକ୍ରୀ କହିଲା ମୁଁ କିଏ ଚାକରାଣୀଟିଏ ତୁମ ମୋ ଭିତରେ କି ସଂପର୍କ ରହିଛି ? ସେମିତି କହନା ଶୁକ୍ରୀ ଏବେ ଘରକୁ ଚାଲ ସେଠରେ କଥାହେବା । ଶୁକ୍ରୀର ଉପାୟ ଶୂନ୍ୟ । ସେ ମାନ ଅଭିମାନ କରି କଣ କରି ପାରିବ ? ନିଜର ବୋଲି କିଏ ଅଛି ଯେ... ?

ବାଧ ହୋଇ ସ୍ୱାଇଁବାବୁଙ୍କ ଗାଡ଼ିରେ ବସି କ୍ୱାର୍ଟରକୁ ଗଲା । ରନ୍ଧା ବଢ଼ାକରି ରାତିରେ ଏକ ଖଟରେ ଶୟନ କଲା । ଅନେକଥର ଶୁକ୍ରୀ ରାତିରେ ଖାଇପିଇ ସେଠରେ ରହେ । ସ୍ୱାଇଁବାବୁଙ୍କ ମିଠା ମିଠା କଥାରେ ଅନେକ ସପନ ଦେଖେ । ସେ ତାକୁ ନିଜର କରି ନିଏ ରାତିକ ପାଇଁ । ଦିନ ରାତି ସେବା କରେ ରାନ୍ଧିବାଢ଼ି ପତ୍ନୀର ପରି ଖାଇବାକୁ ଦିଏ । ଏତେ ସେବାକରେ ସ୍ତ୍ରୀର ସୁଖ ଦିଏ ହେଲେ ସ୍ତ୍ରୀ ବୋଲି ଅଧିକାରଟିଏ ଥରଟିଏ ବି ମାଗି ପାରେନା । କିଛି ହାତ ଟେକା ଶାଢ଼ୀ, ଚୁଡ଼ି ଆଉ ମାସିକ କେଇ ଟଙ୍କାରେ ତା ଭାଗ୍ୟ ତାକୁ ଫେରାଇ ଆଣେ ଚାକରାଣୀର ତଳ ପାହାଚକୁ । ସେ ତ ବାମନଟିଏ ଚନ୍ଦ୍ରକୁ ହାତ ବଢ଼ାଇବା ଆସ୍ପର୍ଦ୍ଧା ମାତ୍ର । ସେ ଏକ ଅକ୍ଷାତ ପାହାଡ଼ ମୂଳକର ଜଙ୍ଗଲୀ ନିସ୍ୱ ଆଦିବାସୀ ଝିଅଟିଏ । ଯେଉଁ ମୂଳକରେ ଶିକ୍ଷା ନାହିଁ, ସଂସ୍କାର ନାହିଁ, ମଦର ଦୁର୍ଗନ୍ଧରେ ଚହଟି ଉଠେ ଅରଣ୍ୟ ରାଇଜ । ଯେଉଁ ପୋଡ଼ା ମାସଂର ଧୂଆଁରେ ଆକାଶ ଆଚ୍ଛନ୍ନ । ଯେଉଁଠି କନ୍ଦଫଳ ମୂଳରେ ପେଟର ଭୋକ ମରେ, ଯେଉଁଠି ବରଡ଼ା ପତ୍ରର ନୂଇଁ କୁଡ଼ିଆରେ ଦିନରେ ସୂର୍ଯ୍ୟ ଆଉ ରାତିରେ ତାରା ଦିଶେ । ଯେଉଁଠି ଭୂଗୋଳରେ ସ୍ୱାକ୍ଷରିତ ଚିର ଅବହେଳିତର ପଦଚିହ୍ନ, ସେଇ ମାଟିର ଝିଅ ଶୁକ୍ରୀ କେମିତି ଆତ୍ମବିଭୋର ହୋଇ କହିଥାନ୍ତା ମୁଁ ତୁମର ପତ୍ନୀ । କେମିତି ଅଧିକାରଟିଏ ମାଗିଥାନ୍ତେ ମୁଁ ତୁମର ଅର୍ଦ୍ଧାଙ୍ଗିନୀ ବୋଲି ? ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ ହେଲେ କହିବା ପାଇଁ ସେ ସାହାସ ସେ ଦମ୍ଭ ନାହିଁ ଶୁକ୍ରୀର ମନରେ । ରାତି ପୂର୍ବପରି ଏକ ଭିନ୍ନ ରାତି ବୋଧେ ଶୁକ୍ରୀ ଶେଯରେ ପଡ଼ିଛି ହେଲେ ନିଦ ନାହିଁ । ସ୍ୱାଇଁବାବୁ ଶୋଇ ପଡ଼ିଲେଣି ଖଟରେ । ଗାଡ଼ିରେ ଆସି କ୍ଳାନ୍ତ ଥକ୍କାପଣ । ଶୁକ୍ରୀ ମନରୁ ସବୁ ମାନ ଅଭିମାନକୁ ବର୍ଜନ କରି ସ୍ୱାଇଁବାବୁଙ୍କ ଗୋଡ ମୋଡୁ ମୋଡୁ ଦେଖିଲା ପାଦରେ ଅଳତାର ଦାଗ । ବିବାହ ସନ୍ତକ । ତା ପ୍ରେମ ଦୁନିଆରେ ଅଗ୍ନି ସଂଚରି ଗଲା । ତା ଆଖିରୁ ଦୁଇଟୋପା ଲୁହ ଝରି ସ୍ୱାଇଁବାବୁଙ୍କ ପାଦରେ ଠପ୍ ଠପ୍ ପଡ଼ିଲା । ହଠାତ ସ୍ୱାଇଁବାବୁଙ୍କ ନିଦ ଭାଙ୍ଗିଗଲା ସେ ଶୁକ୍ରୀକୁ ବାହୁ ବନ୍ଧନରେ ନିଜ ଆଡ଼କୁ ଟାଣି ନେଇ କହିଲେ ତୁ ମୋର ପ୍ରଥମ ପ୍ରେମ ତୁ ମୋର ପ୍ରଥମ ପ୍ରେମିକା । ତତେ ମୁଁ ଭାରି ଭଲପାଏ । ଶୁକ୍ରୀ ଅଭିମାନରେ କହିଲା ସବୁ ମିଛ । ମତେ ପଦଟିଏ ନ କହି ତୁମେ ଲୁଚି ଲୁଚି ବାହା ହୋଇଗଲ । କାହିଁକି ମୁଁ କିଏ ? ସ୍ୱାଇଁବାବୁ କହିଲେ ତରବରରେ ବାହାଘରଟି ହୋଇଗଲା । ବାପା ମା ବାଧ କଲେ । ସେ ଗାଁରେ ରହିବ । ତୁ ମୋ ପାଖରେ ରହିବୁ ସବୁ ଦିନ ପାଇଁ । ତତେ ମୁଁ ଭୁଲିବି ନାହିଁ । ଶୁକ୍ରୀ କହିଲା ଯଦି ଏଇ କଥା ସତ ମୋ ମଥାରେ ସିନ୍ଦୁର ଦିଅ ମତେ ସ୍ତ୍ରୀ ଭାବରେ ଗ୍ରହଣ କର । ସ୍ୱାଇଁବାବୁ କହିଲେ ନିଶ୍ଚୟ ତୋ ମଥାରେ ସିନ୍ଦୂର ପିନ୍ଧାଇବି ।

ସୋମବାର ଦିନ ସୁଦ୍ଧ ସ୍ନାନସାରି ଶିବ ମନ୍ଦିରରେ ଶୁକ୍ରୀ ମଥାରେ ସିନ୍ଦୂର ଲଗାଇଲେ ସ୍ୱାଇଁବାବୁ । ଫୁଲ ହାର ବି ଗଳାରେ ଅଦଳବଦଳ ହେଲା । ଶୁକ୍ରୀ ପତ୍ନୀର ମର୍ଯ୍ୟାଦା ପାଇ ମଥାରେ ଓଢ଼ଣୀ ଟାଣି ପାଦତଳେ ପ୍ରଣିପାତ କଲା । ବ୍ରାହ୍ମଣଙ୍କ ଠାରୁ ଦୁହେଁ ଆଶୀର୍ବାଦ ନେଲେ । ଶୁକ୍ରୀର ଅନେକ ଦିନର ସ୍ୱପ୍ନ ସଫଳ ହେଲା । ସେ ଆଉ ଚାକରାଣୀ ନୁହଁ । କନିଷ୍ଠ ଯନ୍ତ୍ରୀଙ୍କ ଧର୍ମପତ୍ନୀ ସମାଜରେ ନୂତନ ପରିଚୟ ନେଇ ବଞ୍ଚିଲା । ମଥାରେ ସିନ୍ଦୂର ନାଇଲା ଶୁକ୍ରୀ ।

ତା ଦେହରେ ବିରାଜମାନ ହେଲା ରଙ୍ଗ ବେରଙ୍ଗର ଶାଢ଼ୀ । ହାତରେ ନାଲି ଚୁଡ଼ି । ମନରେ ଅଜସ୍ର ଆନନ୍ଦ ଅବର୍ଣ୍ଣନୀୟ । ଏମିତି ସୁନାର ସଂସାର ଦିନାକେତେ ଚାଲିଲା । କଥାରେ ଅଛି ସୁଖଟା ବେଶୀ ଦିନ ରହେନି । ସତରେ ସୁଖ ଦିନଗୁଡ଼ିକ ଚଞ୍ଚଳ ସରିଯାଏ । ସେ ଦିନ ଥିଲା ଏକ ଦାରୁଣ ଦୁଃଖର ମୁହୂର୍ତ୍ତ । ସବୁଦିନ ପରି ଶୁକ୍ରୀ ଟିଭି ଲଗାଇ ସନ୍ଧ୍ୟା ଆଠଟାରେ ଦେଖିଲା ମାଓବାଦୀଙ୍କ ଦ୍ୱାରା ଜଣେ ଠିକାଦାରଙ୍କୁ ହତ୍ୟା । ଜଣେ ଜେଇଙ୍କ ଅପହରଣ ଦଶଟି ଗାଡ଼ିରେ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି ମାଓବାଦୀ । ଏ ଖବର ଓଡ଼ିଶା ସାରା ବ୍ୟାପିଗଲା । ଶୁକ୍ରୀ ଜାଣିପାରିଲା ସ୍ୱାଇଁବାବୁଙ୍କ ଅପହରଣ କରି ନେଇଛନ୍ତି ମାଓବାଦୀ । ସେ ବି ଦିନେ କହୁଥିଲେ ମାଓବାଦୀମାନେ ଜଙ୍ଗଲ ରାସ୍ତାରେ କାମ ବନ୍ଦ କରିବାକୁ ଠିକାଦାର ବେହେରାବାବୁଙ୍କୁ ଧମକ ଦେଇଛନ୍ତି । କାମ ବନ୍ଦ ନକଲେ ପରିଣାମ ଭୟାବହ ହେବ । ଚାହୁଁ ଚାହୁଁ ସମୟ ବିତିଗଲା । ରାତିରେ ସ୍ୱାଇଁବାବୁ ଫେରିଲେନାହିଁ ଘରକୁ । ଶୁକ୍ରୀ ଛାତିରେ ଛନକା ପଶିଲା । ନଖାଇ ନପିଇ ରାତି ସାରା କାନ୍ଦିଲା । ମା ମାଉଲୀକୁ ନେହୁରା ହେଲା ତା ମନର ମଣିଷକୁ ଭଲରେ ଫେରାଇ ଦେବାକୁ ବୁଢ଼ି ଠାକୁରାଣୀଙ୍କ କୁକୁଡ଼ା ବଳୀ ଦେବାକୁ ମନରେ ମନାସିଲା । ସକାଳ ହେଲା ପୋଲିସ ଗଲେ ଘଟଣା ସ୍ଥଳକୁ । ଠିକାଦାରଙ୍କ ଶବ ଜବତ ହେଲା । ମାଓବାଦୀଙ୍କ ହାତଲେଖା ଚିଠି ମିଳିଲା । ସେଥିରେ ବ୍ଲକ ଜେଇ ସ୍ୱାଇଁଙ୍କୁ ଅପହରଣ ହେବାର ସ୍ୱଷ୍ଟ ଉଲ୍ଲେଖ ହୋଇଛି ।

ଦିନେ ଗଲା ଦୁଇଦିନ ଗଲା ସ୍ୱାଇଁବାବୁ ଆଉ ଘରକୁ ଫେରିଲେ ନାହିଁ । ଗଞ୍ଜାମରୁ ସ୍ୱାଇଁବାବୁଙ୍କ ବାପାମାଆ ଟିଭି ଦେଖି ଆଉ ଖବର କାଗଜ ପଢ଼ି ଧାଇଁ ଆସିଲେ ମାଲାକାନାଗିରିକୁ କାନ୍ଦକାନ୍ଦ ହୋଇ । ଜିଲ୍ଲାପାଳଙ୍କୁ ଯାଇ ଗୁହାରିକଲେ । ପୋଲିସ ଯବାନମାନେ କେତେ କଣ ବଣ ଜଙ୍ଗଲରେ ଖୋଜିଲେ । ତଥାପି ସ୍ୱାଇଁବାବୁଙ୍କୁ କିଏ ପାଇଲା ନାହିଁ । ସେ ମଲେ କି ବଞ୍ଚିଲେ କାହାରିକୁଜଣା ପଡ଼ିଲାନାହିଁ । ମାସେ ଗଲା ଦୁଇମାସ ଗଲା । ସ୍ୱାଇଁବାବୁ ଫେରିଲେ ନାହିଁ ମାଓକବଳରୁ । ଆଶା ସବୁ ମଉଳି ଗଲା । ବାପାମାଆ ଚାଲିଗଲେ ଗଞ୍ଜାମକୁ । ବୁଝିବାରେ ବାକିରହିଲା ନାହିଁ । ସେ ଆଉ ଜୀବିତ ନୁହଁନ୍ତି ବୋଲି । ଭୋ-ଭୋ ହୋଇ କାନ୍ଦିଲା ଶୁକ୍ରୀ । କାଳେ ସ୍ୱାଇଁବାବୁ ଦିନେ ନା ଦିନେ ତା କୋଳକୁ ଫେରିଆସିବେ ବୋଲି ଦିନ ରାତି ଅପେକ୍ଷା କରି ରହିଲା ଶୁକ୍ରୀ । କେତେଦିନ ପରେ ତା ସଜବାଜ ସବୁ ମଉଳି ଗଲା । ସେ ଆଉ ମଥାରେ ସିନ୍ଦୂର ନାଇଲା ନାହିଁ । ଭାଙ୍ଗିଦେଲା ହାତର ଶଙ୍ଖା । ଫେରିଗଲା ତା ଦାରିଦ୍ର ଭଙ୍ଗା କୁଡ଼ିଆଘରକୁ । ସେଇ ଭଙ୍ଗା ଘରଟି ତା ମନର ମଣିଷର ସନ୍ତକ ଆଉ ଗୋଟିଏ ସନ୍ତକ ହେଲା ତା ପେଟରେ ବଢୁଥିା ସ୍ୱାଇଁବାବୁଙ୍କ ସନ୍ତାନ ।

କିଛି ଦିନପରେ ବିଧବା ଶୁକ୍ରୀର ଗର୍ଭରୁ ଜନ୍ମହେଲା ଏକ କନ୍ୟାସନ୍ତାନ । ମଙ୍ଗଳବାରେ ଜନ୍ମ ହୋଇଛି ବୋଲି ନାଁ ତାର ମଙ୍ଗୁଳି । ଆଦିବାସୀ ପରମ୍ପରାରେ ଯେଉଁ ବାରରେ ଯିଏ ଜନ୍ମହେଲା ସେହି ବାର ଅନୁସାରେ ନାମକରଣ ହୁଏ । ସୋମବାରରେ ପୁଅ ଜନ୍ମ ହେଲେ ସୁମା ଆଉ ଝିଅକୁ ସେମାବାରୀ ଡାକନ୍ତି । ମଙ୍ଗଳବାରରେ ଜନ୍ମ ହେଲେ ଝିଅକୁ ମଙ୍ଗୁଳି ଓ ପୁଅକୁ ମଙ୍ଗଳା ଡାକନ୍ତି । ଏମିତି ଆଦିବାସୀ ପରିବାରରେ ନାମ କରଣ ଅନାଦିକାଳରୁ ରହିଛି । ତାଙ୍କ ସମାଜରେ ବ୍ରାହ୍ମଣ ଡାକି ଖଡ଼ି ପାଞ୍ଜି ପକାନ୍ତି ନାହିଁ । କି ନାମ କରଣ ଦିଅନ୍ତି ନାହିଁ । ଦିସାରୀ, ପୂଜାରୀ ସର୍ବେସର୍ବା ।

ମଙ୍ଗୁଳିକୁ ବାର ବର୍ଷ ହେଲାଣି । ତାକୁ କିଏ ଆଦିବାସୀ ଝିଅ କହିବ ନାହିଁ । ସ୍ୱାଇଁବାବୁ ପରି ଗୋରା ତକ୍ ତକ୍ ଶରୀର । ସେଇ ମୁହଁ ସେଇ ଚେହେରା ସତେ ଯେପରି ଶାମୁକା ଦେହରେ ମୁକ୍ତା, ପଙ୍କରୁ ପଦ୍ମ ଜାତ ପରି ରୂପ ଲାବଣ୍ୟ ଝଟକୁଛି ଦାଉ ଦାଉ । ଶୁକ୍ରୀ ଟିକେ ଶ୍ୟାମଳୀ ବର୍ଣ୍ଣ ରହିବ । ହେଲେ ମଙ୍ଗୁଳୀ ସ୍ୱର୍ଗର ଚାନ୍ଦ । ଚମ୍ପା ଫୁଲ ପରି ଝକମକ୍ । ମଙ୍ଗୁଳି ବେଳେବେଳ ତା ମା'କୁ ପଚାରେ ମୋ ବାପା କିଏ ? ମତେ ଟାହିଟାପରା କରୁଛନ୍ତି ମୁଁ କୁଆଡ଼େ ଅଣବାବୁଆ ଝିଅ । ଶୁକ୍ରୀ ନିରୁତ୍ତର ରହେ । ସେ କିଛି କହେନି । ମନେ ପଡ଼ିଲେ କେବେ କେବେ ତା ଆଖିରୁ ବୁନ୍ଦା ବୁନ୍ଦା ହୋଇ କରୁଣାଶ୍ରୁ ବିଗଳିତ ହୋଇପଡ଼େ । ତା ସୁନ୍ଦର ନିରିମାକ୍ଷୀ ଝିଅଟିକୁ ଦୁଇ ହାତରେ ସାଉଁଟି ଆଣି ଛାତିରେ ଜାବୁଡ଼ି ଧରି ବାହୁନି ବାହୁନି ଚିତ୍କାର କରି କାନ୍ଦେ ଆଉ ତା ଭାଗ୍ୟକୁ ନିନ୍ଦେ ।

ସଭାପତି, ଉତ୍କଳ ସାହିତ୍ୟ ସଂସଦ,
ମାଲାକାନାଗିରି ।

# କରଜ

– ବନଲତା ସିଂହ

ଗରୀବ ଲୋକଟିଏ ପରଘର କାମ କରି ଚଳେ । ତା ସ୍ତ୍ରୀ ମଧ୍ୟ ପତି ସୁହାଗିନୀ ଥିଲା । ସେ ମଧ୍ୟ କିଛି କାମ କରେ । ତାଙ୍କର କିଛି ଛୁଆ ପିଲା ନଥିଲେ । ସେ ଗୋଟିଏ ଗାଈ ଆଉ କୁକୁରଟିଏ ପାଳିଥିଲେ । ସେ କୁକୁରଟି ଛୋଟ ହୋଇଥିଲା । ମା' କ୍ଷୀର ଛାଡ଼ି ନଥିଲା । ତା ମାଆ ଗାଡ଼ି ଧକ୍କାରେ ମରିଗଲା । ଅସହାୟ ଛୁଆଟି ମାଆ ଶବ ପାଖରେ କୁଁ କୁଁ କରି କାନ୍ଦୁଥାଏ । ସେଇବାଟେ ଏହି ସ୍ୱାମୀସ୍ତ୍ରୀ ଯାଉଥିଲେ । ଏହି ଦୃଶ୍ୟ ସେମାନଙ୍କ ଆଖିରେ ପଡ଼ିବାରୁ ସେ ଦୁଃଖ ସହିନପାରି ଛୁଆଟିକୁ ଆଣି ପାଳିଲେ । ଗାଈ ଯାହା କ୍ଷୀରଦିଏ, ଅଳ୍ପ ବିକ୍ରି କରି ଆଉ କ୍ଷୀରତକ କୁକୁର ଛୁଆକୁ ପିଆନ୍ତି । ସଂସାରଟିକୁ କଷ୍ଟେମେଷ୍ଟେ ଚଳାଇନିଅନ୍ତି ।

ଲୋକଟିର ନିଜର କିଛି ପିଲାଛୁଆ ନଥିଲେ । ଗାଈର ପୁଅ ଆଉ କୁକୁର ଛୁଆଟି ତାଙ୍କର ନିଜର ପିଲାଠାରୁ ଅଧିକ ଥିଲେ । ତାଙ୍କ ସଂସାରର ମେମ୍ବର ଥିଲେ ଚାରି । ଦୁର୍ଭାଗ୍ୟ ଯେତେବେଳେ ଆସେ ସାଙ୍ଗସାଥୀ ଧରି ପଟୁଆର କରି ଆସେ । କି ରୋଗ ଆସିଲା କେଜାଣି ଲୋକଟିର ସ୍ତ୍ରୀ ମରିଗଲା । କିଛିଦିନପରେ ଗାଈଟି ମଧ୍ୟ ମରିଗଲା । ଲୋକ ଭାଗ୍ୟକୁ ଆଦରି ଗାଈ ପୁଅ ଆଉ କୁକୁରକୁ ଧରି ଦିନ କାଟିଲା । ଗାଈ ପୁଅ ଧୀରେ ଧୀରେ ବଡ଼ ହେଲା । ଲୋକଟି ତାକୁ ବ୍ରତ କରି ବଳଦ କରିଦେଲା । ନିଜର ଜମିବାଡ଼ି କିଛି ନାହିଁ, ଅନ୍ୟ ଲୋକମାନେ ହଳ କରିବା ପାଇଁ ବଳଦକୁ ଭଡ଼ାରେ ନିଅନ୍ତି । ସନ୍ଧ୍ୟାବେଳକୁ କିଏ ଚାଉଳ ତ କିଏ ପଇସା ଲୋକଟିକୁ ଦିଅନ୍ତି । ସେ ମଧ୍ୟ କିଛି ଭିକ୍ଷା ବୃତ୍ତି କରିବାକୁ ଯାଏ । ମାଲିକ ଆଉ ବଳଦ ତାଙ୍କ କାମକୁ ବାହାରିଗଲାପରେ କୁକୁରଟି କୁଡ଼ିଆ ଜଗି ରହିଥାଏ ।

ଧୀରେଧୀରେ ଲୋକଟି ସହ ବଳଦ କୁକୁର ସମସ୍ତେ ବୁଢ଼ା ହେଲେ । କାମ ତ କରି ପାରନ୍ତିନି ଆଉ ରୋଜଗାର କେଉଁଠୁ ଆସିବ ଯେ ବଳଦକୁ ଦାନା ଯୋଗାଇ ହୃଷ୍ଟପୃଷ୍ଟ କରିବ । ଭିକ୍ଷାବୃତ୍ତିରୁ ଯାହା ମିଳେ ନିଜେ ଖାଇ କୁକୁରକୁ ଦିଏ ଆଉ ହଡ଼ାକୁ ପେଜଟିକେ ଦେଇ ତା ପିଠିକୁ ଆଉଁଠି କହେ ବାବାରେ ମୁଁ ବୁଢ଼ାକୁ ତୁ ହଡ଼ା । କୁକୁରଟି ଖାଲି ତା ପାଟିଟା ଅଛି ସିନା ଆଉ କିଛି କରିପାରୁନି । ତୁ ଯଦି ଚାହୁଁଛୁ, ଅନ୍ୟଆଡ଼େ ଯା ମୋ ପାଖରେ କାହିଁକି ଭୋକ ଉପାସରେ ପଡ଼ି ରହିବୁ ? ହଡ଼ାଟି କହିଲା – ମାଲିକେ, ସୁଖବେଳେ ପଡ଼ି ରହିଲି, ଆଉ ଏ ବୁଢ଼ା ବେଳେ ତୁମକୁ ଛାଡ଼ି କୁଆଡ଼େ ଯିବି । ମୁଁ ତୁମ ପାଖରେ ଋଣୀ ହୋଇ ଯିବିନି । ତିନିଜଣ ଯାକ ନିଜ ନିଜ ଭିତରେ ଦୁଃଖ ସୁଖ ବଣ୍ଟାବଣ୍ଟି ହୋଇ ବିଶ୍ରାମ ନିଅନ୍ତି ।

ସେହି ଦେଶରେ ଜଣେ ରାଜା ଥିଲେ । ରାଜାଙ୍କର କାମ ପ୍ରଜା ପାଳିବା, ଦେଶ ରକ୍ଷା କରିବା । ଆଉ ଚିର ବିନୋଦନ ପାଇଁ ନାନା ପ୍ରକାର ପ୍ରତିଯୋଗିତା କରନ୍ତି, କବିମାନଙ୍କୁ କିମ୍ବା ପଣ୍ଡିତମାନଙ୍କୁ ଡାକି ମଧ୍ୟ ପ୍ରତିଯୋଗିତା କରନ୍ତି । ସର୍ତ୍ତ ଅନୁଯାଇ ବିଜେତାମାନଙ୍କୁ ଟଙ୍କାସୁନା ପୁରସ୍କାର ଦିଅନ୍ତି । ତାଙ୍କର ଗୋଟିଏ ବଳୁଆ ହାତୀ ଥିଲା । ରାଜା ଦିନେ ଘୋଷଣା କଲେ – ମୋ ହାତୀକୁ ଯିଏ ପରାସ୍ତ କରିଦେବ, ସେ ଶହେ ସୁନା ମୋହର ପୁରସ୍କାର ପାଇବ । ଏ କଥା ରାଜ୍ୟସାରା ଘୋଷଣା ହେବାପରେ ବହୁତ ନିଜର ଘୋଡ଼ାହାତୀ ନେଇ ଆସି ପ୍ରତିଯୋଗିତା କରି ପରାସ୍ତ ହୋଇ ଫେରିଲେ, କେତେ ଘୋଡ଼ାହାତୀ ମଧ୍ୟ ପ୍ରାଣ ହରାଇଲେ ।

ରାଜ୍ୟ ସାରା ପରାସ୍ତ ହେଲାରୁ ସମସ୍ତେ ହାୟ ହାୟ କଲେ । ରାଜା ମଧ୍ୟ ଦୁଃଖ ପ୍ରକାଶ କଲେ, କାରଣ ମୋ ଦେଶରେ ପଶୁଠାରୁ ମଣିଷ ପର୍ଯ୍ୟନ୍ତ କେହି ଜଣେ ବଳୁଆ ନାହାନ୍ତି । ଧିକ ଧିକ୍ ମୋ ରାଜ୍ୟ । ଏହି କଥା ଶୁଣି ହଡ଼ା ଓ କୁକୁର ଆଗରେ ସେ ଲୋକଟି ସବୁକଥା କହିଲା । ହଠାତ୍ ହଡ଼ା ଉଠି ପଡ଼ି କହିଲା ମାଲିକେ ମୁଁ ସେ ହାତୀ ସହିତ ଲଢ଼ିବି । ତୁମେ ଯାଇ ରାଜାଙ୍କୁ ଏହି ସମ୍ବାଦ ଦିଅ । ଏକଥା ଶୁଣି ମାଲିକ ସହ କୁକୁର ମଧ୍ୟ ହସିହସି ଗଡ଼ିଗଲେ । କାଣି ଆଙ୍ଗୁଠିରେ ପେଲିଦେଲେ ଯେଉଁ ହଡ଼ା ମରିଯିବ ସେ ପୁଣି କହୁଛି ହାତୀ ସାଙ୍ଗରେ ଲଢ଼ିବ । ସେ ପୁଣି ବଳୁଆ ହାତୀ ସାଥିରେ । ମାଲିକ ହସିହସି କିହଲା – ନାହିଁରେ ହଡ଼ା, ତୁ ମୋର ଏଇଠି ପ୍ରାଣ ବିସର୍ଜନ କଲେ ମୁଁ ତୋର ସଂସ୍କାର କରିବି । କିନ୍ତୁ ମୋ ଆଖିଆଗରେ ତୋତେ ସେ ହାତୀ ଗୋଡ଼ରେ ଦଳି ଚକଟି ମାରିଦେବ ଏକଥା ମୁଁ ଦେଖି ପାରିବିନି କି ସହି ପାରିବିନି ।

ହଡ଼ା କହିଲା – ମାଲିକେ ମୋ କଥାମାନ ରାଜାଙ୍କୁ କୁହ, କହିକି ନେହୁରା ହେବାରୁ ଲୋକଟି ଯାଇ ରାଜାଙ୍କୁ କହିଲା । ରାଜା ମୁରୁକେଇ ହସି କହିଲେ ହଡ଼ାକୁ ଆଉ ପୋଷି ପାରୁନୁ ତ ତେଣୁ ଏଠି ମରିଗଲେ କାମ ଶେଷ । କୌତୁହଳ କରି କହିଲେ । ହଉ ତୁ କାଲି ଗାଧୋଇ ପାଧୋଇ ଚିତା ଚଇତନ କାଟି ସାଂଗରେ ହଡ଼ାକୁ ଧରିଆ । କିଏ ଅଛରେ ରାଜ୍ୟରେ ଘୋଷଣା କରିଦିଅ, କାଲି ହଡା ସାଂଗରେ ହାତୀର ଖେଳ ହେବ । ରାଜ୍ୟ ସାରା ପ୍ରଚାର ହେବାପରେ ରାଜ୍ୟବାସୀଙ୍କୁ କୌତୁହଳ ଲାଗିଲା । ବହୁତ ଲୋକ ସମାଗମ ହେଲେ ଏ ଦୃଶ୍ୟ ଦେଖିବାକୁ । ଲୋକଟି ହଡ଼ାକୁ ଯେମିତି ଖେଳ ପଡ଼ିଆକୁ ଆଣିଛି, ଲୋକମାନେ ନାନାପ୍ରକାର ଥଟ୍ଟା ମଜା କଲେ, ହଡ଼ାଟି ନିର୍ଭୀକ ହୋଇ ଠିଆ ହୋଇଛି ।

ହାତୀ ଆସିବାର ସମୟ ହେଲା । କରତାଳି ସହ ବିଗୁଲ ମଧ୍ୟ ବାଜିଲା । ହାତୀ ବୀରଦର୍ପରେ ହଲିହଲି ଝୁଲି ଝୁଲି ପଡ଼ିଆକୁ ପ୍ରବେଶ କଲାକ୍ଷଣି ହଡ଼ାଟି ତାକୁ ପଛ କରି ଠିଆ ହେଲା । ହାତୀ ରାଗିଯାଇ ତା ଥୋଡ଼ିରେ ହଡ଼ାକୁ ବୁଲାଇ ଦିଅନ୍ତେ ହଡ଼ା ବୁଲିପଡ଼ି ଯେମିତି ହାତୀକି ଚାହିଁଛି, ହାତୀ ଲାଙ୍ଗୁଳ ଜାକି ଜାକି ପଳାଇଲା ।

ବଣିକ ମାନେ ସ୍ତବ୍ଧ ହୋଇ ଏ ବିସ୍ମୟକର କଥାକୁ ଦେଖୁଥାଆନ୍ତି । ରାଜା ଉଠି ଆସିଲେ ଶହେ ସୁନା ମୋହର ଧରି । ହଡ଼ା ମାଲିକକୁ ଥଳିଟି ବଢ଼ାନ୍ତେ ଲୋକଟି ଥଳି ଧରି ସମସ୍ତଙ୍କୁ ଦେଖାଇଲା ଆଉ କହିଲା ମୋର ଗୋଟିଏ ସର୍ତ୍ତ ଅଛି । ମୁଁ ଏ ସୁନା ଥଳିକୁ ରାଜାଙ୍କ ପାଖରେ ରଖିବି । ଗୋଟିଏ ମୋହର ନେଇ ଆମେ ତିନୋଟି ବୁଢ଼ା ଚଳିବୁ । ସରିଗଲେ ପୁଣି ଆସି ଗୋଟିଏ ନେବି । କାରଣ ଚୋର ତସ୍କରଙ୍କର ଅଭାବ ନାହିଁ । ସେମାନେ ଆଜି ରାତିରେ ଆସି ଆମକୁ ମାରି ସବୁ ନେଇଯିବେ । ରାଜା ମଧ୍ଧ ଧର୍ମକୁ ସାକ୍ଷୀ ରଖି ସୁନା ଥଳିରୁ ଗୋଟିଏ ବାହାର କରି ଲୋକଟିକୁ ଦେଲେ । ଲୋକଟି ଆନନ୍ଦରେ ହଡ଼ାକୁ ଧରି ଘରକୁ ଫେରିଲେ ।

ଘରେ ଆସି ହଡ଼ାକୁ ପଚାରିଲା – ହଇରେ ହଡ଼ା ତୋତେ ଦେଖି ସେ ବଲୁଆ ହାତୀ ଲାଙ୍ଗୁଳ ଜାକି କାହିଁକି ପଳାଇଲା ? ହଡ଼ା କହିଲା – ସେ ହାତୀଟା ଥିଲା ପୂର୍ବ ଜନ୍ମରେ ସତୁରା ଗୁଡ଼ିଆ । ଗୁଣ୍ଡାଗିରି କରି ଟଙ୍କା ପଇସା ଠକି ଖାଏ । ମୁଁ ଥିଲି ସତିଆ ସାହୁ । ମୋ ଠାରୁ ଟଙ୍କା କରଜ କରି ସୁଝିଲାନି । ଯେତେ ମୁଁ ତାର ଦ୍ୱାରସ୍ଥ ହୁଏ, ସେ ବିଭିନ୍ନ ଆଳ ଦେଖାଇ ମୋତେ ଠକେ । ଏମିତି ଠକି ଠକି ସେ ମରିଗଲା । ଏବେ ହାତୀ ଜନ୍ମ ପାଇଛି ଆଉ ମୁଁ ବଳଦ ଜନ୍ମ ପାଇଛି । ସେ ମୋତେ ଯେମିତି ଦେଖିଛି, କାଳେ ମୁଁ ତାକୁ ଟଙ୍କା ମାଗିବି ସେଇଥିପାଇଁ ଏକମୁହାଁ ହୋଇ ପଳାଇଲା । କରଜ କରିବା ନଶୁଝିବା ମହାପାପ । କଥାରେ କହନ୍ତି ଋଣ ନ ଶୁଝିଲେ ଲଙ୍କା ଗଛ ହୋଇ ଶୁଝିବ – ବୁଢ଼ା କହିଲା । ଆଚ୍ଛା ତୁ କେମିତି ଜାଣିଲୁ ରାଜାଙ୍କ ହାତୀ ଶତୁରା ଗୁଡ଼ିଆ ବୋଲି ? ହଁ, ଦିନେ ତୁମେ ନଥିଲା ରାଜା ଏଇ ହାତୀକୁ ସଜାସଜି କରି ଗ୍ରାମକୁ ବୁଲି ଆସିଥିଲେ । ମୁଁ ବାଜା ଶବ୍ଦ ଶୁଣି ଉଠି ପଡ଼ିଲି । ତାକୁ ଯେମିତି ଦେଖିଛି ମୁଁ ଚିହ୍ନି ପାରିଲି ଏ ହେଉଛି ଶତୁରା ଗୁଡ଼ିଆ । ସେ ମୋତେ ଯେମିତି ଦେଖିଛି ଶୀଘ୍ର ଶୀଘ୍ର ପାହୁଣ୍ଡ ପକାଇ ଚାଲିଗଲା । ମୁଁ ସେଇଦିନ ଜାଣିଲି ଏ ଶତୁରା ରାଜା ପାଖେ ରହି ଭାରି ଫୁଟାଣି ଦେଖାଉଛି । ରହ ତୋତେ ଦେଉଛି, ବୁଢା ହଡ଼ାକୁ କହିଲା – ସାବାସ୍ ହଡ଼ା ଭଲ ଶିକ୍ଷାଟି ତୁ ଜଗତକୁ ଦେଲୁ ।

ସବୁ କଥା ଶୁଣି ବୁଢ଼ା କୁକୁର ଭାବିଲା – ମୁଁ ମୋ ମାଲିକର ବହୁତ ଋଣୀ ହେଲିଣି । ମୁଁ କିଛି ଉପକାର କରିବି ଭାବି ରାତିରେ ଶୋଇଲି । ବୁଢ଼ା ସୁନା ମୋହର ପାଇଛି ବୋଲି ଜାଣି ଜଣେ ଚୋର ବୁଢ଼ା କୁଡ଼ିଆରେ ପଶିଲା । ବୁଢ଼ାର ତ ବାକ୍ସ ନାହିଁ । ସେ ତା ମାଣ୍ଡିଭିତରେ ରଖିଛି । ଚୋର ଯେମିତି ପଶିଛି କୁକୁରଟି ଜୋରରେ ଭୁକିଲା । ଚୋର ଗାମୁଛାଟିଏ ପିନ୍ଧି ଆସିଥିଲା । କୁକୁର ଦଉଡ଼ି ଦଉଡ଼ି ତା ଗାମୁଛାକୁ କାମୁଡ଼ି ଧରିଲା । ଚୋର ଅତରଛାନିଆ ଦଉଡ଼ିଲା । ତା’ ଗାମୁଛାଟା କୁକୁର ପାଟିରେ ରହିଲା । ଚୋର ଲଙ୍ଗଳା ହୋଇ ପଳାଇଲା । ବୁଢ଼ା ସେ ଗାମୁଛାଟି ଧରି ରାଜାଙ୍କ ନିକଟକୁ ଯାଇ ଗୁହାରୀ କଲା । ରାଜାଙ୍କ ରକ୍ଷୀମାନେ ଅନୁସନ୍ଧାନ କରି ଧରି ଆଣିଲେ ଏବଂ କୁକୁରକୁ କହିଲେ – ଏତେ ଲୋକ ଭିତରେ ଚୋର କିଏ ତୁମେ ଧର । କୁକୁରଟି ଗାମୁଛାକୁ ଶୁଂଘି ଜଣେ ଲୋକକୁ ଯାଇ କାମୁଡ଼ି ଧରିଲା । ମାଡ଼ ଖାଇବାରୁ ଚୋର ମାନିଗଲା । କୁକୁର ପାଇଁ ରାଜା ବୁଢ଼ାକୁ ପୁରସ୍କାର ଦେଲେ । ତାଙ୍କ ରାଜ୍ୟରେ ଏପରି ସଚ୍ଚୋଟ ଲୋକ ଅଛନ୍ତି ଭାବି ରାଜା ଏ ତିନି ବୁଢ଼ାଙ୍କର ସମସ୍ତ ଦାୟିତ୍ୱ ବହନ କଲେ । ଏମାନେ ବହୁତ ଖୁସିରେ ଶେଷ ଜୀବନ କାଟିଲେ ।

ଗଣ୍ଡରପୁର, କଟକ ।

## ଏବଂ ଏଇଠି

- ଆନନ୍ଦ କୁମାର ମାଇତି

ଫୁଲଟି ଫୁଟିବା ଆଗରୁ ମଉଳି ଗଲା
ଏ କଥା ହୁଏତ ଗଛ ଆଗରୁ ଜାଣିଥିଲା
ଜାଣିଥିଲା ବୋଲି ତ ଏତେବଡ଼ ଘଟଣା ଘଟିଲା ।
ଆହୁରି ବି ଜାଣିଥିଲା
ତା ଫୁଲରେ ପୂଜା ପାଉଥିଲେ
ପୃଥିବୀର ଦୈତ୍ୟ ମାନେ ଆଉ
ଦେବତାମାନେ ଚୁମ୍ବନ କରୁଥିଲେ ଅନାଘ୍ରାତ ।
କିନ୍ତୁ ଏଥିରେ ଗଛର କି ଅଭିଜ୍ଞତା
ସେ କି ନାଲିସ କରିଥିବ
ଅବଶୋଷ ମେଣ୍ଟେଇବାକୁ ଆସୁଥିବା
ଆଉ ଘଡ଼ିକୁ ରହି ଫେରୁଥିବା
ଭଦ୍ର ଭ୍ରମର ମାନଙ୍କ ସହିତ ?
ଏ ସବୁ ଗଣମାଧ୍ୟମ ଘଟଣା
କିଛି ଘଟିଲେ ତାଙ୍କ କ୍ୟାମେରା ଆଖିରେ
ସମ୍ବାଦର ଭିଡ଼ ଛୁଟି ଯାଏ ।
ଫୁଲଟି ଦେହରୁ କେତେ ଜାତି
ଉତୁରି ପାରିଛି ଭ୍ରମର ଦଳ
କେତେଟା ରକ୍ତ ନିଗାଡ଼ି ପାରିଛି ସର୍ବାଙ୍ଗରୁ
ଆଉ ମଧୁ ନିଷ୍କାସନ ବେଳେ
ଫୁଲ କାହିଁକି ଅନେଇ ଦେଖୁଥିଲା ଆକାଶ ।
ଫୁଲ ଆଉ ମାଳି ଭିତରେ ପାର୍ଥକ୍ୟ କେତେ
ଅଜରା ମାଳି ଟା
ଗଧ ଖଟଣି ଖଟିଖଟି ପାଣି ଦିଏ
ନିଜ ପାଇଁ କେତେକ ନିଏ ଯେ
କୁଟୁମ୍ବକୁ ସମୁଦ୍ରେ ସଂଖେ
ଦୁଃଖର ବଡ଼ ପଣିଆରେ
ସିକାରେ ମୁଣ୍ଡ ପୁରେଇ
ନିଜକୁ ଟାଙ୍ଗୀ ଦିଏ ସେଇ ଗଛ ଡାଳରେ ।

ଏରସମା, ଜଗତସିଂହପୁର ।

## ପରିବେଶ

- ବାସନ୍ତି ଲତା ଜେନା

ପରିବେଶ ଶୋଭା ଉଭିଦ ହୁଅଇ
ମାନବ କରୁଛି ନଷ୍ଟ
ପ୍ରଗତିର ନାମ ବୈଜ୍ଞାନିକ ଦିଏ
ଗଛ କାଟି ପଥ ଭ୍ରଷ୍ଟ ।
ଶିଳ୍ପ କାରଖାନା ଗଢ଼ି ଉଠୁ ଅଛି
ଜଙ୍ଗଲକୁ ନଷ୍ଟ କରି
ବାୟୁମଣ୍ଡଳରେ ଧୂଳି ଧୂଆଁ ପୂର୍ଣ୍ଣ
ଅମ୍ଳଜାନ ଯାଏ ସରି ।
ରାସାୟନିକ ସାର କୃଷକ ପକାଇ
ବହୁତ ଅମଳ କରେ
କାରଖାନା ଜଳ ନଦୀ ନାଳେ ଛାଡ଼ି
ଜଳକୁ ଦୂଷିତ କରେ ।
ସରଗ ସୁଷମା ଏ ମର୍ତ୍ତ୍ୟରେ ଥିଲା
ଆଜି ଭରି ଯାଏ ବିଷ
ବୃକ୍ଷ ତ ବଞ୍ଚିଲେ ମଣିଷ ବଞ୍ଚିବ
ନହେଲେ ଜୀବନ ଶେଷ ।
ସୁସ୍ଥ ପରିବେଶ ଗଢ଼ିବା ପାଇଁ କି
ବୃକ୍ଷ ଲଗାଇବା ଭାଇ
ହାତକୁ ହାତ ଯେ ମିଶାଇଣ ଦେବା
ପାଦପ ସୁରକ୍ଷା ପାଇଁ ।
ପରିବେଶ ରକ୍ଷା ଜୀବନ ସୁରକ୍ଷା
ଏକଥା ମନେ ରଖିବା
ଶିଶୁଟିଏ ପରି ଗଛଟିର ଯତ୍ନ
ନିତି ଆମେ ନେଉଥିବା ।
ପ୍ରକୃତି ହସିଲେ ମଣିଷ ହସିବ
ରୋଗ ବ୍ୟାଧି ହେବ ନାହିଁ
ଦୈବୀ ଦୁର୍ବିପାକ ଦୂରେଇଣ ଯିବ
ଏ କଥାକୁ ଭୁଲ ନାହିଁ ।

ଗାନ୍ଧୀନଗର, ନବରଙ୍ଗପୁର ।

## ଯୋଗ

- ଶିଶୁ କବି ରୁଦ୍ରରୂପା ବ୍ରହ୍ମା

ନିରୋଗ ଶରୀର ପ୍ରସନ୍ନ ମନ
ସୁସ୍ଥ ଜୀବନର ରାହାଟି ।
ସ୍ୱାସ୍ଥ୍ୟଟି ଆମର ମୁଖ୍ୟ ସମ୍ପଦ
ତାହାର ଯତନ ନିଅଟି ।
ରୋଗ ବ୍ୟାଧି ଜମା ନାହିଁ ଭୟ
ଡାକ୍ତରୀ ଔଷଧ ଦୂରେଟି ।
ନିରୋଗ ଜୀବନ ବଞ୍ଚିବା ପାଇଁ
ସବୁଦିନ ଯୋଗ କରଟି ।
ଯୋଗକଲେ ଭୋଗ ଆପେ ମିଳିବ
ଦୁଃଖ କଷ୍ଟ ତିଳେ ନାହିଁଟି ।
ସୁଖ ଶାନ୍ତିରେ ଜୀବନ ସଜାଇ
ଉନ୍ନତି ପଥରେ ବଢ଼ଟି ।
ଯୋଗ ଦିବସରେ ଶପଥ ନିଅ
ସର୍ବଦା ନିରୋଗ ରୁହଟି ।
ଯୋଗ ବଳରେ ଭାରତକୁ ଆମ
ରୋଗମୁକ୍ତ ରାଷ୍ଟ୍ରେ ଗଢ଼ଟି ।
ପ୍ରାଚୀନ ମୁନିଙ୍କ ପ୍ରାଚୀନ ଶିକ୍ଷା
ପୁରୁଣା ଜମାରୁ ନୁହେଁଟି ।
ଆମ ଜୀବନେ ସଦା ଆବଶ୍ୟକ
ସାଦରେ ଗ୍ରହଣ କରଟି ।

ସପ୍ତମ ଶ୍ରେଣୀ,
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ପିତାତଳି, ଚିକିଟୀଗଡ଼, ଗଞ୍ଜାମ ।

## କେଉଁଠି ଜାଳିବି ଦିହୁଡ଼ି

- ସଂଜୀବ କୁମାର ଦାଶ

ଭାବୁଛି......
କେଉଁଠି ଜାଳିବି ଦିହୁଡ଼ି !
ପୁଞ୍ଜା ପୁଞ୍ଜା ବିଜୁଳି ଆଲୁଅରେ ଝଲମଲ
ଆଲିଶନ କୋଠାରେ ନା
ବସ୍ତିର ସେଇ ଅରମାଗଦା ଅଳିନ୍ଦରେ ?
ବଡ଼ବଡ଼ିଆଙ୍କ ନାମିଦାମୀ ପାର୍ଲରରେ
ଅବା ଥର ଥର ଭୋକିଲା ହାତର
ଲୋଟାକୋଟା ଶୂନ୍ୟ ତାଟିଆରେ... ?
ଉଷୁମଥିବା ମୁଲାୟମ ଶେଜ ଉହାଡ଼ରେ
ନା କାଲୁଆପବନଜଡ଼ା ଫଟାମସିଣାରେ
ଯା'କୁ କେହି ଆଦରିଛି ରାଜରାସ୍ତା କଡ଼େ ? ?
ସଫଳ ପ୍ରୀତିର ଗରମ ନିଃଶ୍ୱାସରେ ନା
କେଉଁ ପତିତାର ଛିଣ୍ଡା ହୃଦତନ୍ତ୍ରୀ ପାଶେ
ଭଙ୍ଗାକାଚ ପ୍ଲାଷ୍ଟିକ ପାହାଡ଼ ଗଳିରେ ବା
ବେଢ଼ଙ୍ଗଫ୍ୟାସନର ଉନ୍ମୁକ୍ତ ବଜାରରେ ?
ଗହଳିର ବୁକୁଫଟା ବିକଟ ଚିତ୍କାରରେ
ନା ଶାନ୍ତିର ସେଇ ଅନ୍ତିମ ବିଦାୟୀ କ୍ଷଣିରେ ?
ଭାବୁଛି....
କେଉଁଠି ଜାଳିବି ମୋ ଦପଦପ ଦିହୁଡ଼ି ! !

ପ୍ରାଧ୍ୟାପକ, ପଦାର୍ଥବିଜ୍ଞାନବିଭାଗ,
ଦେବଗଡ଼ ମହାବିଦ୍ୟାଳୟ ।

## ବନ୍ଧୁତାର ପ୍ରତୀକ ତୁମେ

- ପ୍ରିୟଙ୍କା ପ୍ରିୟଦର୍ଶିନୀ ବାଉଳ

ପ୍ରକୃତରେ ବନ୍ଧୁ ଯିଏ
ଦେଖେ ନାହିଁ ଧନୀ ଦେଖେନି ଗରିବ
ଦେଖେ ନାହିଁ ଉଚ୍ଚ ନୀଚ
ଏସବୁ ତ ପ୍ରଭୁ ତୁମେ ନିଜେ ଗଢ଼ିଛ ।
ବନ୍ଧୁତା ନିକଟେ ଲୋଡ଼ା କରେନାହିଁ
ଧନ ରତ୍ନ ରାଜମହଲ
ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣ
ବାନ୍ଧିଥିଲେ ବନ୍ଧୁ ପ୍ରେମେ ସୁଦାମାଙ୍କୁ
ଲଙ୍ଘିଥିଲେ କେତେ ଦୂର ପଥ
ପ୍ରଭୁ ତୁମ ପାଖେ ପହଞ୍ଚିବାକୁ
ତୁମରି ପାଖରେ ପହଞ୍ଚୁ ପହଞ୍ଚୁ
ଦେଖି ନେଇ ଯେବେ ତୁମେ
ଅତି ତତ୍ପର ହୋଇ ପାଛୋଟି ନେଇ
ବସାଇଲ ତୁମ ରାଜସିଂହାସନେ
ପୂଜା କଲ ପୁଷ୍ପ ଚନ୍ଦନ ଦେଇ
ପଦ ଯୁଗଳକୁ ଧୌତ କରିଦେଲ
ଅଶ୍ରୁ ତୁମ ଢାଳି ଦେଇ
ବାଲ୍ୟ ସଖା ସହ ବନ୍ଧୁତା କରିଲ
ଯୁଗ ଯୁଗ ପାଇଁ ପାଲଟିଗଲ
ବନ୍ଧୁତାର ପ୍ରତୀକ ତୁମେ ।

ଧର୍ମଶାଳା, ଯାଜପୁର ।

## ସରଗ ଆଖିରେ ଲୁହ ଜକେଇଲା.....

-ରତ୍ନାକର ରାଉତ

ସରଗ ଆଖିରେ ଲୁହ ଜକେଇଲେ
ମରତେ ଆନନ୍ଦ ଖେଳେ
ଆକାଶ ବୁକୁରେ ବିଜୁଳି ଖେଳିଲେ
ଆଶାର ଦୀପାଳି ଜଳେ
କଳାଶାଢ଼ୀ ପିନ୍ଧି କାଶତଣ୍ଡୀ ମେଘ
ଯେବେ ସାଜେ ବଧୂ ବେଶ
ପଟୁଆର ଦେଖି ଚାଷୀପୁଅ
ଓଠେ ଫୁଟିଉଠେ ଧାରେ ହସ ।
ବାଣ ରୋଷଣୀରେ ଚମକଇ ଚଉଦିଗ
ଭାରି ଏ ବିଷମ ନିଦାଘ ସମୟ ଶେଷେ
କାଲୁଆ ପବନ ଛୁଇଁ ଛୁଇଁ ଯାଇ
ସଭିଙ୍କ ଅନ୍ତରେ ଆନନ୍ଦ ଖେଳାଏ
ମେଘୁଆ ମେଘୁଆ ପାଗ
ତରକା ପାଣିରେ ଲୁଚଇ ଘିମିରି ଦାଗ ।
ମଲା ଶେଯପରୁ ଦୁବ ହସେ ଖିଲି ଖିଲି
ଖୋଲା ପଡ଼ିଆରେ ନାଗନାଗୁଣୀଙ୍କ ଅଭିସାର ଚାଲେ
ସାରୁ ବୁଦାମୂଳୁ ରହିରହି ଶୁଭେ
ବେଙ୍ଗ ବେଙ୍ଗୁଲିଙ୍କ ରଡ଼ି
ସବୁଜ ଘାସର ଗାଲିଚା ଉପରେ
ଲାଗି ରହିଥାଏ ସାଧବ ବୋହୂଙ୍କ ମେଳି ।
ଦୂର ଗଗନରେ ଇନ୍ଦ୍ରଧନୁର ଛବି
ମନ ମୋହିନିଏ ନିମିଷକ ପାଇଁ
ମେଘ ସୂରୁଜର ଲାଗିଥାଏ ଲୁଚୁକାଳି
କେତେବେଳେ ଖରା କେତେବେଳେ ଛାଇ
କେବେ କେବେ ବର୍ଷା ଅସରା ଅସରା
ଆଉ କେବେ ପୁଣି ଟୋପାଟିଏ ପାଣି
ଆକାଶରୁ ଝରେ ନାହିଁ ।

କ୍ୱାଟର ନମ୍ବର - ସି-୭
ୟୁନିଟ - ୯
ଭୁବନେଶ୍ୱର ।

## ପ୍ରିୟା ତୁମେ ମୋର କେତେ ଦୂରେ

- କବୟତ୍ରୀ ମନୋରମା ମହାନ୍ତି

ପ୍ରିୟା ତୁମେ ମୋର କେତେ ଦୂରେ
ତୁମ କଥା ବେଶି ମନେ ପଡ଼େ
ତୁମେ ଅଛ ସିନା ବହୁ ଦୂରେ
ମତେ ଲାଗ ତୁମେ ହୃଦୟରେ ।
ତୁମ କଥା ବେଶି କାଇଁ ଏତେ ମନ ପଡ଼େ
ଛାଡ଼ି ରହିଗଲ ବିଦେଶରେ ଦେଖୁଅଛି ନୀତି ସପନରେ ।
ସ୍ମୃତି ଝଲସଇ ନୟନରେ
ପ୍ରୀତି ଖୋଜେ ପ୍ରାଣ ପ୍ରଣୟରେ
ଚୁମ୍ବନ ଦିଏ ତୁମ ଚିତ୍ରପଟରେ
ଆଲିଙ୍ଗନ କରେ ଭାବନାରେ
ତୁମ ପ୍ରେମକୁ ଝୁରି ମରେ
ଆସିବ ଆଉ କେଉଁ ବେଳରେ
ଉପହାର ଦେଇଥିଲ କରେ
ରଖିଛି ତାକୁ ମୁଁ ମନ ସିନ୍ଦୁକ କରେ ।
ବାତୁଳ ପରା ଏ ତୁମକୁ ଝୁରେ
ଦିବା ନିଶି ମୋର ଲୁହ ଝରେ
ଆସି ଯାଆନ୍ତ ସତ ସତରେ
ଖୁସିରେ ଚୁମନ୍ତି ତୁମ ଶିରେ
ବାନ୍ଧି ନିଅନ୍ତି ବାହୁ ବନ୍ଧନରେ
ଲୋଟି ପଡ଼ନ୍ତି ତୁମ ବକ୍ଷରେ ।
ପ୍ରଭୁ ଚରଣରେ ପ୍ରାର୍ଥନା କରେ
ଫେରି ଆସ ତୁମେ ଶୁଭ ଶୁଭରେ ।
ତୁମ ପାଦ ପଡ଼ିଲେ ଅଗଣାରେ
ପୁଷ୍ପ ବରଷୀବ ମୋ ସ୍ୱଗୃହରେ
ମଧୁ ମଳୟ ବହିବ ରାତ୍ରରେ
ପ୍ରୀତି ଭରି ଯିବ ହୃଦୟରେ
ତୁମେ ବହୁ ଅଛ ସ୍ପନ୍ଦନରେ
ରହିପାରୁନାହିଁ ତୁମ ଠାରୁ ଦୂରେ ।

ପାରାଦ୍ୱୀପ, ଜଗତସିଂହପୁର ।

## କାନ୍ଦେ ଭୂମିମାତା

- ବନ୍ଦନା ମହାପାତ୍ର

କାନ୍ଦେ ଭୂମିମାତା ଦୁଃଖେ ପିଟି ମଥା
ଶୁଣରେ ଆର୍ଯ୍ୟସନ୍ତାନ
ମାନବ ହୋଇ ତୁ ଦାନବ ସାଜିଛୁ
ସ୍ୱାର୍ଥରେ ହେଲୁ ବିଲୀନ ।
ଭୁଲି ତୁ ପ୍ରକୃତି ଚିନ୍ତା
ଯାହା ଲାଗି ଆଜି ଜୀବନ ତୋଳିଛୁ
ତା ଠାରେ କରୁ ଅହନ୍ତା
ଉଜୁଡ଼ି ଯାଉଛି ସୁସ୍ଥ ପରିବେଶ
ସଜାଡ଼ିବୁ ଆଉ କେବେ
ବେଳ ଥାଉ ଯେବେ ସତର୍କ ନୋହିଲେ
ବିନାଶ ହୋଇବ ସର୍ବେ ।
ଅଗ୍ନିବର୍ଷା ତାପେ ଜାଳୁଛି ମୋ ଦେହ
ଛାଇ ପାଇଁ ମୁଁ ବାଉଳି
ତାତି ପବନରେ ସହି ପାରୁନାହିଁ
ଦେହ ମୋ ଯାଉଛି ଜଳି ।
ଜଙ୍ଗଲ ଥିବାରୁ ବର୍ଷା ହେଉଥିଲା
ବୃକ୍ଷ ହିଁ ରଖିଛି ପ୍ରାଣ
କାରଖାନା ଧୂଆଁ ବିଷାକ୍ତ ଗ୍ୟାସରେ
ଜୀବନ ଅତି ବିପର୍ଣ୍ଣ ।
ଅମ୍ଳଜାନ ବିନା ପ୍ରାଣ ନ ରହିବ
ଦୁର୍ଦ୍ଦିନ ଆସିବ ଘୋଟି
ହେ କଳି କରାଳ ଡାକୁଛୁ ମୃତ୍ୟୁକୁ
ନାହିଁ ତିଳେ ଭୟ ଭ୍ରାନ୍ତି ।
ଦୁର୍ଭିକ୍ଷ ପଡ଼ିବ ମହାବାତ୍ୟା ହେବ
ଆସୁଛି ବିପଦ ମାଡ଼ି
ଧ୍ୱଂସ ଅନିବାର୍ଯ୍ୟ ଶୁଣ ବିରଆର୍ଯ୍ୟ
ପ୍ରକୃତି ଦିଅ ସଜାଡ଼ି ।
କହୁଛି ତୁହାଇ ସ୍ନେହ ଶାନ୍ତି ଦେଇ
ରକ୍ଷା କର ପରିବେଶ
ଗଛ ଲଗା ଧାଡ଼ି ଜଙ୍ଗଲ ବଞ୍ଚାଅ
ଜୀବନ କର ସରସ ।

ବ୍ରହ୍ମପୁର, ଗଞ୍ଜାମ ।

## ସର୍ତ୍ତ

- ମନୀଷା ବିଶ୍ୱାଳ

ତୁମେ ମାଗିଲ
ମୋ ଭାଗର ସମୟ
ମୁଁ ରାଜି ନହେଲେ ବି ଅରାଜି ନଥିଲି
ଅଜାଡ଼ିନି ଦେଲି ସମୟର ଧାନବସ୍ତା..
ଦେଖି ଚାହିଁ ଖର୍ଚ୍ଚ କରିବ
ସାଇତି ରଖିଥିବ ଆରସନ ଦୁର୍ଭିକ୍ଷ ପାଇଁ ।
ତୁମେ ମାଗିଲ
ମୋ ଅଗଣାର ଜାଗା ସବୁ
ଉତ୍ତର ନଦେଲେ ବି ମନା କରିନି
ଓଳେଇଦେଇ ପୋଛି ଦେଲି
ଅଗଣାର ମୁହଁ
ବିଶ୍ୱାସର ସିମେଣ୍ଟ ଦେଇ ଘର ତୋଳିଦେବ ।
ତୁମେ ମାଗିଲ
ମୋ ଆଖିର ଲୁହଟୋପା ଯେତକ
ତା ପରେ ଆଉ ଗଡ଼େଇନି କି ପୋଛିନି
ଭରିଦେଇଛି ଆଞ୍ଜୁଳାରେ ଆଞ୍ଜୁଳେ ଲୁହ
ନିଅ ଧୋଇଦେବ ତୁମ
କଳଙ୍କିତ ଅତୀତ
ଭସେଇଦେବ ଯନ୍ତ୍ରଣାକୁ ପ୍ଲାଷ୍ଟିକ ବୋତଲରେ ।
ତୁମେ ମାଗିଲ
ମୋ ଓଠର ତୃଷ୍ଣା
ଟିକେ ଅପେକ୍ଷା କର କହି
ପିଆଇଦେଲି ତୁମକୁ
ତୃଷ୍ଣା ଯେ ପାଲଟେ ସଂଘର୍ଷର ମୁଖଦ୍ୱାର
ତେଣୁ ପିଇ ଦେବନି
ସେ ଆଗ୍ନେୟଗିରିର ଲାଭା
ପିଇବନି ନର୍ଦ୍ଦମାରୁ ବହି ଆସୁଥିବା ମିଛ ଶବ୍ଦ ଗୁଡ଼ିକୁ ।
ତୁମେ ମାଗିଲ
ମୋ ଅନନ୍ତ ପ୍ରତୀକ୍ଷା
ଅମଙ୍ଗ ନହେଇ ପୁଣି ପଛକୁ ଫେରିଯାଇଛି
ପ୍ରତୀକ୍ଷାରେ ଗୁନ୍ଥି ଦେଇଛି
ଅନନ୍ତ ଆୟୁଷ
କଥାଦିଅ କରିବ ପ୍ରତୀକ୍ଷା ଚାତକ ସହ ମିଶି
ମୁଁ ମେଘ ସହ ମିଶି
ଝରିଲା ପର୍ଯ୍ୟନ୍ତ ।

ଖୋର୍ଦ୍ଧା ।

## ଯୋଗ : ଏକ ଐଶ୍ୱରିକ ଚେତନା

ପ୍ରଶାନ୍ତି ସ୍ୱାଇଁ

ଯୋଗ ହିଁ କର୍ମ ଯୋଗ ହିଁ ଧର୍ମ
ଯୋଗ ବିନା ଲାଗେ ସବୁ ଅକର୍ମ
ଯୋଗ ହିଁ ନିୟମ ଯୋଗ ହିଁ ଆସନ
ଯୋଗ ହିଁ ଧ୍ୟାନ ଯୋଗ ଜୀବନ ।
ଆସରେ ହୋଇବା ଯୋଗରେ ଯୋଗୀ
ଯୋଗେ ବଳେ ଆମେ ହେବା ନିରୋଗୀ
ଭୋଗୀ ହୋଇ ନିତ୍ୟ କରିବା ଯୋଗ
ବଦଳିବ ଆମ ଜୀବନ ଢ଼ଙ୍ଗ ।
ନିଜେ କରୁଥିବା ଅନ୍ୟକୁ କହିବା
ଆମର ସଂକଳ୍ପ ଆମେ ରଖିବା
ଯୋଗରେ ନିମଗ୍ନ ମନକୁ କରି
ଯୋଗ ରାଷ୍ଟ୍ର ଗଢ଼ି ଗର୍ବିତ ହେବା ।
ପ୍ରତିଦନ ଉପସ୍ଥିତ ରହିବା
ନିୟମାନୁସାରେ ଯୋଗ କରିବା
ବିନା ମେକପ୍‌ରେ ହୋଇବା ସୁନ୍ଦରୀ
ବୋଲାଇବା ଆମେ ପ୍ରାକୃତିକ ନାରୀ ।
କପାଲ୍‌ଭାତୀର ମହତ ଗୁଣ
ଏହାକୁ କେବେ ବି ନୀଚ ନ ମଣ
ନିତି କରୁଥିବା କପାଲଭାତୀ
ପୀଡ଼ାରୁ ମିଳିବ ନିଶ୍ଚେ ମୁକତି ।
ଶହେଟି ରୋଗରୁ ମୁକ୍ତ କରାଏ
ବିନା ପଇସାରେ ମନ କିଣି ନିଏ
ଅନୁଲୋମ ବିଲୋମ ନିତି କରିବା
ଶରୀରରେ ସୁସ୍ଥ ବାୟୁ ଭରିବା
ସୁସ୍ଥ ଶରୀରରେ ଅଛି ଶାନ୍ତ ମନ
ସେଥିରେ ସାତ୍ତ୍ୱିକ ବିଚାର ଆଣ ।
ରୋଗୀ ପାଇଁ ଏହା ଚିକିତ୍ସା ପଦ୍ଧତି
ସତ୍ୟରେ ଭରିବା ଏହି କଳସୀ
ଯୋଗୀ ପାଇଁ ଏହା ସାଧନା ମନ୍ତ୍ର
ଭୋଗୀ ପାଇଯିବେ ଜୀବନ୍ନ ମୁକ୍ତ ।

ମହାନଦୀବିହାର, କଟକ

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



## ଗଛ ଲଗାନ୍ତୁ * PLANT TREE

### ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ